R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୯୧
ତିଥି : ଚତୁର୍ଥୀ
୨୮ ଜୁଲାଇ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 291
28 Jully 2025,Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ୬ ଜିଲ୍ଲା ବନ୍ୟାପ୍ଲାବିତ

ଭୁବନେଶ୍ୱର,୨୭।୭ (ସବ୍ୟୁ):୨୦୨୫ରାଜ୍ୟରେ କିଛିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ୬ଟି ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ୧୧ ହଜାରରୁ ଊ-ର୍ ଲୋକ ପ୍ରଭାବିତ ହୋଇଥିବାବେଳେ ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି ।



- ୧୧ ହଜାରରୁ ଅଧିକ ଲୋକ ପ୍ରଭାବିତ
- ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ
- ୯ ଆଶ୍ରୟ ସ୍ଥଳରେ ହଜାରେ ଲୋକଙ୍କୁ ଥଇଥାନ
- ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ, ଏସ୍ଆର୍ସି

ବନ୍ୟା ପରିସ୍ଥିତି ନେଇ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତିରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସି ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ । ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ନିରାପଦ ଆଶ୍ରୟସ୍ଥଳିରେ ରଖିବା ଓ ରିଲିଫ୍ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଜୀବ ଭବନଠାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂହ କହିଲେ ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍ଡିଆର୍ଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍, ଗୋଟିଏ ଏନଡିଆର୍ଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

ସୁବର୍ଣ୍ଣରେଖା ନଦୀକୁ ଛାଡ଼ି ଅନ୍ୟ ସମସ୍ତ ନଦୀର ଜଳପତ୍ତନ ହ୍ରାସ ପାଇବାରେ ଲାଗିଛି । ସୁବର୍ଣ୍ଣରେଖାରେ ବନ୍ୟାଜଳକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି । ବୈତରଣୀ ଓ ଜଳକା ନଦୀରେ ଜଳପତ୍ତନ କମିବାରେ ଲାଗିଛି । ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରାତ୍ରକାଳୀନ ପେଟ୍ରୋଲିଙ୍ଗ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ବନ୍ୟାଞ୍ଚଳରେ ଜଳବିଶୋଧନ ଓ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାର ବ୍ୟବସ୍ଥା କରାଯିବା ସହ ଆବଶ୍ୟକ ପରିମାଣରେ ଆଣ୍ଟିଭେନମ୍ ମହଜୁଦ ରଖାଯାଇଛି । ଆବଶ୍ୟକତା ଅନୁଯାୟୀ ଲୋକମାନଙ୍କୁ ସ୍ଥିତି ସାମାନ୍ୟ ହେବା ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇଦିଆଯିବ । ଅତିରିକ୍ତ ରିଲିଫ୍ କମିଶନର ଶ୍ରୀ ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ପଠାଯାଇଛି । ଏହି ଅବସରରେ ଓସ୍ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର ଓ ଅତିରିକ୍ତ ରିଲିଫ୍ କମିଶନର ପଦ୍ମନାଭ ବେହେରାଙ୍କ ସମେତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଓ ଓସଡମାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଛୁଳିଲା ସୁବର୍ଣ୍ଣରେଖା

## ୪ ବ୍ଲକରେ ସ୍ଥିତି ଗମ୍ଭୀର

ଭୋଗରାଇ,୨୭।୭ (ସବ୍ୟୁ): ଝାଡ଼ଖଣ୍ଡର ମାଳାଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାର ନିମ୍ନ ଅବବାହିକରେ ୫ ମ ଥର ବନ୍ୟା ଦେଖାଦେଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜ ଠାରେ ବନ୍ୟାଜଳ ବୃଦ୍ଧିପାଇ ବିପଦସଂକେତ ୧୦.୩୬ ମି. ଉପରେ ପ୍ରବାହିତ ହେଉଛି । ରବିବାର ବିଳମ୍ବିତ ରାତି ସୁଦ୍ଧା ବନ୍ୟା ଜଳ ୧୧.୪୪ ମି ଧରିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ସୂଚନାଦେଇଛନ୍ତି ।ସୁବର୍ଣ୍ଣରେଖାର ବନ୍ୟାଜଳ ରବିବାର ସକାଳରୁ ଦୁଇକୁଳଲଘିଁ ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ସହ ମୟୁରଭଞ୍ଜର କେତେକ ପଞ୍ଚାୟତରେ ଊଣା ଅଧିକେ ପାଣି ପ୍ରବେଶ କରିଛି । ଅଦ୍ୟାବଧି ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଗାଁ ଗୁଡିକରେ ବନ୍ୟାପାଣି ଛାଡି ନଥିବାବେଳେ ପୁଣି ସୁବର୍ଣ୍ଣରେଖାରେ ୫ ମ ବନ୍ୟା ଲୋକଙ୍କ ଜନଜୀବନକୁ ଦୁର୍ବିସହ କରିଛି। ଅପରପକ୍ଷରେ ଭୋଗରାଇ ବ୍ଲକର ୨୦, ବାଲିଆପାଳ ବ୍ଲକର ୧୨ ଓ ଜଳେଶ୍ୱର ବ୍ଲକର ୬ ପଞ୍ଚାୟତର ଶତାଧିକ ଗାଁ ବନ୍ୟା ପ୍ଲାବିତ ହୋଇଥିବାରୁ ଲକ୍ଷାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି। । ଭୋଗରାଇ ଓ ବାଲିଆପାଳ ବ୍ଲକର ଗୋଟିଏ ଗାଁରୁ ଅନ୍ୟ ଗାଁ ବିଚ୍ଛିନ୍ନ ହୋଇଥିବାବେଳେ ମୁଖ୍ୟ ଓ ଗ୍ରାମରାସ୍ତା ଗୁଡିକ ପାଣିରେ ବୁଡି ଯାଇ ପାଣିର ସ୍ରୋତ ଛୁଟୁଛି ।ବନ୍ୟା ଘେରରେ ଥିବା ଲୋକେ ଅନ୍ୟ ଉଚ୍ଚ ପକ୍କା ଘରେ ଆଶ୍ରୟ ନେଇଥିବାବେଳେ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀରେ ଛୁଆପିଲା ଓ ଗୋବାଦୀ ପଶୁକୁ ନେଇଁ ଜୀବନ ବଞ୍ଚାଇବାକୁ ଚାଲିଯାଉଥିବାର ନଜରକୁ ଆସିଛି । ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସମସ୍ତ ବ୍ଲକରେ ଆଭାସୀ ମାଧ୍ୟମରେ ବିଡ଼ିଓ, ତହସିଲଦାର ଓ ସରକାରୀ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧ ରେ ସେଚ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ହଜାର ହଜାର ବାଲିବସ୍ତା ମହଜୁଦ ରଖାଯାଇଥିବା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକ ସୂଚନା ଦେଇଥିବାବେଳେ ନଦୀବନ୍ଧରେ ୨୪ ଘଣ୍ଟିଆ ସତର୍କ ଦୃଷ୍ଟି ରଖାଯାଇଥିବାର ସହକାରୀ ର୍ନିବାହୀଯନ୍ତ୍ରୀ ପ୍ରିୟବ୍ରତ ସିଂ,ବସନ୍ତ କୁମାର ବେହେରା ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ ଓ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସିଆଳ କହିଛନ୍ତି । ବନ୍ୟାଯୋଗୁଁ ତହସିଲ, ବ୍ଲକ, ସେଚ, ଡ୍ରେନେଜଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀର ଛୁଟି ବାତିଲ କରି ବନ୍ୟାଞ୍ଚଳରେ ଲୋକଙ୍କୁ ଉଦ୍ଧାର ଓ ସେବା କାର୍ଯ୍ୟରେ ନିୟୋଜିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।ବନ୍ୟା ଉଦ୍ଧାରକାରୀ ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ଯନ୍ତ୍ର ଚାଳିତ ଡ଼ଙ୍ଗା ମୁତୟନ କରାଯାଇଛି। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଓ ବ୍ଲକ ଚେୟାରମେନ ପ୍ରବୀର କୁମାର ଗିରି ରବିବାର ଅପରାହ୍ନରେ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ଅବିଳମ୍ବେ ଉଦ୍ଧାର ଓ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇଦେବାକୁ ସରକାରଙ୍କ ଠାରେ ଦାବି କରିଥିବାବେଳେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ବାଲେଶ୍ୱର ବନ୍ୟା ମୁକାବିଲା ନିମନ୍ତେ ସରକାରୀ କଳକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ମାଓବାଦୀଙ୍କ ମାଟି ତଳୁ ୩୫ ଲକ୍ଷ ଜବତ

ରାଉରକେଲା,(ସବ୍ୟୁ): ଗୁପ୍ତ ସୂଚନା ଆଧାରରେ ଝାରଖଣ୍ଡ ରାଜ୍ୟ ଚାଇବାସା ପୁଲିସ ସରଣ୍ଡା ଜଙ୍ଗଲ ଭିତରୁ ମାଟିତଳୁ ପ୍ରାୟ ୩୫ ଲକ୍ଷ ଟଙ୍କା ନଗଦ ଜବତ କରିଛି। ଉଦ୍ଧାର ଟଙ୍କାର ବଣ୍ଡଲଗୁଡ଼ିକ କାଗଜ ଏବଂ ପ୍ଲାଷ୍ଟିକରେ ଗୁଡ଼ାଯାଇଛି। ମୋଟ ୩୫ଟି ପୃଥକ ବଣ୍ଡଲ ରହିଛି । ଉଦ୍ଧାର ଟଙ୍କା ମାଓବାଦୀମାନେ ସୁରକ୍ଷା ବାହିନୀ ବିରୁଦ୍ଧରେ ଅଞ୍ଚଳରେ ଲ୍ୟାଣ୍ଡମାଇନ୍ ବିଛାଇବା ଏବଂ ବିସ୍ଫୋରକ କିଣିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଛି । ସମସ୍ତ ଟଙ୍କା ଏକ ଷ୍ଟିଲ୍ କ୍ୟାନରେ ରଖାଯାଇ ମାଟିରେ ପୋତି ଦିଆଯାଇଥିଲା।

ଉଦ୍ଧାର ସମସ୍ତ ଟଙ୍କା ଥାନାକୁ ନେବା ପରେ ଟଙ୍କା ଗଣନା କରାଯିବ। ପରେ ହିଁ ସଠିକ୍ ପରିମାଣ ଜଣାପଡିବ ବୋଲି କୁହାଯାଇଛି । ବର୍ତ୍ତମାନ, ଏହା ପ୍ରାୟ ୩୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ଅନ୍ୟ ଏକ ଘଟଣା କ୍ରମରେ ଗତ ତିନି ଦଶନ୍ଧି ଧରି ମାଓ ସଂଗଠନରେ ସକ୍ରିୟ ଥିବା ମାଓ ଦମ୍ପତି ଜୋରିଗେ ନାଗରାଜୁ ଓରଫ କମଲେଶ ଓ ତାଙ୍କ ପତ୍ନୀ ମେଦକା ଜ୍ୟୋତିଶ୍ୱରୀ ଓରଫ ଅରୁଣା ଆନ୍ଧ୍ର ପୁଲିସ ମହାନିର୍ଦ୍ଦେଶକ ହରିଶ କୁମାର ଗୁପ୍ତାଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ମାଓ ଦମ୍ପତିଙ୍କ ସୂଚନା ଆଧାରରେ ବିଭିନ୍ନ ସ୍ଥାନରୁ ପୁଲିସ ୧୮ଟି ବନ୍ଧୁକ ଓ ବିପୁଳ ମାଓ ସାମଗ୍ରୀ ଜବତ କରିଛି । ମାଓଦମ୍ପତିଙ୍କ ସୂଚନା ଆଧାରରେ ଆଲୁରି ସୀତାରାମରାଜୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଗୋଟିଏ ଏକେ-୪୭ ବନ୍ଧୁ, ୫ ଟି ଏସଏସଆର, ୨ଟି ଇନସାସ୍, ୨ଟି ବିଜିଏସ ସହ ୬୦୬ ରାଉଣ୍ଡ ଗୁଳି ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି ।

କମଲେଶ ପୂର୍ବ ବସ୍ତର ଡିଭିଜନ ମାଓ ସଙ୍ଗଠନର ପ୍ରଭାରୀ ସହ ଦଣ୍ଡକାରଣ୍ୟ ସ୍ପେଶାଲ ଯୋନାଲ କମିଟି ସଦସ୍ୟ ଭାବେ ସକ୍ରୀୟ ଥିଲେ । ୩୪ ବର୍ଷ ଧରି ମାଓ ସଂଗଠନରେ ସକ୍ରିୟ ଥାଇ ବହୁ ହିଂସାକାଣ୍ଡ ଘଟାଇ ଥିବା ବେଳେ ତାଙ୍କ ନାଁରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେହିପରିଅରୁଣା ଡିଭିଜନାଲ୍ କମିଟି ସଦସ୍ୟ ଏବଂ ମାଓ ସଙ୍ଗଠନର ମୋବାଇଲ୍ ଏକାଡେମିକ୍ ପଲିଟିକାଲ୍ ଅର୍ଗାନାଇଜେସନର ପ୍ରଭାରୀ ଥିଲେ । ଅରୁଣାଙ୍କ ନାଁରେ ଥିଲା ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ଥିଲା । ମାଓ ସଂଗଠନର ନୀତି ଏବଂ ବିଫଳତାରେ ନିରାଶ ହୋଇ ଉଭୟ ସାଧାରଣ ଜୀବନ ଯାପନ କରିବା ଲାଗି ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି ।

# ବନବାସୀ ଆଶ୍ରମ ପିଲାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ

## ଶୁଣିଲେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ'



ଭୁବନେଶ୍ୱର,୨୭।୭ (ସବ୍ୟୁ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ଆଶ୍ରମ ଅନ୍ତେବାସୀ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ରବିବାର ଥିଲା ୧୨୪ ତମ ଅଧ୍ୟାୟ । ମୁଖ୍ୟମନ୍ତ୍ରୀ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପିଲାଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ । ଏଥି ସହିତ ପିଲାମାନଙ୍କୁ ଭଲ ପାଠ ପଢି, କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେଛ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶ୍ରମ ପରିସରରେ ଏକ ନିମ୍ବ ବୃକ୍ଷ ଚାରା ମଧ୍ୟ ରୋପଣ କରିଥିଲେଛ ଆଜି ୧୨୪ ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳାମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ି ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମ ଦାୟିତ୍ୱ ବିଷୟରେ କେନ୍ଦୁଝର ଜିଲ୍ଲାର ନାମ ନେଇଛନ୍ତି । କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନ କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ ଯେ, ଆଜି ୧୨୪ ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ (୯ ପୃଷ୍ଠାରେ)

## ଯୁବତୀଙ୍କୁ ପ୍ରତାରଣା ମାମଲା

# ଜେଲ ଗଲେ ଅମରେଶ

ଭୁବନେଶ୍ୱର/ନୀଳଗିରି,୨୭।୭ (ସବ୍ୟୁ): ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତିରେ ବଳାତ୍କାର ପରେ ପ୍ରତାରଣା କରିଥିବା ବିଜେଡି କର୍ପୋରେଟର ଅମରେଶଙ୍କ ବିରୋଧରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ ପୀଡ଼ିତା । ୨୪ ତାରିଖରେ ଅଭିଯୋଗ

## ବିଜେଡିରୁ ନିଲମ୍ବିତ

ହୋଇଥିବାବେଳେ ଶନିବାର ରାତିରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ବ୍ରହ୍ମପୁର ଅଞ୍ଚଳ ବରମ୍ପୁରୁ ଅମରେଶଙ୍କୁ ଗିରଫ କରିଥିଲା କମିଶନରେଟ ପୋଲିସ । ରବିବାର ତାଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଅମରେଶଙ୍କୁ ଝାରପଡ଼ା ଜେଲ୍ ହାତକୁ ପଠାଇ ଦିଆଯାଇଛି । ଗିରଫ ହେବା ପରେ ଅମରେଶଙ୍କୁ ବିଜେଡି ଦଳରୁ ନିଲମ୍ବିତ କରିଛି ।



୨୪ ତାରିଖ ଦିନ ଲକ୍ଷ୍ମୀସାଗର ଥାନାରେ ଜଣେ ଯୁବତୀ ପହଞ୍ଚି ଅମରେଶଙ୍କ ବିରୋଧରେ ଏତଲା ଦାୟର କରିଥିଲେ । ଏତଲାରେ ସେ ଦର୍ଶାଇଥିଲେ, ନାବାଳିକା ଥିବାବେଳେ ୨୦୨୩ ମସିହା ଅମରେଶ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ । ପରେ ତାଙ୍କୁ ପ୍ରତାରଣା କରିଛନ୍ତି । ଯାହାଫଳରେ ସେ ଉପାୟଶୂନ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ନ୍ୟାୟ ନମିଳିଲେ ସେ ଆତ୍ମାହୁତି ଦେବେ ବୋଲି ଏତଲାରେ ଦର୍ଶାଇଥିଲେ । ଲକ୍ଷ୍ମୀସାଗର ଥାନା ପୋଲିସ ତାଙ୍କ ଏତଲା ଆଧାରରେ ମାମଲା ରୁଜୁ କରି ବୟାନ ରେକର୍ଡ଼ କରିବା ସହ ଡାକ୍ତରୀ ମାଇନା କରାଇଥିଲା ପୀଡ଼ିତାଙ୍କୁ । ଏହି ମାମଲାରେ ତଦନ୍ତ ଜାରି ରହିଥିବାବେଳେ (୯ ପୃଷ୍ଠାରେ)

# ମନସା ଦେବୀ ମନ୍ଦିରରେ ଦଳାଚକଟା: ୬ ମୃତ

ହରିଦ୍ୱାର,୨୭।୭: ଉତ୍ତରାଖଣ୍ଡର ହରିଦ୍ୱାରରେ ମନସା ଦେବୀ ମନ୍ଦିରରେ ରବିବାର ବହୁ ସଂଖ୍ୟକ ଶ୍ରଦ୍ଧାଳୁମାତାଙ୍କ ଦର୍ଶନ ପାଇଁ ମନ୍ଦିରରେ ପହଞ୍ଚିଥିଲେ । ସକାଳ ୬ଟାରେ ଏକ ଗୁଜବ ବ୍ୟାପିଗଲାଛ ଶ୍ରଦ୍ଧାଳୁମାନେ ଠେଲାପେଲା ହେବା ଆରମ୍ଭ କରିଥିଲେ । ତା'ପରେ କିଛି ସମୟ ମଧ୍ୟରେ ଦଳାଚକଟା ଆରମ୍ଭ ହୋଇ ଯାଇଥିଲା ଦଳାଚକଟାରେ ୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୫ ଜଣ ଗୁରୁତର ଆହତ ହୋଇଛନ୍ତ । ଆହତମାନଙ୍କୁ ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଛି । ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି । ଜିଲ୍ଲା ମାଜିଷ୍ଟ୍ରେଟ୍ ମୟୂର ଦୀକ୍ଷିତଦୁର୍ଘଟଣା ସହିତ ଜଡିତ



ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇଛନ୍ତି । ସେ କହିଛନ୍ତି, କହିଛନ୍ତି, କିଛି ଲୋକ ବିଦ୍ୟୁତ ତାର ସାହାଯ୍ୟରେ ଉପରକୁ ଚଢୁଥିଲେ । ତା'ପରେ ହଠାତ୍ ଏକ ଗୁଜବ ବ୍ୟାପିଗଲା । କେହି ଜଣେ ଖବର ପ୍ରଚାର କଲେ ଯେ ବିଦ୍ୟୁତ ତାରରେ କରେଣ୍ଟ ଅଛିଛ ଏବଂ ତା'ପରେ ଦଳାଚକଟା ହେଲା ।

ଥାନା ପ୍ରଭାରୀ ରିତେଶ ଶାହ ଦଳାଚକଟା (୯ ପୃଷ୍ଠାରେ)

# ଆର୍ଥିକ ଅନାଟନରୁ ୨୦ ହଜାର ଟଙ୍କାରେ ନବଜାତ ଶିଶୁ ବିକ୍ରୀ

- ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା
- ମଧ୍ୟସ୍ଥିକୁ ଟେକିନେଲା ଟିଟିଲାଗଡ଼ ପୋଲିସ
- ପାଇକମାଳ ଅଞ୍ଚଳରେ ବିକ୍ରି କଲେ ଦମ୍ପତି

ବଲାଙ୍ଗିର/ଟିଟିଲାଗଡ଼,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ନବଜାତ ଶିଶୁ କନ୍ୟା ବିକ୍ରି ଘଟଣା । ଟିଟିଲାଗଡ଼ ବ୍ଲକ ଭାଲେଗା ପଞ୍ଚାୟତ ବାଗଡେର ଗାଁର ନୀଳ ରଣାଙ୍କ ସ୍ତ୍ରୀ କନକ ରଣା ଗତ ଏକ ମାସ ପୂର୍ବେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ ।ହେଲେ ଆର୍ଥିକ ଅନାଟନ ଯୋଗୁଁ ପରିବାର ମୁହଁରେ ଦୁଇ ଓଳା ଖାଇବାକୁ ଯୋଗାଇ ଦେବା କଷ୍ଟକର ସାଜିଥିବା ବେଳେ ପୁଣି ଏକ ଶିଶୁକୁ କେମିତି ଲାଳନ ପାଳନ କରିବେ ସେନେଇ



ଚିନ୍ତାରେ ଥିଲେ ଦମ୍ପତି । ପୂର୍ବରୁ ମଧ ଜଣେ ଦେଢ଼ ବର୍ଷର ଶିଶୁ କନ୍ୟା ରହିଛି । ପରିବାରରେ ନୀଳ ରଣା ଏକ ମାତ୍ର ଦିନ ମଜୁରିଆ ରୋଜଗାର କରୁଥିବା ଯୁବକ । ପୂର୍ବି ସରକା ସମୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ରାସନ କାର୍ଡ ପାଇ ମାଗଣା ଚାଉଳ ପାଇ ଆସୁଥିଲେ । ଫଳରେ ପରିବାର କଷ୍ଟେ ମଷ୍ଟେ ଦୁଇ ବେଳା ଖାଇବାକୁ ପାଉଥିଲା । ହେଲେ ଏବେକାରି ସରକାର ଆସିବା ପରେ ଖାଦ୍ୟ ସୁରକ୍ଷା ଯୋଜନା ତାଲିକାରୁ ନୀଳ ରଣା ବାଦ ପଡ଼ିଥିଲେ । ଏକମାତ୍ର ଝାଟି ମାଟିରେ ତିଆରି ଘର । କେଉଁ ମୁହୂର୍ତ୍ତରେ ଘର ଭୁଶୁଡି ପଡିବ କହିବା ମୁସ୍କିଲ । ନା ପକ୍କା ଘର ଯୋଜନାରେ ସାମିଲ ହୋଇଛନ୍ତି ଆଉ ନା ରାସନ କାର୍ଡ ରହିଛି । ନା ଲେବର କାର୍ଡ ରହିଛି । ସରକାରୀ ଯୋଜନା ସତେ ଯେମିତି ସାତ ସପନ ପାଲଟିଛି । ଏମିତି ସ୍ଥଳରେ ବରଗଡ଼ ଜିଲ୍ଲା ପାଇକମାଳ ଅଞ୍ଚଳର ଜନୈକ ଦମ୍ପତିଙ୍କୁ ନିଜ ଜନ୍ମିତ ଶିଶୁ କନ୍ୟାକୁ ୨୦ ହଜାର ଟଙ୍କାରେ ବିକ୍ରି (୯ ପୃଷ୍ଠାରେ)



**ଏଭଳି ଅନେକ ଖାଦ୍ୟ ରହିଛି ଯାହାକୁ ଆମେ ଆମ ଦୈନନ୍ଦିନ ଜୀବନରେ ସାମିଲ କରିବାଫଳରେ ଆମ ସ୍ୱାସ୍ଥ୍ୟରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି ସମସ୍ତ ଖାଦ୍ୟ ଆମ ଶରୀରକୁ ଅନେକ ପୋଷକ ତତ୍ୱ ଯୋଗାଇଥାଏ । ଏହି ଗୁଡିକ ବିଭିନ୍ନ ରୋଗ ପାଇଁ ଖୁବ ଲାଭ ଦାୟକ ହୋଇଥାଏ । ଆସନ୍ତୁ ସେହିଭଳି କିଛି ସୁପରଫୁଡ ସମ୍ପର୍କରେ ଜାଣିବା ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭ ଦାୟକ ।**

# ସୁପରଫୁଡ



**ଫ୍ଲାକ୍ସ ସିଡ୍ସ–** ଫ୍ଲାକ୍ସ ସିଡସ୍‌ରେ ଅଧିକମାତ୍ରାରେ ଓମେଗା ୩ର ମାତ୍ରା ଖୁବ ଅଧିକ ରହିଥାଏ । କେବଳ ଓମେଗା ୩ ନୁହେଁ ଏହା ସହିତ ଫାଇବାରର ମାତ୍ରା ଅଧିକ ଥିବାରୁ ହଜମରେ ଖୁବ ସହାୟକ ହୋଇଥାଏ । ସେହିଭଳି ଏହା ଆମର ହାର୍ଟ ହେଲଥ ପାଇଁ ମଧ ଭଲ ହୋଇଥାଏ । ତେଣୁ ଏହାକୁ ସବୁଦିନର ଖାଦ୍ୟ ସହିତ ସାମିଲ କରନ୍ତୁ ।

**କନ୍ଦମୂଳ–** କନ୍ଦମୂଳର ସ୍ୱାଦ ଖୁବ ଭଲ ହୋଇଥାଏ । ଏହାକୁ ପୋଡି କିମ୍ବା ସିଝାଇ ଖାଇଲେ ଏହା ଖୁବ ରୁଚିକର ହୋଇଥାଏ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଓ ଫାଇବରର ମାତ୍ରା ଅଧିକ ଥାଏ ଯାହା ଏହାକୁ ପୋଷକ ତତ୍ୱରେ ଭରପୂର କରିଥାଏ । ସେହିଭଳି ଏଥିରୁ ଗୋଟିଏ ଖାଇଲେ ଆପଣଙ୍କୁ ଭୋକ କମ ଲାଗିଥାଏ ତେଣୁ ଆପଣ ଅନ୍ୟ ଜଙ୍କଫୁଡ ଖାଇବାରୁ ବଞ୍ଚିଥାଆନ୍ତି ।

**ଓଟସ୍–** ଏହା ଆମର ବ୍ୟାଡ୍ କୋଲଷ୍ଟ୍ରୋଲ ଲେବଲ କମାଇବାକୁ ବିଶେଷ ସହାୟକ ହୋଇଥାଏ । ଏହାସହ ଆମ ଏନର୍ଜି ଲେବଲକୁ ମଧ ବୁଷ୍ଟ କରିଥାଏ । ଏହାକୁ ସକାଳ ଜଳଖିଆରେ ସାମିଲ କରନ୍ତୁ ଖୁବ ଲାଭ ମିଳିବ ।

**ଗାଜର–** ଗାଜର ଏଭଳି ଏକ ପରିବା ଯେଉଥିରେ ଖୁବ ପୋଷକ ତତ୍ୱ ଭରି ରହିଥାଏ । ଏହା ଆମର ଦୃଷ୍ଟି ଶକ୍ତି, ଚର୍ମ, ରୋଗପ୍ରତିରୋଧକ ଶକ୍ତି ଆଦିକୁ ବଢାଇବାରେ ବିଶେଷ ସହାୟକ ହୋଇଥାଏ । ସେହିଭଳି ଏହାକୁ ରୋଷେଇ କରିବା ମଧ ଖୁବ ସହଜ ହୋଇଥାଏ ତେଣୁ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ ଲାଭ ମିଳିବ ।

**ବାଦାମ–** ବର୍ଷାଦିନ ଆସିଲେ ଖୋଜାପଡେ ଭଜା ବାଦାମ । ହେଲେ କେବଳ ବର୍ଷାଦିନେ ନୁହେଁ ବରଂ ଏହାକୁ ସବୁଦିନ ନିଜ ଖାଦ୍ୟରେ ସାମିଲ କରନ୍ତୁ । ଏହା ମାଂସପେଶୀର ଶକ୍ତିକୁ ବଢାଇବାକୁ ଖୁବ ସାହାଯ୍ୟ କରିଥାଏ । ଏହାସହ କ୍ରେଭିଂକୁ କମାଇବାରେ ମଧ ଏହା ସାହାଯ୍ୟ କରିଥାଏ ।


## ହାହାଃ.. ହାହାଃ..

ଶିକ୍ଷକ – ଦୁନିଆର ସବୁଠାରୁ ଅଧିକ ବେଗରେ କୌଣସି ସାମଗ୍ରୀ ଗତି କରିବା ପାଇଁ କ'ଣ କାର୍ଯ୍ୟ କରିଥାଏ ?

ପିଣ୍ଟୁ – ସାର୍ ଭୋକ ।

ଶିକ୍ଷକ – କିପରି ?

ପିଣ୍ଟୁ – କାରଣ ମୋତେ ଭୋକ ଲାଗିଲେ ହିଁ ମୁଁ ସବୁଠାରୁ ଅଧିକ ବେଗରେ ଗତି କରିଥାଏ ।



## ସୋସିଆଲ କୋଟ୍ସ



"ଫିଲ୍ମ ହାଇୱେ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା । ବାପା ମହେଶ ଭଟ୍ଟଙ୍କର ଇମତିଆଜ ଅଲ୍ଲୀଙ୍କ ଉପରେ ଭରସା ଥିଲା । ଏହି ଫିଲ୍ମ ପାଇଁ ମୋ କ୍ୟାରିୟରରେ ଖୁବ ପରିବର୍ତ୍ତନ ହୋଇଛି ।

ଆଲିଆ ଭଟ୍ଟ, ଅଭିନେତ୍ରୀ



"ଏଆଇ କାରଣରୁ ଭଏସ୍ ଓଭର ଆର୍ଟିଷ୍ଟଙ୍କୁ ଅନେକ କ୍ଷତି ସହିବାକୁ ପଡୁଛି । ସରକାରଙ୍କୁ ଏଆଇର ବ୍ୟବହାରକୁ ନେଇ ନିୟମ ଲାଗୁ କରିବାର ଆବଶ୍ୟକତା ରହିଛି ।


ବିଜୟ ବିକ୍ରମ ସିଂ, ଭଏସ୍ ଆର୍ଟିଷ୍ଟ



"ଫିଲ୍ମ ଅଜନବିର ସେଟ୍‌ରେ ବିପାଶା ଓ କରୀନାଙ୍କ ମଧରେ ଅନେକ ସମୟରେ ଯୁକ୍ତିତର୍କ ହେଉଥିଲା । ଉଭୟ ଗୋଟିଏ ଡିଜାଇନରଙ୍କୁ ନେବାକୁ ଚାହୁଁଥିଲେ, ଯାହା ସମସ୍ୟା ସୃଷ୍ଟି କରୁଥିଲା ।

ଅମିତା ନାଙ୍ଗିଆ, ଅଭିନେତ୍ରୀ

# ବିଶ୍ୱ ହେପାଟାଇଟିସ୍ ଦିବସ



ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ହେପାଟାଇଟିସ୍ ଦିବସ । ଏହି ଦିବସ ପାଳନର ଏକମାତ୍ର ଉଦ୍ଦେଶ୍ୟ ଲୋକମାନଙ୍କ ଭିତରେ ଏହି ରୋଗକୁ ନେଇ ସଚେତନତା ସୃଷ୍ଟି କରିବା । ଏହାର ଅନେକ ପ୍ରକାର ରହିଥାଏ ଯଥା ହେପାଟାଇଟିସ ଏ,ବି,ସି, ଡି ଏବଂ ଇ । ଏହି ରୋଗରେ ପ୍ରତିବର୍ଷ ଅନେକ ଲୋକ ପୀଡିତ ହେବା ସହିତ ପ୍ରାଣ ମଧ ହରାଇଥାଆନ୍ତି । କିଛି ଦେଶରେ ଏହା ଗମ୍ଭୀର ରୋଗର କାରଣ ମଧ ସାଜିଥାଏ । ହେପାଟାଇଟିସ ଏଭଳି ଏକ ରୋଗ ଯାହା ଆମର ଯକୃତରେ ସଂକ୍ରମଣ ହୋଇଥାଏ । ୨୦୦୪ରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ ପୂର୍ବ ରାଷ୍ଟ୍ରର କେତେକ ସଂସ୍ଥା ଏହି ଦିବସ ପାଳନ ପାଇଁ ଆଲୋଚନା ଆରମ୍ଭ କରିଥିଲେ । ୨୦୦୮ରେ ବିଶ୍ୱ ହେପାଟାଇଟିସ ଦିବସ ପାଳନର ଘୋଷଣା କରାଯାଇଥିଲା । ହେଲେ ହେପାଟାଇଟିସ ବି ଭୂତାଣୁକୁ ଆବିଷ୍କାର କରିଥିବା ଏବଂ ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲଙ୍କ ଜନ୍ମଦିନ ଅର୍ଥାତ ଜୁଲାଇ ୨୮କୁ ହେପାଟାଇଟିସ୍ ଦିବସ ରୂପେ ପାଳନ କରାଯାଇଥାଏ । ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ରୋଗର ଲକ୍ଷଣ ଓ କାରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ ।

# ଧର୍ମମାସ ଶ୍ରାବଣ



ପ୍ରାଚୀନ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ଦିନ ପବିତ୍ର । ବିଶେଷତଃ, ଶିବ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାପାଠ କରାଯାଏ । ଏହି ମାସର ସୋମବାରଗୁଡ଼ିକ ମହତ୍ୱପୂର୍ଣ୍ଣ ହୋଇଥାଏ । ଶ୍ରାବଣ ମାସର ଜଳାଭିଷେକକୁ ରୁଦ୍ରାଭିଷେକ କୁହାଯାଏ । ଏହି ମାସରେ ଶିବଙ୍କର ରୁଦ୍ର ଅବତାରଙ୍କୁ ପୂଜା କରିବା ବିଧି । ଯାହାଦ୍ୱାରା କାମନା ପୂରଣ ହୁଏ ଏବଂ ସମୃଦ୍ଧି ପ୍ରାପ୍ତ ହୁଏ । ନିଜର ସମସ୍ତ ପାପ ଧୋଇବା ଲାଗି ଏହି ମାସରେ ରୁଦ୍ରାଭିଷେକ କରାଯାଏ । ଦୁଗ୍ଧ ମହୁ, ବେଲପତ୍ର, ଦଧି, ଶର୍କରା, ଘୃତ ଓ ପୁଷ୍ପ ଅର୍ପଣ କରାଯାଏ । ଶ୍ରାବଣ ମାସର ଶନିବାରଗୁଡ଼ିକ ମଧ୍ୟ ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଏହି ଶନିବାରଗୁଡ଼ିକରେ ଶନିଦେବଙ୍କୁ ପୂଜା କଲେ ଶନିଦଶାରୁ ମୁକ୍ତି ମିଳେ । ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ ପ୍ରିୟ କୁହାଯାଏ । ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ । ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ । ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ । ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ । ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି । ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ । ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି । ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି । ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରେମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି ।



ବିକ୍ରମ କେଶରୀ ବିଶ୍ୱାଳ, ମୋ: ୯୯୩୮୫୩୬୦୭୬

# ପ୍ରେମିକାଙ୍କୁ ଦେବେ ସମୟ

ବିଜୟ ଦେବରକୋଣ୍ଡା ଓ ରଶ୍ମିକା ମନ୍ଦାନାଙ୍କ ସମ୍ପର୍କକୁ ନେଇ ଅନେକ ସମୟରେ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳିଥାଏ । ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଥିବା କଥା ନେଇ ଫ୍ୟାନ୍‌ମାନେ ଆଲୋଚନା କରନ୍ତି । ଉଭୟଙ୍କୁ ଏକାଠି ଛୁଟି କାଟୁଥିବାର ମଧ ଦେଖିବାକୁ ମିଳିଥାଏ । ହେଲେ ଉଭୟ ଏହାକୁ ଏବେଯାଏଁବି ଅଫିସିଆଲି ଆପ୍ରୁଭ କରି ନାହାନ୍ତି । ଉଭୟଙ୍କ ଭିତରେ ବନ୍ଧୁତା ଥିବା କଥା କହି ଉଭୟ ଏହାକୁ ଏଡାଇ ଯାଇଥାଆନ୍ତି । ହେଲେ ବର୍ତ୍ତମାନ ବିଜୟଙ୍କ ମନ୍ତବ୍ୟ ବର୍ତ୍ତମାନ ଏହି ଚର୍ଚ୍ଚାକୁ ପୁଣି ଖୋରାକ ଯୋଗାଇଛି । ନିକଟରେ ବିଜୟ କହିଛନ୍ତି ପ୍ରେମିକାଙ୍କ ସହିତ ଅଧିକ ସମୟ ବିତାଇବାକୁ ତାଙ୍କର ଇଚ୍ଛା । ବିଗତ କିଛି ବର୍ଷ ହେବ ସେ ନିଜ ପରିବାର ଓ ପ୍ରେମିକାଙ୍କ ସହିତ ସମୟ ବିତାଇ ନାହାନ୍ତି । ତେଣୁ ବର୍ତ୍ତମାନ ସେ ସେମାନଙ୍କ ସହିତ ସମୟ ବିତାଇବାକୁ ଚାହାନ୍ତି ବୋଲି ବିଜୟ ମତ ଦେଇଛନ୍ତି । ଯାହା ପରେ ରଶ୍ମିକା ଓ ତାଙ୍କ ସମ୍ପର୍କ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି । ଏପରି ଆଲୋଚନା ହେଉଛି କି ବିଜୟ ପରୋକ୍ଷରେ ଏହି ସମ୍ପର୍କରେ ମୋହର ମାରିଛନ୍ତି । ତେବେ ଖୁବଶୀଘ୍ର ଏହି ସମ୍ପର୍କ ବିଷୟରେ ଜଣା ପଡିଯିବ ବୋଲି ମତ ପ୍ରକାଶ ପାଇଛି ।



# ବଦଳିଲା 'ବିଗ୍ ବସ' ଲୋଗୋ

ରିଆଲିଟି ଶୋ ବିଗ୍‌ବସର ଲୋଗ ବର୍ତ୍ତମାନ ଚର୍ଚ୍ଚାରେ ରହିଛି । ଚଳିତ ସିଜିନରେ ଏହି ଶୋର ଲୋଗୋ ବଦଳିଥିବାର ଦେଖିବାକୁ ମିଳିଛି । ଯାହାର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ନୂଆ ପ୍ରୋମକୁ ହଟ୍‌ଷ୍ଟାରରେ ରିଲିଜ କରାଯାଇଛି, ଯାହା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଶୋକୁ ନେଇ ଏହା ହେଉଛି ପ୍ରଥମ ଘୋଷଣା ଯାହାକୁ ଫ୍ୟାନମାନେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଲୋଗୋର ରଙ୍ଗ ଓ ଷ୍ଟାଇଲ୍‌କୁ ସମସ୍ତେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଏଥରର ସିଜିନ୍ ଖୁବ ଇଣ୍ଟ୍ରେଷ୍ଟିଂ ହେବ ବୋଲି ଫ୍ୟାନମାନେ ଆକଳନ କରିବା ଆରମ୍ଭ କରିଛନ୍ତି ।




## ଇତିହାସ

୧୮୫୮– ପରିଚୟ ପାଇଁ ହସ୍ତାକ୍ଷର ବଦଳରେ ଫିଙ୍ଗର୍‌ପ୍ରିଣ୍ଟ ବ୍ୟବହାର କରିଥିବା ପ୍ରଥମ ବ୍ୟକ୍ତି ସାର୍ ୱିଲିୟମ୍ ଜେମ୍ସ ହର୍ଶଲଙ୍କ ଜନ୍ମ ।

୧୯୧୪– ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ।

୧୯୨୫– ହେପାଟାଇଟିସ୍ ଟିକା ସନ୍ଧାନ କରିଥିବା ନୋବେଲ ପୁରସ୍କାରପ୍ରାପ୍ତ ବାରୁକ ବ୍ଲମ୍‌ବର୍ଗଙ୍କ ଜନ୍ମ । ତାଙ୍କ ସ୍ମୃତିରେ ଆଜିର ଦିନକୁ ବିଶ୍ୱ ହେପାଟାଇଟିସ୍ ଦିବସ ରୂପେ ପାଳନ କରାଯାଏ ।

୧୯୨୭– ଓଡିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ରାମେଶ୍ୱର ଠାକୁରଙ୍କ ଜନ୍ମ ।

୧୯୮୩– ବାଣିଜ୍ୟିକ ସଞ୍ଚାର ଉପଗ୍ରହ ଟେଲ୍‌ସଟାର–୩ଏର ପ୍ରକ୍ଷେପଣ କଲା ନାସା ।

୨୦୧୬– ଭାରତୀୟ ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ଲେଖିକା ମହାଶ୍ୱେତା ଦେବୀଙ୍କ ପରଲୋକ ।

# ପୋଷାଜୀବଙ୍କ ପାଇଁ କାଫେ

ସାଧାରଣତଃ ହୋଟେଲ କିମ୍ବା କାଫେରେ ପୋଷା ଜୀବଙ୍କୁ ନେଇ ଯିବାପାଇଁ ଅନୁମତି ନଥାଏ । ଏଥିପାଇଁ ଅନେକ ଲୋକ ଦୁଃଖ ମଧ ପ୍ରକାଶ କରନ୍ତି । ସେମାନେ ସବୁବେଳେ ନିଜ ପୋଷା ଜୀବଙ୍କ ସହିତ କୌଣସି କାଫେରେ ବସି ଖାଇବାର ସ୍ୱପ୍ନ ଦେଖନ୍ତି ହେଲେ ଏହା ପୂରା ହୋଇପାରି ନଥାଏ । ହେଲେ ବର୍ତ୍ତମାନ ସେମାନଙ୍କର ଏହି ସ୍ୱପ୍ନ ପୂରଣ ହୋଇପାରିବ । ହାଇଦ୍ରାବାଦରେ ଥିବା ଏକ ନିଆରା କାଫେ ଏହି ସୁଯୋଗ ପ୍ରଦାନ କରୁଛି । ଏଠାରେ ସମସ୍ତେ ନିଜର ପୋଷାଜୀବଙ୍କ ସହିତ କାଫେରେ ବସି ଖାଦ୍ୟ ଖାଇପାରିବେ । ଏହି କାଫେଟିରେ ପଶୁଙ୍କ ପାଇଁ ସମ୍ପୂର୍ଣ୍ଣଭାବେ ଘରୋଇ ପରିବେଶ ସୃଷ୍ଟି କରାଯାଇଛି । କୁକୁରଙ୍କ ପାଇଁ ଓ ବିଲେଇଙ୍କ ପାଇଁ ଭିନ୍ନଭିନ୍ନ ବ୍ୟବସ୍ଥା କରାଯାଇଛି । ବିଲେଇଙ୍କ ପାଇଁ ମୋଟାଗଦିର ବ୍ୟବସ୍ଥା କରାଯାଇଛି ଯେଉଁଠି ସେମାନ ବସି ଖାଇପାରିବେ । ସେହିଭଳି କାଫେଟିକୁ ଖୁବ ସୁନ୍ଦରଭାବେ ସଜା ମଧ ଯାଇଛି । ସେହିଭଳି ଏମାନଙ୍କ ମେନ୍ୟୁ ମଧ ଉଭୟ ମାଲିକ ଓ ପୋଷା ଜୀବଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ଉଭୟ ଶାକାହାରୀ ଓ ମାଂସାହାରୀ ମେନ୍ୟୁ ଏଠାରେ ରହିଛି । ଚିକେନ୍,ଅଣ୍ଡା, ଭାତ, ଗ୍ରିଲ୍ଡ ପରିବା, ସାଣ୍ଡୱିଚ୍ ଭଳି ଖାଦ୍ୟ ମେନ୍ୟୁରେ ସାମିଲ ଅଛି । ସ୍ଥାନୀୟ ଲୋକ ବର୍ତ୍ତମାନ ଏହି କାଫେର ମଜା ନେଉଥିବା ଦେଖିବାକୁ ମିଳୁଛି ।



## ୧୨୪ ତମ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ

# ପାରମ୍ପାରିକ ସମାଜକୁ ନୂତନ ଦିଗ ଦେବାର ଶକ୍ତି ରଖିଛି : ମନମୋହନ



ଭୁବନେଶ୍ୱର, (ସବ୍ୟୁ): ଭାରତ ବର୍ଷରେ କିଛି ଅସମ୍ଭବ ନୁହେଁ। ଭାରତ ବର୍ଷରେ ଯେଉଁ ଜ୍ଞାନ ଓ ଅନୁଭବର ଶକ୍ତି ରହିଛି, ତାର ଶତ ପ୍ରତିଶତ ବିନିଯୋଗ ହେବା ଉଚିତ। ଦିନ ପ୍ରତିଦିନର ଶାସନ ସଂପର୍କିତ ବିଷୟଗୁଡ଼ିକୁ ସାଧାରଣ ଲୋକଙ୍କ ଭିତରେ ଆଲୋଚନା କରିବା ଉଦ୍ଦେଶ୍ୟରେ ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମନ୍ କି ବାତ୍ ବାସ୍ତବରେ ପ୍ରେରଣାଦାୟୀ ଓ ଉତ୍ସାହିତ କାର୍ଯ୍ୟକ୍ରମ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମୟୁରଭଞ୍ଜରେ୬୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳାମାନେ ସାନ୍ତାଳୀ ଶାଢ଼ୀକୁ ପୁଣି ଥରେ ଜୀବନ୍ତ କରିଥିବାର ସଫଳ ଗାଥା ଦେଖିବାକୁ ମିଳିଛି।। ଏବେ ଏହି ମହିଳାମାନେ ପ୍ରତି ମାସରେ ହଜାର ହଜାର ଟଙ୍କା ଆୟ କରୁଛନ୍ତି। ସେମାନେ କେବଳ ବସ୍ତ୍ର ବୁଣୁ ନାହାନ୍ତି, ବରଂ ନିଜ ଅସ୍ତିତ୍ୱ ଓ ପରିଚୟକୁ ନୂଆ ଆକାର ଦେଉଛନ୍ତି ବୋଲି ଶ୍ରୀ ମୋଦି ନିଜ ବାର୍ତ୍ତାରେ କହିଛନ୍ତି। ସେହିପରି କେନ୍ଦୁଝରରେ କୀର୍ତ୍ତନ ମାଧ୍ୟମରେ ଜଙ୍ଗଲ ଅଗ୍ନିକାଣ୍ଡ ବିଷୟରେ ସଚେତନତା ଭଳି ଅଦ୍ଭୁତ ପଦକ୍ଷେପ ଦେଖାଯାଉଛି। ଭକ୍ତି ସଙ୍ଗୀତ ପରିବେଷଣ କରି ପ୍ରମିଳା ପ୍ରଧାନଙ୍କ ନେତୃତ୍ୱରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି। ଜଙ୍ଗଲ ଅଗ୍ନିକାଣ୍ଡର ଭୟାଭୟତା ସଂପର୍କରେ ଓ ଜଙ୍ଗଲ ପରିବେଶ ସୁରକ୍ଷା ପାଇଁ ଗାଁ ଗାଁ ବୁଲି ପାରଂପାରିକ ଗୀତଗୁଡ଼ିକୁ ନୂତନ ଶବ୍ଦ ଓ ବାର୍ତ୍ତା ସହିତ କୀର୍ତ୍ତନ ଜରିଆରେ ଲୋକଙ୍କୁ ବୁଝାଉଛନ୍ତି। ପାରପାଂରିକ ଲୋକ କଳାକୃତି କେବଳ ଅତୀତର ଅଂଶ ନୁହେଁ, ବରଂ ସମାଜକୁ ଏକ ନୂତନ ଦିଗ ଦେବାର ଶକ୍ତି ରଖିଛି। ଏଥି ସହ କ୍ରୀଡା, ମହାକାଶ ବିଜ୍ଞାନ, ଚାଷ ଆଦି କ୍ଷେତ୍ରରେ ରହିଥିବା ଭାରତ ବର୍ଷର ସମ୍ଭାବନାକୁ ମଧ ଦୋହରାଇଛନ୍ତି। ଏହା ନିଶ୍ଚିତ ଭାବେ 'ବିକଶିତ ଓଡିଶା, ବିକଶିତ ଭାରତ' ଗଠନ ଦିଗରେ ପାହାଚ ସଦୃଶ ବୋଲି ଶ୍ରୀ ସାମଲ କହିଛନ୍ତି। ମାନନୀୟ ରାଜ୍ୟ ସଭାପତି ମନମୋହନ ସାମଲ ଆଜି ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଲାଶପଲ୍ଲୀସ୍ଥିତ ୧୧୪ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ସେହିପରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉତ୍ତର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଂଚେଶ୍ୱର ଶିଳ୍ପାଂଚଳସ୍ଥିତ ୧୮୯ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର ଉତ୍ତର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଶୈଳଶ୍ରୀ ବିହାରସ୍ଥିତ ୬୭ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ସେହିଭଳି ଅଜି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରମୁଖ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ବୁଥରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ।

# କାଦୁଅରେ ଫସିଗଲା ଆମ୍ବୁଲାନ୍ସ, ପ୍ରସୂତି ଛଟପଟ

ସୁନ୍ଦରଗଡ଼, (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲାରେ ଜାତୀୟ ରାଜପଥ ମଝିରେ ଜନନୀ ଯନ୍ତ୍ରଣା । କାଦୁଅରେ ଫସିଗଲା ବାଇକ୍ ଆମ୍ବୁଲାନ୍ସ । ସୁନ୍ଦରଗଡ଼ ଜିଲ୍ଲାର ଖଣି ଅଞ୍ଚଳ କୋଇଡାରୁ ଆସିଛି ସ୍ୱାସ୍ଥ୍ୟସେବାର କରୁଣ କାହାଣୀ । ଆମ୍ୱୁଲାନ୍ସ ବାଇକର ବକ୍ସ ଭିତରେ ଫସି ରହିଲେ ମାଆ ଓ ନବଜାତକ ଶିଶୁ । କୋଇଡା ଖଣି ଅଞ୍ଚଳର ଲାଇଫ୍ ଲାଇନ୍ କୁହାଯାଉଥିବା ୫୨୦ ଜାତୀୟ ରାଜପଥରେ ସ୍ଥିତି ଏବେ ଏମିତି ହେଲାଣି ଯେ ଗାଡ଼ି ଠିକ୍ ରେ ଯାଇପାରୁନି । ସୂଚନା ଅନୁସାରେ ଗତ ୨୪ତାରିଖ ରକ୍ସି ପୁରୁଣାପାଣିର ପ୍ରସୂତି ମୁଗାନ୍ତି ସିଂ ପ୍ରସବ ପାଇଁ କେ.ବଲାଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ର ଆସିଥିଲେ । ପ୍ରସବ ପରେ ହସ୍ପିଟାଲରୁ ଡିସଚାର୍ଜ କରିଥିଲେ ଡାକ୍ତର ।କେ.ବଲାଙ୍ଗ ପିଏଚସିର ବାଇକ୍ ଆମ୍ବୁଲାନ୍ସ ନବଜାତକ ଶିଶୁ ଓ ମାଆକୁ ନେଇ ତାଙ୍କ ଗ୍ରାମ ପୁରୁଣାପାଣିକୁ ବାହାରିଥିଲେ । କିଛି ବାଟ ଆସିଲା ପରେ ରକ୍ସି ରେଳ ଫାଟକ ନିକଟସ୍ଥ ୫୨୦ ଜାତୀୟ ରାଜପଥର କାଦୁଅରେ ଫସିଯାଇଥିଲା ଆମ୍ବୁଲାନ୍ସ । ବହୁ ସମୟ ଧରି ଯେତେ ଚେଷ୍ଟା କଲେ କାଦୁଅରୁ ବାଇକ ଆମ୍ୱୁଲାନ୍ସ ବାହାରି ପାରିନଥିଲା । ଏହାଦେଖି ରାସ୍ତାରେ ଯାଉଥିବା ଯାତ୍ରୀବାହୀ ବସ୍, ଛୋଟଗାଡି ଅଟକିଯାଇଥିଲେ । ଯାତ୍ରୀମାନେ କାଦୁଅରେ ପଶି ବାଇକ୍ ଆମ୍ବୁଲାନ୍ସକୁ କାଦୁଅରୁ ବାହାର କରିବା ପରେ ମାଆ ଓ ନବଜାତକ ଶିଶୁକୁ ନେଇ ପୁରୁଣାପାଣି ଗାଁରେ ଛାଡିଥିଲା ବାଇକ୍ ଆମ୍ବୁଲାନ୍ସ । ତେବେ କେବଳ ଆମ୍ବୁଲାନ୍ସ ଏଠାରେ ଫସିନଥିଲା ବରଂ ଗତ କିଛିଦିନ ହେଲାଣି ରାଜ୍ୟର ଅନେକ ଜିଲ୍ଲାରୁ ଆମ୍ବୁଲାନ୍ସର ଏମିତି ଚିତ୍ର ସାମ୍ନାକୁ ଆସୁଛି । ଖୋର୍ଦ୍ଧା ବାଲିପାଟଣାରେ ବି ଆମ୍ବୁଲାନ୍ସ କେମିତି ଡେରି କଲା ସେନେଇ ଖବର ପ୍ରକାଶ ପାଇଥିଲା । ଜେସିବିରେ ମୂର୍ଚ୍ଛା ହୋଇ ଶୋଇଥିଲେ ଆହତ ଶ୍ରମିକ । ଶ୍ରମିକଙ୍କୁ ନିଆଯାଉଛି ଡାକ୍ତରଖାନା । ଖୋର୍ଦ୍ଧା ବାଲିପାଟଣା ଅଠାନ୍ତର ନୂଆଗାଁ ନିକଟରେ ଏକ ପାଚେରି ଭୁଶୁଡ଼ି ପଡ଼ିବାରୁ ୩ ଶ୍ରମିକ ଗୁରୁତର ହୋଇପଡିଥିଲେ ।

୧୦୮ ଆମ୍ବୁଲାନ୍ସକୁ ବାରମ୍ବାର ଯୋଗାଯୋଗ କଲେ ବି ପହଞ୍ଚିପାରିନଥିଲା । ଶେଷରେ ସ୍ଥାନୀୟ ଲୋକେ ଦୁଇ ଶ୍ରମିକଙ୍କୁ ଜେସିବି ଓ ଆଉ ଜଣଙ୍କୁ ବାଇକ ସହାୟତାରେ ବାଲିପାଟଣା ମେଡିକାଲକୁ ନେଇଥିଲେ । ଶ୍ରମିକ ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲ ନେବାକୁ କହିଥିଲେ ଡାକ୍ତର । ଆହତ ଶ୍ରମିକଙ୍କୁ ସ୍ଥାନାନ୍ତର କରିବା ପାଇଁ ୧୦୮ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିଥିଲା । ଆଉ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଲା ବେଳକୁ ସବୁ ସରିଯାଇଥିଲା । ଡାକ୍ତର ଦୁଇ ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଏଠାରେ କେବଳ ଆମ୍ବୁଲାନ୍ସକୁ ଦୋଷ ଦିଆଯାଉନାହିଁ ବରଂ ରାଜ୍ୟରେ ଥିବା ଜାତୀୟ ଓ ରାଜ୍ୟପଥର ସ୍ଥିତି ଏମିତି ହେଲାଣି ଠିକ୍ ସମୟରେ ରୋଗୀଙ୍କ ପାଖରେ ପହଞ୍ଚିପାରୁନି ଆମ୍ବୁଲାନ୍ସ ।

## ପଲସର ଆତଙ୍କ : ମହିଳାଙ୍କ ବେକରୁ ସୁନା ଚେନ ଲୁଟ

ନିମାପଡା,(ସବ୍ୟୁ) ପଲସର ବାଇକରେ ଆସି ନିମାପଡା ଥାନା ଅନ୍ତର୍ଗତ ଶ୍ରୀମୁଖ ବେହେରା ସାହିର ଜଣେ ମହିଳାଙ୍କ ବେକରୁ ଏକ ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇ ଯାଇଛନ୍ତି ଦୁଇ ଜଣ ଦୁର୍ବୃତ୍ତ। ପ୍ରକାଶ ଯେ, ଉକ୍ତ ଗ୍ରାମର ରଜନୀ ପ୍ରଭା ବେହେରା ନିଜ ଘର ବାରଣ୍ଡାରେ ବସିଥିବା ବେଳେ କଳାନାଲି ରଙ୍ଗ ମିଶା ଥିବା ଏକ ପଲସର ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ଏକ ୨ଭରି ଓଜନର ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଛନ୍ତି। ଏସଂପର୍କରେ ଲୁଟର ଶୀକାର ହୋଇଥିବା ମହିଳାଙ୍କ ପୁଅ ରଶ୍ମି ରଂଜନ ସଂଧାରେ ନିମାପଡା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

# ବିଏସ୍ଏନ୍ଏଲ୍ ସେବା ରାଜଧାନୀରେ ଦୁର୍ବଳ

ଭୁବନେଶ୍ୱର, (ତଥ୍ୟ) ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ୍) ଗ୍ରାହକମାନେ ଏବେ ହଟହଟା। ଖୋଦ୍ ରାଜଧାନୀରେ ଗ୍ରାହକମାନେ ଭଲରେ ଟିକେ କଥାବାର୍ତ୍ତା ହୋଇପାରୁନଥିବାବେଳେ ଅଧିକାଂଶ ସ୍ଥାନରେ ଇଣ୍ଟରନେଟ୍ କାମ କରୁନାହିଁ। ଫଳରେ ବାଧହୋଇ ଗ୍ରାହକମାନେ ଅନ୍ୟ କମ୍ପାନୀ ମୁହାଁ ହେବାରେ ଲାଗିଛନ୍ତି। ରାଜ୍ୟ ରାଜଧାନୀରେ ଏବେ ରାଷ୍ଟ୍ରାୟତ ସଂସ୍ଥା ବିଏସଏନଏଲ୍ର ସେବା ଦୁର୍ବଳ ହେବାରେ ଲାଗିଛି। ବିଶେଷକରି ମୋବାଇଲ୍ ଗ୍ରାହକମାନେ କଥାବାର୍ତ୍ତା ଠାରୁ ଆରମ୍ଭ କରି ଇଣ୍ଟରନେଟ୍ ବ୍ୟବହାରକ୍ଷେତ୍ରରେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ପ୍ରତିଦ୍ୱନ୍ଦୀ ମୋବାଇଲ୍ ସେବା ପ୍ରଦାନକାରୀଙ୍କ ଦର ତୁଳନାରେ ବିଏସଏନଏଲ୍ ଶସ୍ତା ରହୁଥିବାରୁ ବହୁ ଗ୍ରାହକ ସେମାନଙ୍କର ସେବାପ୍ରଦାନକାରୀ ସଂସ୍ଥା ବଦଳାଇଥିଲେ। ହେଲେ ସେମାନେ ଏବେ ମହରଗରୁ ଆସି କାନ୍ତାରରେ ପଡିବା ଭଳି ଅବସ୍ଥା ହୋଇଛି।

ଗତ କିଛିଦିନ ହେଲା ବିଏସଏନଏଲ୍ ସେବା ଏଭଳି ବିଗିଡିଛି ଯେ କଥା ଅଧାରୁ ବିଭିନ୍ନ ଶବ୍ଦ କରି ଲାଇନ୍ କଟିଯାଉଛି। ଫଳରେ ଗ୍ରାହକମାନେ ବାରମ୍ବାର ଗୋଟିଏ ନମ୍ବରକୁ ଫୋନ୍ କରିବାକୁ ବାଧ ହେଉଛନ୍ତି। ସେହିଭଳି ଇଣ୍ଟରନେଟ୍ ବ୍ୟବହାରକାରୀମାନଙ୍କର ଅବସ୍ଥା କହିଲେ ନସରେ। ଅଧିକାଂଶ ସମୟରେ ମୋବାଇଲ୍ରେ ଅତ୍ୟନ୍ତ ଧିମା ସଙ୍କେତ ଆସୁଛି। ଫଳରେ ଗ୍ରାହକମାନେ ବାରମ୍ବାର ମୋବାଇଲ୍ ବନ୍ଦ କରି ଖୋଲିବାକୁ ବାଧ ହେଉଛନ୍ତି। ରାଜଧାନୀରେ ବିଏସଏନଏଲ୍ ସେବାର ଆଉ ଗୋଟିଏ ବିଚିତ୍ର ଅବସ୍ଥା ଦେଖିବାକୁ ମିଳିଛି। କେତେକ ଅଞ୍ଚଳରେ ଲାଇନ୍ କଟିଗଲେ ତତ୍କାଳ ମୋବାଇଲ୍ ଇଣ୍ଟରନେଟ୍ ସେବା ବ୍ୟାହତ ହେଉଛି। ଏ ନେଇ ଅଭିଯୋଗକଲେ ମଧ କୌଣସି ଫଳ ମିଳୁନାହିଁ। କ୍ୟାପିଟାଲ ହସ୍ପିଟାଲ ଆଖପାଖରେ ଏହି ସ୍ଥିତି ଉତ୍କଟ ରୂପ ଧାରଣ କରିଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ମୋବାଇଲ୍ ଟାୱାରରେ କର୍ତ୍ତୃପକ୍ଷ ବ୍ୟାଟେରୀ ବ୍ୟାକଅପ୍ ରଖୁନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା କୁହାଯାଉଛି।

ସେହିଭଳି ଅନ୍ୟ ଘରୋଇ ମୋବାଇଲ୍ କମ୍ପାନୀମାନେ ଦୀର୍ଘଦିନରୁ ରାଜ୍ୟରେ ୫-ଜି ସେବା ଆରମ୍ଭ କରିଥିବାବେଳେ ରାଷ୍ଟ୍ରାୟତ ସଂସ୍ଥା ବିଏସଏନଏଲ୍ କିନ୍ତୁ ଏପର୍ଯ୍ୟନ୍ତ ତାହା ଆରମ୍ଭ କରିପାରୁନାହିଁ। କିଛିଦିନ ତଳେ ବିଏସଏନଏଲ୍ ୫-ଜି ସେବା ଆରମ୍ଭ କରିବ ବୋଲି ପ୍ରଚାର ହେବାପରେ ଅନେକ ଗ୍ରାହକ ନିଜ ନିଜର ପୁରୁଣା ମୋବାଇଲ୍ ସେଟ୍ ବଦଳାଇ ୫-ଜି ମୋବାଇଲ୍ କିଣିଥିଲେ। ହେଲେ ବିଏସଏନଏଲ୍ର ୫-ଜି ସେବା କେବଳ ପରୀକ୍ଷା ନିରୀକ୍ଷାରେ ଅଟକିଯାଇଛି। ଖୋଦ୍ ରାଜଧାନୀରେ ବିଏସଏନଏଲ୍ ଏଭଳି ଦୁର୍ବଳ ସେବା ପ୍ରଦାନ କରୁଥିବାବେଳେ ରାଜ୍ୟର ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଅଞ୍ଚଳରେ ସେବା କିଭଳି ଥିବ ତାହା ସହଜରେ ଅନୁମେୟ। ବିଏସଏନଏଲ୍ ଠାରୁ ସ୍ପେକଟ୍ରମ ଖରିଦ କରି ଘରୋଇ ଟେଲିକମ ସଂସ୍ଥାମାନେ ଉନ୍ନତମାନର ୫-ଜି ସେବା ଯୋଗାଇ ଦେଉଥିବାବେଳେ ବିଏସ୍ଏନଏଲ୍ କାହିଁକି ଏହି ସେବା ଆରମ୍ଭ କରିପାରୁନାହିଁ ଓ ଯେଉଁ ସେବା ଯୋଗାଉଛି ତାହା ଅନ୍ୟମାନଙ୍କ ତୁଳନାରେ କାହିଁକି ନିମ୍ନମାନର ହେଉଛି ତାହା ଏବେ ଗ୍ରାହକମାନଙ୍କ ମଧ୍ୟରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ସୌର ସାମଗ୍ରୀ ଯୋଗାଇବା ପ୍ରତିଶ୍ରୁତିରେ ୪.୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସୌର ସାମଗ୍ରୀ ଯୋଗାଇ ଦେବା ପ୍ରତିଶ୍ରୁତିରେ ୪.୫ ଲକ୍ଷ ଟଙ୍କା ନେବାପରେ ଜ୍ୟୋତିରଞ୍ଜନ ପାଇକରାୟ ତାହା ଯୋଗାଇ ନଥିଲେ । ଟଙ୍କା ଦେଇଥିବା ଅମରେଶ ପଣ୍ଡା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜ୍ୟୋତିରଞ୍ଜନଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ।

ଅମରେଶ ଓ ଜ୍ୟୋତିରଞ୍ଜନ ପାରସ୍ପରିକ ବନ୍ଧୁଙ୍କ ମାଧ୍ୟମରେ ଯୋଗାଯୋଗରେ ଆସିଥିଲେ । ୨୦୨୪ ମସିହା ନଭେମ୍ବର ୪ ତାରିଖରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୌର ପ୍ରଣାଳୀ ସ୍ଥାପନ ପାଇଁ ଏକ ଫ୍ରାଞ୍ଚାଇଜ ଚୁକ୍ତିନାମା କରିଥିଲେ । ଅଭିଯୁକ୍ତ ଜ୍ୟୋତିରଞ୍ଜନ ଏହି ଯୋଜନା ଅଧୀନରେ ଜଣେ ବିକ୍ରେତା ବୋଲି କହି ଯାଜପୁର ଜିଲ୍ଲାରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଗ୍ରୀମ ଭାବରେ ୫ଲକ୍ଷ ଟଙ୍କା ଦାବି କରିଥିଲେ । ଏହି ପ୍ରତିଶ୍ରୁତି ଉପରେ ନିର୍ଭର କରି ଅଭିଯୋଗକାରୀ ଅମରେଶ ତାଙ୍କର ଏବଂ ତାଙ୍କ ପତ୍ନୀଙ୍କ ଆକାଉଣ୍ଟରୁ ବ୍ୟାଙ୍କ ଟ୍ରାନ୍ସଫର ଏବଂ ନଗଦ ମାଧ୍ୟମରେ ସମୁଦାୟ ୪.୫ ଲକ୍ଷ ଟଙ୍କା ଦେଇଥିଲେ । ନିର୍ଦ୍ଦେଶ ଅନୁଯାୟୀ ଏକ ଅଫିସ କମ୍ ଷ୍ଟୋରେଜ ସ୍ଥାନ ବ୍ୟବସ୍ଥା କରିଥିଲେ ।

ଅଭିଯୁକ୍ତ ୮ ଦିନ ମଧ୍ୟରେ ୨୫ ଲକ୍ଷ ଟଙ୍କା ମୂଲ୍ୟର ସୌର ସାମଗ୍ରୀ ଦେବାର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଅନେକ ଥର ଅନୁସରଣ ସତ୍ତ୍ୱେ ସାମଗ୍ରୀ ପ୍ରଦାନ କରାଯାଇ ନଥିଲା । ବରଂ ଅଭିଯୁକ୍ତଙ୍କୁ ସାମ୍ନା କରିବା ସମୟରେ ସେ ଧମକ ଦେଇଥିଲା । ଅମରେଶ ଠକାମୀର ଶିକାର ହୋଇଥିବା ଜାଣି ଭରତପୁର ଥାନାରେ ଏତଲା ଦାୟର କରିଥିଲେ । ଏତଲା ଅନୁଯାୟୀ ପୋଲିସ କାଗଜପତ୍ର ଯାଞ୍ଚ କରିବା ପରେ ଅଭିଯୁକ୍ତ ଜ୍ୟୋତିରଞ୍ଜନଙ୍କୁ ଶନିବାର ସକାଳେ ବରମୁଣ୍ଡା ବସ୍ଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା । ରବିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏହି ମାମଲାର ତଦନ୍ତ ଜାରି ରହିଥିବା ପୋଲିସ କହିଛି ।

## ପାରିବାରିକ କଳହର କରୁଣ ପରିଣତି : ଶିଶୁପୁତ୍ରକୁ ମାରି ଝୁଲିପଡ଼ିଲା ବାପା

ପିପିଲି, (ସବ୍ୟୁ):ପିପିଲି ଥାନା ପୋଟଳ ଗାଁରେଶନିବାରି ରାତି ପ୍ରାୟ ୮ଟା ବେଳେ ଏକ ଅଭାବନୀୟ ଘଟଣା ଘଟିଛି । ପୁଲିସ ବନ୍ଦ କୋଠରୀରୁ ଝୁଲନ୍ତା ଅବସ୍ଥାରେ ବାପା ଓ ତାଙ୍କ ୨ବର୍ଷର ଶିଶୁପୁତ୍ରର ଶବ ଉଦ୍ଧାର କରିଛି । ମୃତକ ହେଉଛନ୍ତି ଉକ୍ତ ଗାଁର ଦୀପକ କୁମାର ପାଣି(୩୦) ଓ ତାଙ୍କର ୨ବର୍ଷର ଶିଶୁପୁତ୍ର । ପାରିବାରିକ କଳହରୁ ଏହି ଘଟଣା ଘଟିଥିବା କୁହାଯାଉଛି । ପୁଲିସ ସୂଚନା ଅନୁସାରେ ଉକ୍ତ ଗାଁର ଦାଶରଥୀ ପାଣିଙ୍କର ପୁଅ ଦୀପକ ୫ବର୍ଷ ତଳେ ପ୍ରେମ ବିବାହ କରିଥିଲେ । ପତ୍ନୀ ଅନ୍ୟ ସମ୍ପ୍ରଦାୟର ହୋଇଥିବାରୁ ଘର ସହ ସମ୍ପର୍କ ତିକ୍ତ ହୋଇଥିଲା । ଫଳରେ ଦୀପକ ଘର ନିକଟରେ ଏକ ଆଜବେସଟସ ଘର କରି ରହୁଥିଲେ । କେଣସି କାରଣରୁ ପତ୍ନୀ ନିଜ ବାପଘର କେନ୍ଦ୍ରାପଡ଼ା ଚାଲିଯାଇଥିଲେ । ଦୀପକ ପତ୍ନୀଙ୍କର ଲୁଗାରେ ପ୍ରଥମେ ଶିଶୁ ପୁତ୍ରର ବେକକୁ ବାନ୍ଧି ଦେବା ସହ ନିଜେ ମଧ ଉକ୍ତ ଲୁଗାରେ ବେକକୁ ବାନ୍ଧି ଘର ଓରାରେ ଝୁଲି ପଡ଼ିଥବା ପୁଲିସ ସୂତ୍ରରୁ ଜଣାଯାଇଛି ।

## ବ୍ରାହ୍ମଣୀ ନଦୀରେ ବୁଡି ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ଧର୍ମଶାଳା, (ସବ୍ୟୁ): ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବୁଡି ଧର୍ମଶାଳା ଥାନା ଚହଟା ଗ୍ରାମଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତି (୭୪) ଙ୍କର ମୃତ୍ୟୁ ଘଟିଛି । ସବୁଦିନ ପରି ରବିବାର ସକାଳୁ ସେ ଘର ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ନଦୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ଘର ଲୋକଙ୍କୁ ଖବର ଦେବା ସହ ପାଣୀରୁ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କଂଗ୍ରେସ ନେତା କିଶାନ ପଣ୍ଡା, ଜିଲ୍ଲାପରିଷଦ ଜଳଧର ମହାନ୍ତି, ସରପଞ୍ଚ ସୁମିତ୍ରା ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଡକ୍ତରଖାନା ଯାଇଁ ତାଙ୍କର ଶେଷ ଦର୍ଶନ କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଆକାରରେ ଜଣାଯିବା ପରେ ଧର୍ମଶାଳା ପୁଲିସ ୨୬ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନନ୍ତର କରିଥିଲା। ଅପରାହ୍ନରେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ରଙ୍କ ମରଶରୀରକୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମଯ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ପ୍ରକାଶ ମହାନ୍ତି ମୁଖାଗ୍ନି ଦେଇଥିଲେ।

DSPL-184

ଭାରତୀୟ ବାୟୁ ସେନା
ଅଭିଜିତ ହୁଅନ୍ତୁ ...
ହୁଅନ୍ତୁ ଅଗ୍ନିବୀରବାୟୁ
(ଇଣ୍ଟେକ୍ 02/2026)

02 ଜୁଲାଇ 2005 ରୁ 02 ଜାନୁଆରୀ 2009 ମଧ୍ୟରେ ଜନ୍ମିତ (ଉଭୟ ତାରିଖ ଅନ୍ତର୍ଭୁକ୍ତ) ଯୋଗ୍ୟ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆହ୍ୱାନ।

ଅନଲାଇନ୍ ପରୀକ୍ଷା:
25 ସେପ୍ଟେମ୍ବର 2025 ରୁ ଆରମ୍ଭ

ଅନଲାଇନ୍ ରେଜିଷ୍ଟ୍ରେସନ୍:
11 ଜୁଲାଇ 2025 ରୁ
31 ଜୁଲାଇ 2025 ପର୍ଯ୍ୟନ୍ତ

DETAILED NOTIFICATION

ଅନଲାଇନ୍ ପଞ୍ଜୀକରଣ:
https://agnipathvayu.cdac.in/

OIPR: 12001/13/0014/2526

DSPL-187


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ହେପାଟାଇଟିସ୍ ଦିବସ
୨୮ ଜୁଲାଇ ୨୦୨୫

- ଜନ୍ମର ୨୪ ଘଣ୍ଟା ମଧ୍ୟରେ ନବଜାତ ଶିଶୁକୁ ହେପାଟାଇଟିସ୍ ପ୍ରତିଷେଧକ ଟୀକା ଦିଆଯାଏ। ସମସ୍ତ ସରକାରୀ ଡାକ୍ତରଖାନାରେ ଏହା ବିନା ମୂଲ୍ୟରେ ମିଳେ।
- ହେପାଟାଇଟିସ୍‌ରୁ ରକ୍ଷା ପାଇବା ପାଇଁ :
  - ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ହେପାଟାଇଟିସ୍ 'ବି' ଓ 'ସି' ର ପରୀକ୍ଷା ବିନା ମୂଲ୍ୟରେ କରାଇ ନିଅନ୍ତୁ।
  - କେବଳ ସ୍ୱୀକୃତିପ୍ରାପ୍ତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଓ ରକ୍ତଜାତ ଦ୍ରବ୍ୟ ଗ୍ରହଣ କରନ୍ତୁ।
  - ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରୁହନ୍ତୁ।
  - ଭଲ ଭାବରେ ହାତ ଧୋଇବା ସହ ତଟକା ଖାଦ୍ୟ ଖାଆନ୍ତୁ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ।
- ହେପାଟାଇଟିସ୍ ପଜିଟିଭ୍ ଗର୍ଭବତୀ ମହିଳାଙ୍କର ପ୍ରସବ ଡାକ୍ତରଖାନାରେ କରାନ୍ତୁ ଏବଂ ନବଜାତ ଶିଶୁକୁ ହେପାଟାଇଟିସ୍ ଇମ୍ୟୁନୋଗ୍ଲୋବୁଲିନ୍ ଇଞ୍ଜେକ୍ସନ ଦେଇ ସୁରକ୍ଷିତ ରଖନ୍ତୁ।

ଆର୍ଥିକ, ସାମାଜିକ, ବ୍ୟବସ୍ଥାଗତ ପ୍ରତିବନ୍ଧକ ତଥା ଅନ୍ଧବିଶ୍ୱାସକୁ ଦୂରେଇ ଦେବା ଏବଂ ହେପାଟାଇଟିସ୍‌କୁ ପ୍ରତିରୋଧ କରିବା

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

OIPR: 10003/13/0240/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# ରାଜଭବନରେ ଡ୍ରିମ୍ସ ନର୍ସିଂ ଛାତ୍ରୀଙ୍କ ସାଂସ୍କୃତିକ ବିଚିତ୍ରା



କଟକ, (ସ୍ୱପ୍ର): ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଭୁବନେଶ୍ୱର ସ୍ଥିତ ରାଜଭବନ ଠାରେ ଅନୁଷ୍ଠିତ ଏକ ବିଶେଷ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡ୍ରିମ୍ସ ସ୍କୁଲ ଅଫ ନର୍ସିଂର ଛାତ୍ରୀମାନେ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ । ଆଶିଷ ବିଷୋଇଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଶ୍ରୀ ଜଗନ୍ନାଥଙ୍କର ଏକ ଭାବପୂର୍ଣ୍ଣ ସଂଗୀତ ଆଧାରରେ ଛାତ୍ରୀଙ୍କ ଦଳଗତ ନୃତ୍ୟାଭିନୟ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଛାତ୍ରୀମାନଙ୍କ କଳାନୈପୁଣ୍ୟକୁ ପ୍ରଶଂସା କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ଓ ପଦାଧିକାରୀ ଉପସ୍ଥିତ ଥିଲେ । ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ସହକାରୀ ପ୍ରାଧ୍ୟାପିକା ଉର୍ମିଳା ସ୍ୱାଇଁ ଓ ରିମି ସରକାରଙ୍କ ତତ୍ତ୍ୱାବଧାନରେ ଓ ଆଶିଷ ବିଷୋଇଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ଲକ୍ଷେଶ୍ୱର ଟ୍ରଷ୍ଟ ବୋର୍ଡ ସହ ଦେବୋତ୍ତର ଆସିଷ୍ଟାଣ୍ଟ କମିଶନରଙ୍କ ଆଲୋଚନା

ଫୁଲନଖରା,(ସବ୍ୟୁ) : କଟକ - ଭୁବନେଶ୍ୱର ଦୈତନଗରୀ ଫୁଲନଖରା ସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶର ମହାଦେବ(ନଖରା)ଙ୍କ ପରିଚାଳନା ନିମନ୍ତେ ଏକ ଟ୍ରଷ୍ଟ ବୋର୍ଡ ଦେବୋତ୍ତର ବିଭାଗ ଅଧିନରେ କାର୍ଯ୍ୟ କରୁଅଛି । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ଦେବୋତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର ରୋହିତ ରଞ୍ଜନ ମିଶ୍ର ଓ ଇନ୍ସପେକଟର ମିତ୍ରଭାନୁ ନାୟକ ମନ୍ଦିରଠାରେ ପହଞ୍ଚି ଟ୍ରଷ୍ଟ ବୋର୍ଡ ସଭାପତି ଗୁଣନିଧି ପଟ୍ଟନାୟକ,ସମ୍ପାଦକ ବଂଶୀଧର ଭୋଳ, ଶଶିଭୂଷଣ ମହାନ୍ତି,ମନ୍ଦିର ପୂଜକ ସରୋଜ ରଞ୍ଜନ ପାଢ଼ୀ,ଧୀରେନ୍ଦ୍ର କୁମାର ପାଢ଼ୀଙ୍କ ସହିତ ମନ୍ଦିରର ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ । ମାତ୍ର ଟ୍ରଷ୍ଟ ବୋର୍ଡରେ ୭ ଜଣ ସଭ୍ୟଥିବାରୁ ଏହାକୁ ବର୍ଦ୍ଧିତ କରାଯାଇ ୧୫ ଜଣ ସଭ୍ୟଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ରଖିଥିଲେ । ମନ୍ଦିରର ସୁପରିଚାଳନା ପାଇଁ ଆବଶ୍ୟକ ଉପଲବ୍ଧି କରୁଥିବା ଟ୍ରଷ୍ଟ ବୋର୍ଡର ସଭ୍ୟମାନେ ଏବଂ ସେଠାରେ ଉପସ୍ଥିତ ଥିବା ଅଞ୍ଚଳର ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ସହିତ କମିଶନର ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପଦ୍ମନାଭ ପଟ୍ଟନାୟକ,ନଳୀନ ସଓ୍ୱାଇଁ,ପ୍ରଶାନ୍ତ କୁମାର ମହାନ୍ତି,କିଶୋର ପଟ୍ଟନାୟକ,ବଳରାମ ସାହୁ,ଲକ୍ଷ୍ମୀଧର ଭୋଳ,ପ୍ରଭାସ ଭୋଇ,ସୁଧାକର ସଓ୍ୱାଇଁ,ଅଜୟ କୁମାର ଜେନା,ବିଚିତ୍ରାନନ୍ଦ ଦଳାଇ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ସମ୍ପର୍କୀୟ ବିଭିନ୍ନ ସମସ୍ୟାକୁ ଦୃଷ୍ଟିକୁ ଆଣିଥିଲେ ।

# ଗୟାବନ୍ଧରେ ହାତୀ ଉପଦ୍ରବ : ଲୋକେ ଆତଙ୍କିତ

ନିରାକାରପୁର,(ସବ୍ୟୁ) ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗି ରେଞ୍ଜ ଓଳସିଂହ ଗ୍ରାମପଞ୍ଚାୟତ ଗୟାବନ୍ଧ ଗ୍ରାମରେ ହାତୀ ଉପଦ୍ରବ । ଗତ କିଛି ଦିନ ହେବ ଏକ ୪ଟିକିଆ ହାତୀପଲ ଜଂଗଲରୁ ପଳାଇ ଆସି ଓଳସିଂହ, ଡମଣଭୂଇଁ, ଗୟାବନ୍ଧ ଅଂଚଳରେ ଉପଦ୍ରବ କରୁଛନ୍ତି । ଖାଦ୍ୟ ଅନ୍ୱେଷଣରେ ଜଂଗଲରୁ ହାତୀ ଗାଁ ମୁହାଁ ହେଉଛନ୍ତି ।ଅନେକ ସମୟରେ ହାତୀ ମଣିଷ ଲଢେଇ ଦେଖିବାକୁ ମିଳିଛି । କେତେବେଳେ ହାତୀ ଆକ୍ରମଣରେ ମଣିଷ ମରୁଛି ତ କେତେବେଳେ ବିଷ ଜନିତ ଓ ବିଦ୍ୟୁତ ଆଘାତ୍ ଯୋଗୁଁ ହାତୀର ମୃତ୍ୟୁ ଘଟୁଛି । ଶନବାରି ବିଳମ୍ବିତ ରାତିରେ ୪ଟି ହାତୀ ଗୟାବନ୍ଧ ଗାଁ ନିକଟକୁ ପଳାଇ ଆସି ଅବଦୁଲ ଗଫୁର ଖାଁଙ୍କ ଫାର୍ମ ହାଉସ ପାଚେରୀ ଭାଙ୍ଗି ଫାର ଭିତରେ ଥିବା ଫସଲ କୁ ଦଳିଚକଡି ମୂଲ୍ୟବାନ ଗଛପତ୍ର ଭାଙ୍ଗି ନଷ୍ଟ କରିଥିବା ଜଣାପଡ଼ିଛି ।ବନବିଭାଗ କର୍ମଚାରୀ ରାତିରେ ହାତୀର ଗତିବିଧି ଜାଣିବା ପାଇଁ ଡ୍ରୋନ ସହାୟତା ରେ ଲକ୍ଷ ରଖୁଛନ୍ତି ହେଲେ ବନବିଭାଗ କର୍ମଚାରୀ ହାତୀକୁ ଜଂଗଲ ମଧ୍ୟକୁ ଘଉଡାଇବାରେ ବିଫଳ ହେଉଥିବାରୁ ସ୍ଥାନୀୟ ଅଂଚଳର ଲୋକେ ଓ ଚାଷୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ପାଣ୍ଡାକବସ୍ ପ୍ଲେ' ସ୍କୁଲରେ କାରଗିଲ୍ ବିଜୟ ଦିବସ



କଟକ,(ସବ୍ୟୁ): ସିଡିଏସ୍ଥିତ ପାଣ୍ଡାକବସ୍ ପ୍ଲେ' ସ୍କୁଲରେ କାରଗିଲ୍ ଦିବସ ପାଳିତ ହୋଇଯାଇଛି । ଛୋଟ ପିଲାଙ୍କ ମଧ୍ୟରେ ଦେଶପ୍ରୀତିର ଉତ୍ସାହ ଦେଖିବାକୁ ମିଳିଥିଲା । ଅଭିଭାବକମାନେ ପିଲାଙ୍କୁ ଦେଶଭକ୍ତିର ପ୍ରତୀକ ସୈନିକ ପୋଷାକ ପିନ୍ଧାଇ ସ୍କୁଲକୁ ପଠାଇଥିଲେ । ବିଦ୍ୟାର୍ଥୀମାନେ ମହମବତୀ ଜଳାଇ ଦିଂବଗତ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ରୋଟାରୀ କ୍ଲବ ର ଅଧିଷ୍ଠାନ ଉତ୍ସବ




ଭୁବନେଶ୍ୱର (ସବ୍ୟୁ): ଆଜି ରୋଟାରୀ କ୍ଲବ ଭୁବନେଶ୍ୱର କନ୍ ଫ୍ଲୁ ଏନ୍ସ ଆନୁକୁଲ୍ୟରେ ୧୮ ତମ ବାର୍ଷିକ ଅଧିଷ୍ଠାନ ଉତ୍ସବ ସନ୍ଧ୍ୟାରେ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ( ୨୦୨୪-୨୫) ପ୍ରୀତ କୁମାର ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବରେ ଡ୍ ସତ୍ୟ ବ୍ରତ ମୀନକେତନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଟରିଆନ ମାନଙ୍କ କାର୍ଯ୍ୟ କଳାପକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ (୨୦୨୫-୨୬) ପାଇଁ ନୂତନ ସଭାପତି ଭାବେ ରୁଦ୍ର ପ୍ରସନ୍ନ ହୋତା ଓ ସମ୍ପାଦକ ପ୍ରଣ ତ କିଶୋର ଜେନା ଓ ସମସ୍ତ ବୋର୍ଡ ସଭ୍ୟ ମାନଙ୍କୁ ଅଧିଷ୍ଠିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରତାପ ଚୌଧୁରୀ, ପୁର୍ବତନ ପ୍ରାନ୍ତ ପାଳ ଯଜ୍ଞ ।ସିସ ମହାପାତ୍ର, ଭବାନୀ ଚୌଧୁରୀ, ପୁର୍ବତନ ପ୍ରାନ୍ତ ପାଳ ସୌମ୍ୟରଞ୍ଜନ ମିଶ୍ର, ଙ୍କ ବ୍ୟତିତ ବରିଷ୍ଠ ରୋଟାରୀ ଆନ କୈଳାସ କାନୁନଗୋ, ବିଷ୍ଣୁ ଚରଣ ସାହୁ, ଅଶୋକ ସାମଲ, ଭକ୍ତ ରଞ୍ଜନ ମହାନ୍ତି, ଗଣେଶ୍ୱର ପ୍ରଧାନ, କ୍ଷୀରୋଦ କୁମାର ମିଶ୍ର, ନୀଳାଚଳ ପ୍ରଧାନ, ଅଭିଳାଷ ପତି ଙ୍କ ବ୍ୟତୀତ ବହୁ ରୋଟାରୀ ଆନ ଉପସ୍ଥିତ ଥିଲେ । ରୋଟାରୀ ଆନ ବିଦ୍ୟୁତ କୁମାର ସେଠୀ ସଭା ପରିଚାଳନା କରି ଥିଲେ ଓ ଡାକ୍ତର କଳିକାଙ୍କର ସେନାପତି ଧନ୍ୟ ବାଦ ଆର୍ପଣ କରିଥିଲେ ।

# ବନ୍ଦେ ଉତ୍କଳ ପକ୍ଷରୁ ପୂଜ୍ୟପୂଜା ଉତ୍ସବ



କଟକ, (ସବ୍ୟୁ):ପୂଜ୍ୟପୂଜା ଓଡ଼ିଆ ସାଂସ୍କୃତିର ଏକ ସମୃଦ୍ଧ ପରମ୍ପରା ବୋଲି ବନ୍ଦେ ଉତ୍କଳ ପକ୍ଷରୁ ରବିବାର ବଙ୍ଗାଳି ସାହି ସ୍ଥିତ ମା ଶାରଳା ସଦନ ଠାରେ ଓଡ଼ିଆ ଜାତିର କୃତୀସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ , ମାଳତୀ ଚୌଧୁରୀ, ଜଷ୍ଟିସ ବୀର କିଶୋର ରାୟ, ପ୍ରଫେସର ହୃଦାନନ୍ଦ ରାୟଙ୍କ ସ୍ମୃତି ଉତ୍ସବରେ ମତ ପ୍ରକାଶ ପାଇଛି | ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ନାନ ଦାସ ଉତ୍ସବରେ ଅଧ୍ୟକ୍ଷତା କାରି ନବ ଉତ୍କଳ ନିର୍ମାଣ ଓ ଏହାର ବିକାଶ କ୍ଷେତ୍ରରେ ଏହି କୃତୀସନ୍ତାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ | ଉତ୍ସବରେ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଓଡିଶା ହାଇକୋର୍ଟ ବାର ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଶ୍ରୀ ବିଜୟ କୁମାର ରଗଡ଼, କଟକ ବାର ଆସୋସିଏସନର ପୂର୍ବତନ ସମ୍ପାଦକ ଜ୍ୟୋତିନ୍ଦ୍ରିୟ ମହାନ୍ତି, ଶ୍ରୀ ଭୁବନାନନ୍ଦ ମହାନ୍ତି, ସ୍ତମ୍ଭକାର ପ୍ରତାପ ଚନ୍ଦ୍ର ସାମଲ, ଆଇନଜୀବୀ ବ୍ରଜ ଭୂଷଣ ସାହୁ, ଆଦ୍ୟାଶକ୍ତି ପ୍ରିୟା , ବେଦାନ୍ତ ବିଶାଳ ପ୍ରଧାନ, ଆନନ୍ଦ ସାଗର ପାତ୍ର, ରମେଶ ଚନ୍ଦ୍ର ରାଉତରାୟ , ଶ୍ରୀଧର କୁମାର ସାହୁ, ଲୁନାଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ | ପ୍ରାରମ୍ଭରେ ପାଞ୍ଚ ଜଣ କୃତିସନ୍ତାନଙ୍କ ଫୋଟଚିତ୍ର ରେ ମାଲ୍ୟାର୍ପଣ କରାଯାଇଥିଲା |



ବିଶିଷ୍ଟ ସାହିତ୍ୟିକା ଡ଼ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ରଚିତ 'ଚିତ୍ରମୟ ପିଲାଦିନ 'ର ଉନ୍ମୋଚନ ଉତ୍ସବରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ କବି ଡକ୍ଟର ରବିନାରାୟଣ ସେନାପତି, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ସାହିତ୍ୟିକ ଡକ୍ଟର ମିହିର ସାହୁ, ଶୋଭନ କର ଓ ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ।

## କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ତୁରନ୍ତ ଶେଷ କରିବାକୁ

# ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ବାଙ୍କୀ ବିଧାୟକ

କଟକ, (ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ମଣ୍ଡଳୀର ରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ଅଧିକାରୀ ମାନଙ୍କୁ ଅସମ୍ପୂର୍ଣ୍ଣ କାମକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଡ୍ରେନେଜ ଆଦି ବିଭାଗୀୟ ବରିଷ୍ଠ ଯନ୍ତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ସ୍ଥାନୀୟ ବ୍ଲକ ଓ ଜିଲ୍ଲା ପରିଷଦର ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇଥିଲା ।

ଉପଖଣ୍ଡ ଅଞ୍ଚଳର ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧିନ ଅବସ୍ଥାରେ ଚାଲୁ ରହିଥିବା ରାସ୍ତା କାର୍ଯ୍ୟକୁ ଆସନ୍ତା ୨୦୨୬ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ରାସ୍ତା ମରାମତି ଉପରେ ମଧ୍ୟ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ନିର୍ମାଣାଧିନ କଇମୁଣ୍ଡି, ରାମଚନ୍ଦ୍ରପୁର ସେତୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହ ଜଳମଗ୍ନ ହୁଲୁହୁଲା ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରିଥଲେ । ବସ୍ତିଆ-ସୁବର୍ଣ୍ଣପୁର ରାସ୍ତାର ବିକଳ୍ପ ରାସ୍ତା, ପୂର୍ତ୍ତ ବିଭାଗ ଦ୍ୱାରା ଚାଲୁରହିଥିବା ତ୍ରିଶୁଳିଆ-ବାରଙ୍ଗ,ଡମପଡା-ତାଳବସ୍ତ ଚୌଡା ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ତ୍ରିଶୁଳିଆ-ନରାଜ ରାସ୍ତା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ । ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପଖଣ୍ଡ ଅଧିନସ୍ଥ ବିଜ୍ଞାପିତ ଅଞ୍ଚଳରେ ଚାଷଜମି ଉନ୍ନତି କରାଯିବା ନିମନ୍ତେ ଏକ ବିବରଣୀ ପ୍ରସ୍ତୁତି କରାଯିବା ସମ୍ପର୍କରେ ଏହି ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ । ସମଗ୍ର ଅଞ୍ଚଳରେ ପ୍ରସ୍ତାବିତ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଏବଂ ମେଗା ଜଳ ସେଚନ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ସମ୍ବନ୍ଧରେ ତଥା ସାଧାରଣ ଚାଷୀଙ୍କ ନିମନ୍ତେ ମେଗା ଜଳସେଚନ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ମାଧ୍ୟମରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ସମୀକ୍ଷା ପୂର୍ବକ ଏହି ବୈଠକରେ ବିଧାୟକ ମା ଚର୍ଚ୍ଚିକା ମନ୍ଦିର ଉନ୍ନତିକରଣ, ବାଙ୍କୀ ବିଦ୍ୟାଳୟର ମୁଖ୍ୟଦ୍ୱାର ନିର୍ମାଣ, ଜନଗହଳି ଟୁଇନ-ସିଟି ରାସ୍ତାକୁ କୁଆଖିଆ-ପ୍ରତାପ ନଗରୀ ପଟୁ ସଂଯୋଗ ଆଦି ବିଷୟରେ ଆଲୋଚନା କରାଯାଇଥିଲା ।


ପରିଶେଷରେ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରକୃତ ହିତାଧିକାରୀଙ୍କୁ ଯଥା ସମୟରେ ଭତ୍ତା ପ୍ରଦାନ କରାଯିବା ଏବଂ ନୂତନ ହିତାଧିକାରୀ ଚୟନ କରାଯିବା ଉପରେ ଗୁରୁତ୍ୱ ଦେଇ ବାଙ୍କୀ ଉପଖଣ୍ଡର ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ପୂର୍ବକ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡିକ ଶେଷ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ବୈଠକ ସଂଚାଳନ କରିଥିବା ବେଳେ ବାଙ୍କୀ- ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ଶ୍ରୀମତି ସାବିତ୍ରୀ ଦଳାଇ,ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ମାଣିକ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ସମେତ ଜିଲ୍ଲା ପରିଷଦ ବିଭିନ୍ନ ଜୋନର ସଦସ୍ୟ ସଦସ୍ୟା, ବାଙ୍କୀ ଓ ଡମପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ସମୀକ୍ଷା ପୂର୍ବକ ଆଲୋଚନା ବୈଠକରେ ଉପସ୍ଥିତ ରହି ସମସ୍ତ ସ୍ଥିତି ସଂମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ ଶ ରାମଚନ୍ଦ୍ର ମଲ୍ଲିକ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଟଙ୍କା ଯୋଗାଣ ଗାଡି ଦୁର୍ଘଟଣାରେ କ୍ଷତିଗ୍ରସ୍ତ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ଶନିବାର ରାତିରେ ଏକ ସିଏମଏସ ଟଙ୍କା ଯୋଗାଣ ଗାଡି ଏକ ହାଇୱାକୁ ପଛ ପଟୁ ଧକ୍କା ଦେଇ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ କି ପ୍ରତିଦିନ ନିରାକାରପୁର ଅଞ୍ଚଳକୁ ବିଭିନ୍ନ ଏଟିଏମକୁ ଟଙ୍କା ଯୋଗାଣ କରିବାକୁ ଆସୁଥିବା ସିଏମଏସ କମ୍ପାନୀର ଗାଡି ନଂ ଓଡ଼ି ୦୨ ବିଭି ୯୫୧୩ ଗତ କାଲି ରାତିରେ ଟଙ୍କା ଜମା କରି ଫେରୁ ଥିବାବେଳେ କଲେଜ ଛକରେ ଛିଡା ହୋଇଥିବା ଏକ ହାଇୱାକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା । ଫଳରେ ମାଡ଼ ହୋଇ ଗାଡି କାଚ ଭାଙ୍ଗିବା ସହିତ ଯାନ୍ତ୍ରିକ ତ୍ରୁଟି ହୋଇଛି ।

# ନୂଆପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

କଟକ, (ସ୍ୱପ୍ର) : ଶନିବାର ନୂଆପଡା ବାଲିସାହୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜ୍ଞାନକୁଞ୍ଜରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବିଜ୍ଞାନମେଳାରେ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଭୂବିଜ୍ଞାନୀ ଶିବେନ ମିତ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭୁବନ ମୋହନ ମହାନ୍ତି ଯୋଗ ଦେଇ କୃତୀ ପ୍ରତିଭାଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳାରେ ପ୍ରାୟ ୨୦୦ ଶିଶୁ ଭାଇଭଉଣୀ ବିଭିନ୍ନ ବିଭାଗ ଯଥା ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପ୍ରୟୋଗ ଓ ମୃତ୍ତିକଳାରେ ଭାଗନେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଶକୁନ୍ତଳା ମହାନ୍ତି ଉଦ୍ଦେଶ୍ୟ କଥନ ସହ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ସଭାପତି ଡ଼ଃ ପ୍ରଭାତ କୁମାର ରାଉତରାୟ ଅତିଥି ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ପରିଚାଳନା ସମିତିର କୋଷାଧ୍ୟକ୍ଷ ଅନିଲ କୁମାର ସାମଲ ଆଶୀର୍ବଚନ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ଡ଼ଃ ରାକେଶ ଜେନା, ଉପ ସଭାପତି ଇଂ ଦିଲ୍ଲୀପ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସାମଲ ଓ ସଦସ୍ୟା ନିବେଦିତା ମହାପାତ୍ର ଓ ରୀନା ମାରାଣ୍ଡି, ପ୍ରାକ୍ତନ ସମ୍ପାଦକ ଅମିତାଭ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ପରିଚାଳନା ସମିତି ସଦସ୍ୟ ଓ ଅତିଥିମାନଙ୍କ ଦ୍ୱାରା ମଧ୍ୟ ବୃକ୍ଷ ରୋପଣ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଅଚାର୍ଯ୍ୟା ମମତା ଦାଶ ମଞ୍ଚ ପରିଚାଳନା କରିଥିଲେ ଓ ଆଚାର୍ଯ୍ୟ ପ୍ରତିନିଧି ଦୟାନିଧି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ରାଜ୍ୟସ୍ତରୀୟ ଅଟଳ ଉତ୍ସବ

# ଧର୍ମରତ୍ନ ସମ୍ମାନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହେଲେ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ

ବାରିପଦା, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଓଡିଶା ଅଟଳ ଯୁବଶକ୍ତି ଆନୁକୂଲ୍ୟରେ କାରଗିଲ୍ ବିଜୟ ଦିବସ ଏବଂ ପୋଖରାନ ପୁରୁଷ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ନୂତନ ଚିନ୍ତାଧାରା ନେଇ ଓଡିଶାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା କରି ସର୍ବଧର୍ମ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ସ୍ଥାପନ, ମାନବ ଧର୍ମର ପ୍ରବର୍ତ୍ତନ, ଭାରତ ବର୍ଷରେ ନିଆରା ମାସିକ ସନ' ଦିବସ ପାଳନ ଏବଂ ସମଗ୍ର ମାନବ ଜାତିକୁ ଜୟ ସନ'-ଜୟ ସମାଜ



ସ୍ଲୋଗାନର ଉଦ୍‌ଘୋଷକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଟଳ ଧର୍ମରତ୍ନ ସମ୍ମାନ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଉତ୍କର୍ଷ ପ୍ରତିଭା ମାନେ ତାଙ୍କ ଜୀବନରେ ବଳିଦାନ ଦେଇ ଏବଂ ସମାଜକୁ ଅବଦାନ ଦ୍ୱାରା ଯୁବପିଢୀଙ୍କ ଆଦର୍ଶ ଏବଂ ଭଲ ଗଛ ଲଗାଇ ସେମାନେ ଭଲ ଫଳ ଦେଇଥାନ୍ତି ବକ୍ତବ୍ୟ ରଖିଥିଲେ। ସେ ମଧ୍ୟ ଅନ୍ୟ ପ୍ରତିଭା ମାନଙ୍କ ମଧ୍ୟରେ ପଦ୍ମଶ୍ରୀ ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡିଆ ରତ୍ନ, ରାଜନେତା ସମୀର ଦାସଙ୍କୁ ଅଟଳ ମିତ୍ର ରତ୍ନ, ଆନ୍ତର୍ଜାତିକ କ୍ରିକେଟ୍ ଖେଳାଳୀ ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳରତ୍ନ ସମ୍ମାନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ରାଜ୍ୟର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ବହୁ ବିଧାୟକ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଆବାହକତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଖବର ପ୍ରସାରଣ ପରେ ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂ, ଡିଭାଇନ୍ ଇଞ୍ଜିନିୟରିଂ ଅନୁଷ୍ଠାନ, ଉଦଳା ବାର୍ ଆସୋସିଏସନ୍, ଚେତନା ପରିଷଦ କରଞ୍ଜିଆ, ପୂର୍ଣ୍ଣମାସୀ ସେବା ସଂସ୍ଥାନ ବଡସାହି ଓ ପ୍ରତିଭା ପୂଜନ ସଂସ୍ଥାନ ବେତନଟୀର ପରିବାରବର୍ଗଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରେଡ଼ିଓ ଅଭିଭାଷଣ 'ମନ୍ କି ବାତ୍'

## କେନ୍ଦୁଝରର ରାଧାକୃଷ୍ଣ ସଂକୀର୍ତ୍ତନମଣ୍ଡଳୀ ବିଷୟରେ ଉଲ୍ଲେଖ କଲେ ପ୍ରଧାନମନ୍ତ୍ରୀ, ସଂକୀର୍ତ୍ତନ ଜରିଆରେ ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି କରୁଛି ଏହି ଦଳ ।

ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । 'ମନ୍ କି ବାତ୍'ରେ ଆଉ ଥରେ ଦେଶର ସଫଳତା ଏବଂ ଦେଶବାସୀଙ୍କ ଉପଲବ୍ଧି ବିଷୟରେ କଥା ହେବା । ଗତ କିଛି ସପ୍ତାହରେ କ୍ରୀଡ଼ା ହେଉ, ବିଜ୍ଞାନ ହେଉ କିମ୍ବା ସଂସ୍କୃତି ହେଉ, ବହୁତ କିଛି ଏମିତି ହୋଇଛି, ଯାହା ଉପରେ ପ୍ରତ୍ୟେକ ଭାରତବାସୀ ଗର୍ବିତ । ଏବେ ନିକଟରେ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶରୁ ଫେରିବାକୁ ନେଇ ଦେଶରେ ବହୁତ ଚର୍ଚ୍ଚା ହେଲା । ଶୁଭାଂଶୁ ଯେମିତି ପୃଥିବୀପୃଷ୍ଠରେ ସୁରକ୍ଷିତ ଭାବେ ଓହ୍ଲାଇଲେ, ଲୋକେ ଉତ୍ସାହିତ ହୋଇଉଠିଲେ । ପ୍ରତ୍ୟେକ ହୃଦୟରେ ଖୁସିର ଲହରି ଖେଳିଗଲା । ସମଗ୍ର ଦେଶ ଗର୍ବରେ ପରିପୂର୍ଣ୍ଣ ହୋଇଗଲା । ମୋର ମନେଅଛି, ଯେତେବେଳେ ଅଗଷ୍ଟ ୨୦୨୩ରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ହୋଇଥିଲା, ସେତେବେଳେ ଦେଶରେ ଗୋଟିଏ ନୂଆ ବାତାବରଣ ସୃଷ୍ଟି ହୋଇଥିଲା । ବିଜ୍ଞାନକୁ ନେଇ, ମହାକାଶକୁ ନେଇ ପିଲାମାନଙ୍କ ମନରେ ଏକ ନୂଆ ଜିଜ୍ଞାସା ମଧ୍ୟ ଜାଗ୍ରତ ହୋଇଥିଲା । ଏବେ ଛୋଟ ଛୋଟ ପିଲାମାନେ କହୁଛନ୍ତି, ଆମେ ବି ମହାକାଶକୁ ଯିବୁ । ଆମେ ବି ଚନ୍ଦ୍ରପୃଷ୍ଠରେ ଓହ୍ଲାଇବୁ – ମହାକାଶ ବିଜ୍ଞାନୀ ହେବୁ ।

ବନ୍ଧୁଗଣ, ଆପଣ INSPIRE-MANAK ଅଭିଯାନର ନାମ ଶୁଣିଥିବେ । ଏହା ପିଲାମାନଙ୍କ ନବୋନ୍ମେଷକୁ ପ୍ରୋତ୍ସାହିତ କରିବାର ଅଭିଯାନ ଅଟେ । ଏଥିରେ ପ୍ରତ୍ୟେକ ସ୍କୁଲରୁ ୫ ଜଣ ପିଲାଙ୍କୁ ବଛାଯାଇଥାଏ । ପ୍ରତ୍ୟେକ ପିଲା ଏକ ନୂଆ ଚିନ୍ତାଧାରା (ଆଇଡିଆ) ନେଇ ଆସିଥାଏ । ଏଥିରେ ଏପର୍ଯ୍ୟନ୍ତ ଲକ୍ଷ ଲକ୍ଷ ପିଲା ଯୋଡ଼ି ହୋଇ ସାରିଛନ୍ତି ଏବଂ ଚନ୍ଦ୍ରଯାନ-୩ ପରେ ତ ଏମାନଙ୍କ ସଂଖ୍ୟା ଦୁଇଗୁଣା ହୋଇଯାଇଛି । ଦେଶରେ start-ups ଗୁଡ଼ିକର ସଂଖ୍ୟା ମଧ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି । ପାଞ୍ଚବର୍ଷ ପୂର୍ବରୁ ୫୦ରୁ ବି କମ start-ups ଥିଲା । ଆଜି କେବଳ ମହାକାଶ କ୍ଷେତ୍ରରେ ଏହି ସଂଖ୍ୟା ୨୦୦ରୁ ଅଧିକ ହୋଇଗଲାଣି ।

ବନ୍ଧୁଗଣ, ଆସନ୍ତା ମାସ ଅର୍ଥାତ ଅଗଷ୍ଟ ୨୩ ତାରିଖ ଦିନ ହେଉଛି ଜାତୀୟ ମହାକାଶ ଦିବସ । ଆପଣ ଏହାକୁ କିଭଳି ଭାବେ ପାଳନ କରିବେ, କୌଣସି ନୂଆ କଥା ଚିନ୍ତା କରିଛନ୍ତି କି ? ମୋତେ ନମୋ ଆପରେ ନିଶ୍ଚୟ ମେସେଜ୍ ପଠାଇବେ ।

ବନ୍ଧୁଗଣ, ଏକବିଂଶ ଶତାବ୍ଦୀର ଭାରତରେ ଆଜି ବିଜ୍ଞାନ ଏକ ନୂଆ ଶକ୍ତି ସହ ଅଗ୍ରସର ହେଉଛି । କିଛିଦିନ ପୂର୍ବେ, ଆମ ଛାତ୍ରମାନେ International Chemistry Olympiad ପଦକ ଜିତିଛନ୍ତି । ଦେବେଶ ପଙ୍କଜ୍, ସନ୍ଦିପ କୁଚି, ଦେବଦତ୍ତ ପ୍ରିୟଦର୍ଶୀ ଏବଂ ଉଜ୍ଜ୍ୱଳ କେଶରୀ – ଏହି ଚାରିଜଣ ଭାରତର ନାମ ଗୌରବାନ୍ୱିତ କରିଛନ୍ତି । ଗଣିତର ଦୁନିଆରେ ମଧ୍ୟ ଭାରତ ନିଜର ପରିଚୟକୁ ଆହୁରି ମଜଭୁତ କରିଛି । ଅଷ୍ଟ୍ରେଲିଆରେ ହୋଇଥିବା International Chemistry Olympiadରେ ଆମ ଛାତ୍ରଛାତ୍ରୀମାନେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି ।

ବନ୍ଧୁଗଣ, ଆସନ୍ତା ମାସରେ ମୁମ୍ବାଇରେ ଅଟ tronomy ଏବଂ Astrophysics Olympiad ହେବାକୁ ଯାଉଛି । ଏଥିରେ ୬୦ରୁ ଅଧିକ ଦେଶର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ । ବୈଜ୍ଞାନିକମାନେ ମଧ୍ୟ ଯୋଗଦେବେ । ଏହା ଏପର୍ଯ୍ୟନ୍ତର ସର୍ବବୃହତ ଅଲମ୍ପିଆଡ୍ ହେବ । ଦେଖିବାକୁ ଗଲେ, ଭାରତ ବର୍ତ୍ତମାନ ଅଲିମ୍ପିକ୍ ଏବଂ ଅଲମ୍ପିଆଡ୍ ଉଭୟ ପାଇଁ ଆଗକୁ ବଢ଼ୁଛି ।

ମୋର ପ୍ରିୟ ଦେଶବାସୀଗଣ, ଆମ ସମସ୍ତଙ୍କୁ ଗର୍ବରେ ପରିପୂର୍ଣ୍ଣ କରିବା ଭଳି ଆଉ ଏକ ଖବର ଆସିଛି ୟୁନେସ୍କୋରୁ । ୟୁନେସ୍କୋ ୧୨ଟି ମରହଟ୍ଟା ଦୁର୍ଗକୁ ବିଶ୍ୱ ଐତିହ୍ୟ ସ୍ଥଳୀ ରୂପେ ମାନ୍ୟତା ଦେଇଛି । ୧୧ଟି ଦୁର୍ଗ ମହାରାଷ୍ଟ୍ରରେ, ଗୋଟିଏ ତାମିଲନାଡୁରେ । ପ୍ରତ୍ୟେକ ଦୁର୍ଗ ସହିତ ଇତିହାସର ଗୋଟିଏ ଗୋଟିଏ ପୃଷ୍ଠା ଜଡ଼ିତ । ପ୍ରତ୍ୟେକ ପଥର ଗୋଟିଏ ଐତିହାସିକ ଘଟଣାର ସାକ୍ଷୀ ହୋଇରହିଛି । ସଲହେର୍ ଦୁର୍ଗ-ଯେଉଁଠାରେ ମୋଗଲମାନଙ୍କର ପରାଜୟ ହୋଇଥିଲା, ଶିବନେରୀ- ଯେଉଁଠାରେ ଛତ୍ରପତି ଶିବାଜୀ ମହାରାଜ ଜନ୍ମଗ୍ରହଣ କରିଥିଲେ, ଏଭଳି ଦୁର୍ଗ, ଯାହାକୁ ଶତ୍ରୁ ଭେଦ କରିପାରିଲେ ନାହିଁ । ଖାନ୍ଦେରୀ ଦୁର୍ଗ – ସମୁଦ୍ର ମଧ୍ୟରେ ନିର୍ମିତ ଏକ ଅଦ୍ଭୁତ ଦୁର୍ଗ । ଶତ୍ରୁମାନେ ତାଙ୍କୁ ଅଟକାଇବାକୁ ଚାହୁଁଥିଲେ, କିନ୍ତୁ ଶିବାଜୀ ମହାରାଜ ଅସମ୍ଭବକୁ ମଧ୍ୟ ସମ୍ଭବ କରି ଦେଖାଇଲେ । ପ୍ରତାପଗଡ ଦୁର୍ଗ – ଯେଉଁଠାରେ ଅଫଜଲ୍ ଖାନ୍ ଉପରେ ବିଜୟ ପ୍ରାପ୍ତ ହୋଇଥିଲା, ସେହି ଗାଥାର ପ୍ରତିଧ୍ୱନି ଆଜି ବି ଦୁର୍ଗର ପ୍ରାଚୀରରେ ରହିଛି । ବିଜୟ ଦୁର୍ଗ – ଯେଉଁଥିରେ ଗୁପ୍ତ ସୁଡ଼ଙ୍ଗ ଥିଲା । ଛତ୍ରପତି ଶିବାଜୀ ମହାରାଜଙ୍କ ଦୂରଦୃଷ୍ଟିର ପ୍ରମାଣ ଏହି ଦୁର୍ଗରୁ ହିଁ ମିଳିଥାଏ । ମୁଁ କିଛିବର୍ଷ ପୂର୍ବରୁ ରାଇଗଡ ଗସ୍ତ କରିଥିଲି । ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମା ସମ୍ମୁଖରେ ପ୍ରଣିପାତ କରିଥିଲି । ଏହି ଅନୁଭୂତି ଆଜୀବନ ମୋ ସହିତ ରହିବ ।

ବନ୍ଧୁଗଣ, ଦେଶର ଅନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ଅଦ୍ଭୁତ ଦୁର୍ଗ ଅଛି, ଯେଉଁଗୁଡ଼ିକ ଆକ୍ରମଣ ସହିଛି, ପ୍ରତିକୂଳ ପାଗର ସାମ୍ନା କରିଛି, କିନ୍ତୁ ଆତ୍ମସମ୍ମାନକୁ କେବେବି ନୁଆଁଇବାକୁ ଦେଇନାହିଁ । ରାଜସ୍ଥାନର ଚିତ୍ତୋରଗଡ଼ ଦୁର୍ଗ, କୁମ୍ଭଲଗ ଦୁର୍ଗ, ରଣଥମ୍ଭୋର ଦୁର୍ଗ, ଆମେର ଦୁର୍ଗ ... ଜୈସଲମେର ଦୁର୍ଗ ତ ବିଶ୍ୱପ୍ରସିଦ୍ଧ । କର୍ଣ୍ଣାଟକର ଗୁଲବର୍ଗା ଦୁର୍ଗ ମଧ୍ୟ ବହୁତ ବଡ଼ । ଚିତ୍ରଦୁର୍ଗ କିଲ୍ଲାର ବିଶାଳତା ମଧ୍ୟ ଆପଣଙ୍କୁ କୌତୁହଳରେ ଭରିଦେବ, ଯେ ସେ ସମୟରେ ଏହି ଦୁର୍ଗ କିଭଳି ନିର୍ମିତ ହୋଇଥିବ !

ବନ୍ଧୁଗଣ, ଉତ୍ତରପ୍ରଦେଶର ବାନ୍ଦାଠାରେ ରହିଛି କାଲିଂଜର୍ କିଲ୍ଲା । ମହମୁଦ ଗଜନୀ ଅନେକ ଥର ଏହି ଦୁର୍ଗ ଉପରେ ଆକ୍ରମଣ କରିଥିଲେ, କିନ୍ତୁ ପ୍ରତ୍ୟେକ ଥର ବିଫଳ ହୋଇଥିଲେ । ବୁନ୍ଦେଲଖଣ୍ଡରେ ଏଭଳି ଅନେକ ଦୁର୍ଗ ରହିଛି – ଗୋଆଲିଅର, ଝାନ୍ସୀ, ଦତିଆ, ଅଜୟଗଡ଼, ଗଢ଼କୁଣ୍ଡାର, ଚନ୍ଦେରୀ । ଏହି ଦୁର୍ଗଗୁଡ଼ିକ କେବଳ ଇଟା-ପଥର ନୁହେଁ, ଏଗୁଡ଼ିକ ଆମ ସଂସ୍କୃତିର ପ୍ରତୀକ । ସଂସ୍କାର ଏବଂ




ସ୍ୱାଭିମାନ ଆଜି ମଧ୍ୟ ଏହି ଦୁର୍ଗଗୁଡ଼ିକର ସୁଉଚ୍ଚ ପ୍ରାଚୀରରୁ ପ୍ରତୀୟମାନ ହେଉଛି । ମୁଁ ସମସ୍ତ ଦେଶବାସୀଙ୍କୁ ଅନୁରୋଧ କରୁଛି- ଏହି ଦୁର୍ଗଗୁଡ଼ିକୁ ଭ୍ରମଣ କରନ୍ତୁ, ନିଜ ଇତିହାସକୁ ଜାଣନ୍ତୁ, ଗର୍ବ ଅନୁଭବ କରନ୍ତୁ ।

ମୋର ପ୍ରିୟ ଦେଶବାସୀଗଣ, ଆପଣମାନେ କଳ୍ପନା କରନ୍ତୁ । ଭୋର ସମୟ, ବିହାରର ମୁଜାଫରପୁର ସହର, ତାରିଖ ହେଉଛି ୧୯୦୮ ମସିହା ଅଗଷ୍ଟ ୧୧ । ପ୍ରତ୍ୟେକ ଗଳି, ପ୍ରତ୍ୟେକ ଛକରେ ସେହି ସମୟରେ ଚଳପ୍ରଚଳ ଅଟକିଯାଇଥିଲା । ଲୋକଙ୍କ ଆଖିରେ ଅଶ୍ରୁ ଭରି ରହିଥିଲା, କିନ୍ତୁ ହୃଦୟରେ ଜଳୁଥିଲା ବହ୍ନି । ଲୋକମାନେ ଜେଲକୁ ଘେରି ରହିଥିଲେ, ଯେଉଁଠାରେ ଜଣେ ୧୮ ବର୍ଷର ଯୁବକ, ଇଂରେଜମାନଙ୍କ ବିରୁଦ୍ଧରେ ନିଜ ଦେଶପ୍ରେମ ପ୍ରକାଶ କରିବାର ମୂଲ୍ୟ ଦେଉଥିଲା । ଜେଲ୍ ଭିତରେ, ଇଂରେଜ ଅଧିକାରୀମାନେ, ଜଣେ ଯୁବକକୁ ଫାଶୀ ଦେବାପାଇଁ ପ୍ରସ୍ତୁତି ଚଳାଇଥିଲେ । ସେହି ଯୁବକର ମୁହଁରେ ଭୟ ନ ଥିଲା, ବରଂ ସେ ଗର୍ବରେ ପରିପୂର୍ଣ୍ଣ ଥିଲା – ସେହି ଗର୍ବ, ଯାହା ଦେଶ ପାଇଁ ପ୍ରାଣ ଦେବାକୁ ଚାହୁଁଥିବା ବ୍ୟକ୍ତି ମଧ୍ୟରେ ଥାଏ । ସେହି ବୀର, ସେହି ସାହସୀ ଯୁବକ ଥିଲେ ଖୁଦିରାମ ବୋଷ । ମାତ୍ର ୧୮ ବର୍ଷ ବୟସରେ ସେ ସେହି ସାହସ ଦେଖାଇଥିଲେ, ଯାହା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା । ସେତେବେଳେ ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଥିଲା – ଖୁଦିରାମ ବୋଷ ଯେତେବେଳେ ଫାଶୀଖୁଣ୍ଟ ଆଡ଼କୁ ଅଗ୍ରସର ହେଲେ, ତାଙ୍କ ମୁହଁରେ ହସ ଥିଲା । ଏହିପରି ଅସଂଖ୍ୟ ବଳିଦାନ ପରେ ଶହ ଶହ ବର୍ଷର ତପସ୍ୟା ପରେ ଆମକୁ ସ୍ୱାଧୀନତା ମିଳିଥିଲା । ଦେଶପ୍ରେମୀମାନେ ନିଜ ରକ୍ତରେ ସ୍ୱାଧୀନତା ଆନ୍ଦୋଳନକୁ ସିଞ୍ଚନ କରିଥିଲେ ।

ବନ୍ଧୁଗଣ, ଏଇଥିପାଇଁ ହିଁ ତ ଅଗଷ୍ଟ ମାସ ହେଉଛି କ୍ରାନ୍ତିର ମାସ । ଅଗଷ୍ଟ ୧ ତାରିଖ ହେଉଛି ବାଲ୍ ଗଙ୍ଗାଧର ତିଲକଙ୍କ ପୁଣ୍ୟତିଥି । ଏହି ଅଗଷ୍ଟ ମାସ ୮ ତାରିଖରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା । ତା'ପରେ ଆସେ ଅଗଷ୍ଟ ୧୫, ଆମର ସ୍ୱାଧୀନତା ଦିବସ । ଆମେ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଉ, ସେମାନଙ୍କଠାରୁ ପ୍ରେରଣା ପ୍ରାପ୍ତ କରୁ, କିନ୍ତୁ ବନ୍ଧୁଗଣ, ଆମ ସ୍ୱାଧୀନତା ସହିତ ଦେଶ ବିଭାଜନର କଷ୍ଟ ମଧ୍ୟ ଜଡ଼ିତ । ତେଣୁ ଆମେ ଅଗଷ୍ଟ ୧୪ ତାରିଖକୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ଭାବେ ପାଳନ କରୁ ।

ମୋର ପ୍ରିୟ ଦେଶବାସୀଗଣ, ୧୯୦୫ ମସିହା ଅଗଷ୍ଟ ୭ ତାରିଖ ଦିନ ଆଉ ଗୋଟିଏ ବିପ୍ଳବ (କ୍ରାନ୍ତି) ଆରମ୍ଭ ହୋଇଥିଲା । ଏହା ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ବିଶେଷକରି ହ୍ୟାଣ୍ଡଲୁମକୁ ଏକ ନୂଆ ଶକ୍ତି ଦେଇଥିଲା । ଏହାର ସ୍ମୃତି ସ୍ୱରୂପ ଦେଶ ପ୍ରତିବର୍ଷ ଅଗଷ୍ଟ ୭ ତାରିଖରେ National Handloom Day ପାଳନ କରିଥାଏ । ଚଳିତ ବର୍ଷ ଅଗଷ୍ଟ ୭ ତାରିଖ ଦିନ Handloom Day ପାଳନର ୧୦ ବର୍ଷ ପୂରଣ ହେଉଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଯେମିତି ଆମ ଖଦି ସ୍ୱାଧୀନତା ଆନ୍ଦୋଳନକୁ ନୂଆ ଶକ୍ତି ଦେଇଥିଲା, ସେହିପରି ଆଜି ଯେତେବେଳେ ଦେଶ, ବିକଶିତ ଭାରତ ହେବା ଦିଗରେ ଅଗ୍ରସର ହେଉଛି, ସେତେବେଳେ ବୟନ କ୍ଷେତ୍ର ଦେଶର ଶକ୍ତି ପାଲଟୁଛି । ଏହି ୧୦ ବର୍ଷରେ ଦେଶର ବିଭିନ୍ନ ଅଞ୍ଚଳରେ ଏହି କ୍ଷେତ୍ର ସହିତ ଜଡ଼ିତ ଲକ୍ଷ ଲକ୍ଷ ଲୋକ, ସଫଳତାର ଅନେକ ଗାଥା (କାହାଣୀ) ଲେଖିଛନ୍ତି । ମହାରାଷ୍ଟ୍ରର ପୈଠନ୍ ନାମକ ଗାଁର କବିତା ଧବଲେ ପ୍ରଥମେ ଗୋଟିଏ ଛୋଟ ରୁମରେ କାମ କରୁଥିଲେ । ଜାଗା ବି ନ ଥିଲା କି ସୁବିଧା ବି ନ ଥିଲା । ସରକାରଙ୍କଠାରୁ ସାହାଯ୍ୟ ମିଳିଲା । ଏବେ ତାଙ୍କ ପ୍ରତିଭାର ବିକାଶ ହୋଇଛି । ସେ ତିନିଗୁଣ ଅଧିକ ରୋଜଗାର କରୁଛନ୍ତି । ନିଜେ ତିଆରି କରୁଥିବା ପୈଠଣୀ ଶାଢ଼ୀ ବିକ୍ରି କରୁଛନ୍ତି । ଓଡ଼ିଶାର ମୟୂରଭଞ୍ଜରେ ମଧ୍ୟ ସଫଳତାର ଏହିଭଳି ଏକ କାହାଣୀ ରହିଛି । ଏଠାରେ ୬୫୦ରୁ ଅଧିକ ଆଦିବାସୀ ମହିଳା ସାନ୍ତାଳୀ ଶାଢ଼ୀକୁ ପୁନର୍ଜୀବିତ କରିଛନ୍ତି । ଏବେ ଏହି ମହିଳାମାନେ ପ୍ରତି ମାସରେ ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି । ଏମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି, ନିଜର ପରିଚୟ ମଧ୍ୟ ସୃଷ୍ଟି କରୁଛନ୍ତି । ବିହାର ନାଳନ୍ଦାର ନବୀନ କୁମାରଙ୍କ ଉପଲବ୍ଧି ମଧ୍ୟ ପ୍ରେରଣାଦାୟକ । ତାଙ୍କ ପରିବାର ପିଢ଼ି ପିଢ଼ି ଧରି ଏହି କାମ ସହିତ ଜଡ଼ିତ । କିନ୍ତୁ ସବୁଠାରୁ ଭଲ କଥା ହେଉଛି ଯେ, ତାଙ୍କ ପରିବାର ଏବେ ଏହି କ୍ଷେତ୍ରରେ ଆଧୁନିକତାକୁ ମଧ୍ୟ ଆପଣେଇଛନ୍ତି । ଏବେ ତାଙ୍କ ପିଲାମାନେ Handloom Technology ବିଷୟରେ ଶିକ୍ଷା ଗ୍ରହଣ କରୁଛନ୍ତି । ସେ ବଡ଼ ବଡ଼ ବ୍ରାଣ୍ଡରେ କାମ କରୁଛନ୍ତି । ଏହି ପରିବର୍ତ୍ତନ କେବଳ ଗୋଟିଏ ପରିବାରକୁ ନୁହେଁ, ଏହା ଆଖପାଖର ଅନେକ ପରିବାରକୁ ଆଗକୁ ବଢ଼ାଉଛି । ବନ୍ଧୁଗଣ, ବୟନ ଭାରତର କେବଳ ଗୋଟିଏ କ୍ଷେତ୍ର ନୁହେଁ, ଏହା ଆମ ସାଂସ୍କୃତିକ ବିବିଧତାର ଏକ ଉଦାହରଣ ମଧ୍ୟ ଅଟେ । ଆଜି ବୟନ ଶିଳ୍ପ ଏବଂ ପୋଷାକ ବଜାର ଅତି ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଛି ଏବଂ ଏହି ବିକାଶର ସବୁଠାରୁ ସୁନ୍ଦର କଥା ହେଉଛି ଯେ ଗାଁର ମହିଳାମାନେ, ସହରର ଡିଜାଇନର୍, ବୟସ୍କ ବୁଣାକାର ଏବଂ ଷ୍ଟାର୍ଟ-ଅପ୍ ଆରମ୍ଭ କରୁଥିବା ଆମ ଯୁବକମାନେ – ସମସ୍ତେ ମିଶି ଏହାକୁ ଆଗକୁ ବଢ଼ାଉଛନ୍ତି । ଆଜି ଭାରତରେ ୩ ହଜାରରୁ ଅଧିକ textile ଷ୍ଟାର୍ଟ-ଅପ୍ ସକ୍ରିୟ ରହିଛି । ଅନେକ ଷ୍ଟାର୍ଟ-ଅପ୍ ଭାରତର ହ୍ୟାଣ୍ଡଲୁମ ପରିଚୟକୁ global height ଦେଇଛନ୍ତି ।

ବନ୍ଧୁଗଣ, ୨୦୪୭ର ବିକଶିତ ଭାରତର ରାସ୍ତା ଆତ୍ମନିର୍ଭରଶୀଳତା ଦେଇ ଗତି କରୁଛି ଏବଂ ଆତ୍ମନିର୍ଭର ଭାରତର ସବୁଠାରୁ ବଡ଼ ଆଧାର ହେଉଛି Vocal for Local । ଯେଉଁ ଜିନିଷଗୁଡ଼ିକ ଭାରତରେ ତିଆରି ହୋଇଛି, ଯାହାକୁ ତିଆରି କରିବାରେ କୌଣସି ଭାରତୀୟର ଝାଳ ବହିଛି, ତାହା ହିଁ କିଣନ୍ତୁ ଏବଂ ତାହା ହିଁ ବିକ୍ରି କରନ୍ତୁ । ଏହା ଆମର ସଂକଳ୍ପ ହେବା ଉଚିତ ।

ମୋର ପ୍ରିୟ ଦେଶବାସୀଗଣ, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଆମର ଲୋକଗୀତ ଏବଂ ପରମ୍ପରାରେ ମିଳିଥାଏ ଏବଂ ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ । କିନ୍ତୁ ବନାଗ୍ନି ସମ୍ପର୍କରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଥିବା କଥା ଆପଣମାନେ କେବେ ଶୁଣିଛନ୍ତି କି ? ବୋଧହୁଏ, ଆପଣମାନେ ଏକଥାକୁ ବିଶ୍ୱାସ କରି ନ ପାରନ୍ତି, କିନ୍ତୁ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ଏକ ଅଦ୍ଭୁତ କାର୍ଯ୍ୟ ଚାଲିଛି । ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଏକ ଦଳ ଅଛି । ଭକ୍ତି ସହିତ ଏହି ଦଳ ଆଜି ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି । ଏହି ପଦକ୍ଷେପର ପ୍ରେରଣା ହେଉଛନ୍ତି ପ୍ରମିଳା ପ୍ରଧାନ । ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଲେ । ତାଙ୍କ ଦଳ ଗାଁ ଗାଁ ବୁଲିଲା । ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ସେ ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଇଲେ । ଏହି ଉଦାହରଣ ଆମକୁ ଏ କଥା ମନେପକାଇ ଦିଏ ଯେ, ଆମ ଲୋକ ପରମ୍ପରାଗୁଡ଼ିକ କୌଣସି ପୁରୁଣା ଯୁଗର ଜିନିଷ ନୁହେଁ, ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ।

ମୋର ପ୍ରିୟ ଦେଶବାସୀଗଣ, ଭାରତର ସଂସ୍କୃତିର ଏକ ବଡ଼ ଆଧାର ହେଉଛି ଆମ ପର୍ବପର୍ବାଣୀ ଏବଂ ପରମ୍ପରା, କିନ୍ତୁ ଆମ ସଂସ୍କୃତିର ଜୀବନୀଶକ୍ତିର ଆଉ ଗୋଟିଏ ଦିଗ ରହିଛି । ଏହା ହେଉଛି, ନିଜର ବର୍ତ୍ତମାନ ଏବଂ ନିଜ ଇତିହାସକୁ ଡକ୍ୟୁମେଣ୍ଟ କରି ରଖିବା । ଆମର ପ୍ରକୃତ ଶକ୍ତି ହେଉଛି ସେହି ଜ୍ଞାନ, ଯାହା ଶହ ଶହ ବର୍ଷ ଧରି ପାଣ୍ଡୁଲିପି ବା ମାନ୍ୟୁସ୍କ୍ରିପ୍ଟ ରୂପରେ ସଂରକ୍ଷିତ ହୋଇ ରହିଛି । ଏହି ପାଣ୍ଡୁଲିପିଗୁଡ଼ିକରେ ବିଜ୍ଞାନ ଅଛି, ଚିକିତ୍ସା ପଦ୍ଧତି ଅଛି, ସଙ୍ଗୀତ ଅଛି, ଦର୍ଶନ ଅଛି, ଏବଂ ସବୁଠାରୁ ବଡ଼ କଥା ହେଉଛି, ସେହି ଚିନ୍ତନ, ଯାହା ମାନବତାର ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରେ ।

ବନ୍ଧୁଗଣ, ଏହିପରି ଅସାଧାରଣ ଜ୍ଞାନକୁ, ଏହି ପରମ୍ପରାକୁ ସାଇତି ରଖିବା ଆମ ସମସ୍ତଙ୍କ ଦାୟିତ୍ୱ । ଆମ ଦେଶରେ ପ୍ରତ୍ୟେକ କାଳଖଣ୍ଡରେ ଏପରି ଲୋକ ହୋଇଛନ୍ତି, ଯେଉଁମାନେ ଏହାକୁ ନିଜର ସାଧନା କରିନେଇଛନ୍ତି । ସେହିପରି ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ହେଉଛନ୍ତି – ତାମିଲନାଡୁର ତାଞ୍ଜାଭୁରର ମଣିମାରନ୍ ଜୀ । ତାଙ୍କୁ ଲାଗିଲା ଯେ, ଯଦି ଆଜିର ପିଢ଼ି ତାମିଲ ପାଣ୍ଡୁଲିପି ପଢ଼ିବା ଶିଖିବ ନାହିଁ, ତେବେ ଆଗାମୀ ସମୟରେ ଏହି ଅମୂଲ୍ୟ ଐତିହ୍ୟ ହଜିଯିବ । ସେଥିପାଇଁ ସେ ସନ୍ଧ୍ୟାରେ କ୍ଲାସ୍ ଆରମ୍ଭ କଲେ । ଯେଉଁଠି ଛାତ୍ର, ଚାକିରି କରୁଥିବା ଯୁବକ, ଗବେଷକ – ସମସ୍ତେ ଏଠାକୁ ଆସି ଶିଖିବାକୁ ଲାଗିଲେ । ମଣିମାରନ୍ ଜୀ ଲୋକମାନଙ୍କୁ ଶିଖାଇଲେ ଯେ, 'tamil suvadiyiyal' ଅର୍ଥାତ palm leaf manuscripts ପଢ଼ିବା ଓ ବୁଝିବାର ବିଧି କ'ଣ । ଆଜି ଅନେକ ପ୍ରୟାସରେ ଅନେକ ଛାତ୍ର ଏହି ବିଦ୍ୟାରେ ପାରଙ୍ଗମ ହୋଇସାରିଛନ୍ତି । କିଛି ଛାତ୍ର ତ ଏହି ପାଣ୍ଡୁଲିପିଗୁଡ଼ିକର ଆଧାରରେ ପାରମ୍ପରିକ ଔଷଧ ପ୍ରଣାଳୀ ଉପରେ ଗବେଷଣା ମଧ୍ୟ ଆରମ୍ଭ କରିଦେଇଛନ୍ତି । ବନ୍ଧୁଗଣ, ଭାବନ୍ତୁ, ଯଦି ଏଭଳି ପ୍ରୟାସ ଦେଶବ୍ୟାପୀ ହୁଏ, ତେବେ ଆମର ପୁରାତନ ଜ୍ଞାନ କେବଳ କାନ୍ଥରେ ସୀମିତ ହୋଇ ରହିବ ନାହିଁ ବରଂ ଏହା ନୂଆ ପିଢ଼ିର ଚେତନାର ଅଂଶ ହୋଇଯିବ । ଏହି ଚିନ୍ତାଧାରାରୁ ପ୍ରେରିତ ହୋଇ ଭାରତ ସରକାର ଚଳିତ ବର୍ଷର ବଜେଟରେ ଏକ ଐତିହାସିକ ପଦକ୍ଷେପ ବିଷୟରେ ଘୋଷଣା କରିଛନ୍ତି । "Gyan Bharatam Mission' ଅଧୀନରେ ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକୁ Digitise କରାଯିବ । ତା ପରେ ଗୋଟିଏ National Digital Repository ତିଆରି କରାଯିବ, ଯେଉଁଠି ସାରା ବିଶ୍ୱର ବିଦ୍ୟାର୍ଥୀ, ଗବେଷକ, ଭାରତର ଜ୍ଞାନ ପରମ୍ପରା ସହିତ ଯୋଡ଼ି ହୋଇପାରିବେ । ମୋର ମଧ୍ୟ ଆପଣ ସମସ୍ତଙ୍କୁ ଅନୁରୋଧ ଯେ, ଯଦି ଆପଣ ଏଭଳି କୌଣସି ପ୍ରଚେଷ୍ଟାରେ ଜଡ଼ିତ, କିମ୍ବା ଜଡ଼ିତ ହେବାକୁ ଚାହୁଁଛନ୍ତି, ତେବେ My Gov କିମ୍ବା ସଂସ୍କୃତି ମନ୍ତ୍ରଣାଳୟ ସହ ନିଶ୍ଚିତ ଭାବେ ଯୋଗାଯୋଗ କରନ୍ତୁ । କାରଣ, ଏହା କେବଳ ପାଣ୍ଡୁଲିପି ନୁହେଁ, ଏଗୁଡ଼ିକ ଭାରତର ଆତ୍ମାର ସେହି ଅଧ୍ୟାୟ, ଯାହାକୁ ଆମକୁ ଆଗାମୀ ପିଢ଼ିମାନଙ୍କୁ ପାଇବାକୁ ପଡ଼ିବ ।

ମୋର ପ୍ରିୟ ଦେଶବାସୀଗଣ, ଆପଣଙ୍କ ଆଖ ପାଖରେ କେତେ ପ୍ରକାରର ପକ୍ଷୀ ଅଛନ୍ତି, ଚଢ଼େଇ ଅଛନ୍ତି ବୋଲି ଆପଣଙ୍କୁ ପ୍ରଶ୍ନ କରାଯାଏ, ତାହେଲେ ଆପଣ କ'ଣ କହିବେ ? ବୋଧହୁଏ, ଏହା ଯେ ମୋତେ ୫-୬ଟି ପକ୍ଷୀ ଦେଖାଯାଆନ୍ତି – କିଛି ଜଣାଶୁଣା ଥାଆନ୍ତି, କିଛି ଅଜଣା । କିନ୍ତୁ ଏହା ଜାଣିବା ବହୁତ ରୋଚକ ହୋଇଥାଏ ଯେ, ଆମ ଆଖପାଖରେ ପକ୍ଷୀମାନଙ୍କ କେଉଁ କେଉଁ ପ୍ରଜାତି ବାସ କରନ୍ତି । ସମ୍ପ୍ରତି ଏଭଳି ଏକ ଉତ୍କୃଷ୍ଟ ପ୍ରୟାସ ହୋଇଛି, ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନରେ । ସାଧାରଣତଃ ଏହି ଅଞ୍ଚଳ ନିଜ Rhinos ବା ଗଣ୍ଡାମାନଙ୍କ ପାଇଁ ପ୍ରସିଦ୍ଧ – କିନ୍ତୁ ଏଥର ଆଲୋଚନାର ବିଷୟ ହୋଇଛି ଏଠାକାର ଘାସ ପଡ଼ିଆ ଏବଂ ସେଥିରେ ରହୁଥିବା ଚଢ଼େଇମାନେ । ଏଠାରେ ପ୍ରଥମ ଥର ପାଇଁ Grassland Bird Census ବା ତୃଣଭୂମି ପକ୍ଷୀଗଣନା ହୋଇଛି । ଆପଣମାନେ ଜାଣି ଖୁସି ହେବେ ଯେ, ଏହି Census ଯୋଗୁଁ ୪୦ରୁ ଅଧିକ ପ୍ରଜାତିର ପକ୍ଷୀ ଚିହ୍ନଟ ହୋଇଛନ୍ତି । ଏଥିରେ ଅନେକ ବିରଳ ପକ୍ଷୀ ମଧ୍ୟ ରହିଛନ୍ତି । ଆପଣ ଭାବୁଥିବେ, ଏତେ ପକ୍ଷୀ କିପରି ଚିହ୍ନଟ ହେଲେ? ଏଥିରେ ଟେକ୍ନୋଲୋଜି ଚମତ୍କାର କାମ କରି ଦେଖାଇଲା । ଗଣନା କରୁଥିବା ଦଳ ଶବ୍ଦ ରେକର୍ଡ଼ କରିବା ପାଇଁ ଯନ୍ତ୍ର ଲଗାଇଲେ । ତା'ପରେ କମ୍ପ୍ୟୁଟର ଦ୍ୱାରା ସେହି ଶବ୍ଦଗୁଡ଼ିକର ବିଶ୍ଳେଷଣ କରାଗଲା । ଏ.ଆଇ.ର ବ୍ୟବହାର କରାଗଲା । କେବଳ ଶବ୍ଦରୁ ହିଁ ପକ୍ଷୀଙ୍କୁ ଚିହ୍ନଟ କରାଗଲା । ତାହା ପୁଣି ସେମାନଙ୍କୁ ବିଚଳିତ ନକରି ଭାବନ୍ତୁ ତ ! ଟେକ୍ନୋଲଜି ଏବଂ ସମ୍ବେଦନଶୀଳତା ଯେତେବେଳେ ଏକାଠି ହୋଇଯାଏ, ସେତେବେଳେ ପ୍ରକୃତିକୁ ବୁଝିବା କେତେ ସହଜ ହୋଇଯାଏ । ଆମେ ଏଭଳି ପ୍ରଚେଷ୍ଟାଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ, ଯାହା ଫଳରେ ଆମେ ନିଜ ଜୈବବିବିଧତା ସହ ପରିଚିତ ହୋଇପାରିବା ଏବଂ ଆଗାମୀ ପିଢ଼ିକୁ ମଧ୍ୟ ଏହା ସହ ଯୋଡ଼ିପାରିବା ।

ମୋର ପ୍ରିୟ ଦେଶବାସୀଗଣ, ବେଳେବେଳେ ସବୁଠୁ ବଡ଼ ଆଲୋକ ସେହିଠାରୁ ସୃଷ୍ଟି ହୁଏ, ଯେଉଁଠାରେ ଅନ୍ଧାରର ସବୁଠାରୁ ଅଧିକ ରାଜୁତି ଥାଏ । ଏହିଭଳି ଏକ ଉଦାହରଣ ହେଉଛି, ଝାଡ଼ଖଣ୍ଡର ଗୁମଲା ଜିଲ୍ଲାର । ଦିନ ଥିଲା, ଯେତେବେଳେ ଏହି ଅଞ୍ଚଳ ମାଓବାଦୀ ହିଂସା ପାଇଁ ପରିଚିତ ଥିଲା । ବାସିଆ ବ୍ଲକର ଗାଁଗୁଡ଼ିକ ଜନଶୂନ୍ୟ ହୋଇ ଚାଲିଥିଲା। ଲୋକେ ଭୟରେ ଜୀବନ ବିତାଉଥିଲେ । ରୋଜଗାରର କୌଣସି ସମ୍ଭାବନା ଦେଖାଯାଉ ନଥିଲା । ଜମିଗୁଡ଼ିକ ପଡ଼ିଆ ପଡ଼ିଥିଲା ଏବଂ ଯୁବକମାନେ ପଳାୟନ କରୁଥିଲେ । କିନ୍ତୁ, ତାପରେ ପରିବର୍ତ୍ତନର ଏକ ବହୁତ ଶାନ୍ତ ଏବଂ ଧୈର୍ଯ୍ୟରେ ପରିପୂର୍ଣ୍ଣ ଶୁଭାରମ୍ଭ ହେଲା । ଓମପ୍ରକାଶ ସାହୁ ନାମକ ଜଣେ ଯୁବକ ହିଂସାର ମାର୍ଗ ଛାଡ଼ିଦେଲେ । ସେ ମାଛଚାଷ ଆରମ୍ଭ କଲେ । ତା'ପରେ ନିଜ ଭଳି ଅନେକ ସାଥିଙ୍କୁ ମଧ୍ୟ ଏଥିପାଇଁ ପ୍ରେରିତ କଲେ । ତାଙ୍କର ଏହି ପ୍ରଚେଷ୍ଟାର ପ୍ରଭାବ ମଧ୍ୟ ପଡ଼ିଲା । ଯେଉଁମାନେ ପୂର୍ବରୁ ବନ୍ଧୁକ ଧରିଥିଲେ, ସେମାନେ ଏବେ ମାଛଧରା ଜାଲ ଧରିଛନ୍ତି ।

ବନ୍ଧୁଗଣ, ଓମପ୍ରକାଶ ସାହୁଙ୍କର ଆରମ୍ଭ ସହଜ ନ ଥିଲା । ଏହାର ବିରୋଧ ହେଲା, ତାଙ୍କୁ ଧମକ ମିଳିଲା, କିନ୍ତୁ ତାଙ୍କର ସାହସ ଭାଙ୍ଗିଲା ନାହିଁ । ଯେତେବେଳେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା ଆସିଲା, ତାଙ୍କୁ ଏକ ନୂତନ ଶକ୍ତି ମିଳିଲା । ସରକାରଙ୍କଠାରୁ ତାଲିମ ମିଳିଲା, ଜଳାଶୟ ନିର୍ମାଣ ପାଇଁ ସାହାଯ୍ୟ ମିଳିଲା, ଦେଖୁ ଦେଖୁ ଗୁମଲାରେ ମତ୍ସ୍ୟ ବିପ୍ଳବର ସୂତ୍ରପାତ ହୋଇଗଲା । ଆଜି ବାସିଆ ବ୍ଲକର ୧୫୦ରୁ ଅଧିକ ପରିବାର ମାଛଚାଷ ସହ ଯୋଡ଼ି ହୋଇସାରିଛନ୍ତି । ଅନେକେ ତ ଏମିତି ଅଛନ୍ତି, ଯିଏ ଦିନେ ନକ୍ସଲି ସଂଗଠନରେ ଥିଲେ, ଏବେ ସେମାନେ ଗାଁରେ ହିଁ, ସସମ୍ମାନ ଜୀବନଯାପନ କରୁଛନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଉଛନ୍ତି । ଗୁମଲାର ଏହି ଯାତ୍ରା ଆମକୁ ଶିକ୍ଷା ଦେଉଛି ଯେ, ଯଦି ରାସ୍ତା ଠିକ୍ ଥାଏ ଏବଂ ମନରେ ବିଶ୍ୱାସ ରହିଥାଏ, ତାହେଲେ ସର୍ବାଧିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶର ପ୍ରଦୀପ ପ୍ରଜ୍ୱଳିତ ହୋଇପାରେ ।

ମୋର ପ୍ରିୟ ଦେଶବାସୀଗଣ, ଆପଣ ଜାଣନ୍ତି କି ? ଅଲିମ୍ପିକ ପରେ ସବୁଠାରୁ ବଡ଼ କ୍ରୀଡ଼ା ଆୟୋଜନ କ'ଣ ? ଏହାର ଉତ୍ତର ହେଉଛି – "World Police and Fire Games' । ସମଗ୍ର ବିଶ୍ୱର ପୋଲିସ କର୍ମୀ, ଅଗ୍ନି ଯୋଦ୍ଧା, ପ୍ରତିରକ୍ଷା ସହ ଜଡ଼ିତ ବ୍ୟକ୍ତିମାନଙ୍କ ମଧ୍ୟରେ ହେଉଥିବା SPORTS TOURNAMENT (କ୍ରୀଡ଼ା ପ୍ରତିଯୋଗିତା)। ଏଥର ଏହି tournament ଆମେରିକାରେ ଆୟୋଜିତ ହୋଇଥିଲା ଏବଂ ଭାରତ ଏଥିରେ ଇତିହାସ ସୃଷ୍ଟି କରିଦେଲା। ଭାରତ ପ୍ରାୟ ୬୦୦ ପଦକ ଜିତିଲା । ୭୧ଟି ଦେଶ ମଧ୍ୟରେ ଆମେ ଶୀର୍ଷ ତିନୋଟି ସ୍ଥାନ ମଧ୍ୟରେ ରହିଲୁ । ସେହି ୟୁନିଫର୍ମଧାରୀମାନଙ୍କ ପରିଶ୍ରମ ଫଳପ୍ରଦ ହେଲା, ଯେଉଁମାନେ ଦିନରାତି ଦେଶ ପାଇଁ ଠିଆ ହୁଅନ୍ତି । ଆମର ଏହି ବନ୍ଧୁମାନେ ଏବେ ଖେଳପଡ଼ିଆରେ ମଧ୍ୟ ପତାକା ଉଡ଼ାଉଛନ୍ତି । ମୁଁ ସମସ୍ତ ଖେଳାଳି ଏବଂ କୋଚିଂ ଟିମ୍‌କୁ ଅଭିନନ୍ଦନ ଜଣାଉଛି । ବାସ୍ତବରେ ଆପଣଙ୍କ ପାଇଁ ଏହା ଜାଣିବା ରୋଚକ ହେବ ଯେ, ୨୦୨୯ ମସିହାରେ ଏହି କ୍ରୀଡ଼ା ଭାରତରେ ଆୟୋଜିତ ହେବ । ସାରା ବିଶ୍ୱରୁ ଖେଳାଳିମାନେ ଆମ ଦେଶକୁ ଆସିବେ । ଆମେ ସେମାନଙ୍କୁ ଭାରତର ଆତିଥ୍ୟ ପ୍ରଦର୍ଶନ କରିବା ଏବଂ ନିଜ କ୍ରୀଡ଼ା ସଂସ୍କୃତି ସହ ପରିଚିତ କରାଇବା ।

ବନ୍ଧୁଗଣ, ବିଗତ ଦିନରେ ମୁଁ ଅନେକ ଯୁବ କ୍ରୀଡ଼ାବିତ ଏବଂ ସେମାନଙ୍କ ଅଭିଭାବକମାନଙ୍କ ବାର୍ତ୍ତା ପାଇଛି । ସେଥିରେ ଖେଲୋ ଭାରତ ନୀତି ୨୦୨୫କୁ ବହୁତ ପ୍ରଶଂସା କରାଯାଇଛି । ସ୍କୁଲ ଏବଂ କଲେଜ୍ ବର୍ତ୍ତମାନ ଖେଳକୁ ଦୈନନ୍ଦିନ ଜୀବନର ଅଂଶ କରିବେ । ଖେଳ ସହ ଜଡ଼ିତ ଷ୍ଟାର୍ଟ-ଅପ୍ସ – ତାହା sports managements ହେଉ କିମ୍ବା manufacturing ସହ ଜଡ଼ିତ ହେଉ, ସେମାନଙ୍କୁ ସବୁ ପ୍ରକାର ସାହାଯ୍ୟ କରାଯିବ । ଭାବନ୍ତୁ, ଯେତେବେଳେ ଦେଶର ଯୁବକ ନିଜେ ତିଆରି କରିଥିବା racket, bat, ball ସହ ଖେଳିବ ସେତେବେଳେ ଆତ୍ମନିର୍ଭରତା ମିଶନକୁ କେତେ ବଡ଼ ଶକ୍ତି ମିଳିବ ! ବନ୍ଧୁଗଣ, ଖେଳ team spirit ସୃଷ୍ଟି କରିଥାଏ । ଏହା ଫିଟନେସ୍, ଆତ୍ମବିଶ୍ୱାସ ଏବଂ ଏକ ମଜଭୁତ ଭାରତ ନିର୍ମାଣର ମାର୍ଗ ଅଟେ । ତେଣୁ, ବହୁତ ଖେଳନ୍ତୁ, ବହୁତ ବିକଶିତ ହୁଅନ୍ତୁ ।

ମୋର ପ୍ରିୟ ଦେଶବାସୀଗଣ, କିଛି ଲୋକଙ୍କୁ ବେଳେ ବେଳେ କୌଣସି କାମ ଅସମ୍ଭବ ଭଳି ଲାଗିଥାଏ । ଲାଗେ, ଏମିତି କ'ଣ ହୋଇପାରିବ ? କିନ୍ତୁ, ସାରା ଦେଶ ଯେବେ ଗୋଟିଏ ଚିନ୍ତାଧାରା ବହନ କରି ଏକାଠି ହୋଇଯାଏ, ସେତେବେଳେ ଅସମ୍ଭବ ମଧ୍ୟ ସମ୍ଭବ ହୋଇଯାଏ । ସ୍ୱଚ୍ଛ ଭାରତ ମିଶନ୍ ଏହାର ସବୁଠାରୁ ବଡ଼ ଉଦାହରଣ । ଖୁବଶୀଘ୍ର ଏହି ଅଭିଯାନକୁ ୧୧ ବର୍ଷ ପୂରିବ । କିନ୍ତୁ, ଏହାର ଶକ୍ତି ଓ ଏହାର ଆବଶ୍ୟକତା ପୂର୍ବଭଳି ହିଁ ରହିଛି । ଏହି ୧୧ ବର୍ଷ ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ୍ ଏକ ଜନ ଆନ୍ଦୋଳନ ପାଲଟିଯାଇଛି । ଲୋକମାନେ ଏହାକୁ ନିଜର କର୍ତ୍ତବ୍ୟ ବୋଲି ମାନନ୍ତି ଆଉ ଏହାହିଁ ତ ପ୍ରକୃତ ଜନଭାଗୀଦାରୀ ।

ବନ୍ଧୁଗଣ, ପ୍ରତିବର୍ଷ ହେଉଥିବା ସ୍ୱଚ୍ଛ ସର୍ବେକ୍ଷଣ ଏହି ଭାବନାକୁ ଆହୁରି ବଢ଼ାଇଛି । ଏହି ବର୍ଷ ଦେଶର ୪,୫୦୦ରୁ ଅଧିକ ସହର ଏବଂ ଅଞ୍ଚଳ ଏଥିରେ ଜଡ଼ିତ ହେଲେ । ୧୫ କୋଟିରୁ ଅଧିକ ଲୋକ ଏଥିରେ ଭାଗ ନେଲେ, ଯାହା କୌଣସି ସାଧାରଣ କଥା ନୁହେଁ । ଏହା ସ୍ୱଚ୍ଛ ଭାରତର ସ୍ୱର ।

ବନ୍ଧୁଗଣ, ସ୍ୱଚ୍ଛତାକୁ ନେଇ ଆମ ସହର, ଆମ ଅଞ୍ଚଳ ନିଜର ଆବଶ୍ୟକତା ଏବଂ ପରିବେଶ ଅନୁସାରେ ଅଲଗା-ଅଲଗା ଉପାୟରେ କାମ କରୁଛନ୍ତି । ଆଉ ଏହାର ପ୍ରଭାବ କେବଳ ଏହି ସହର ମଧ୍ୟରେ ସୀମିତ ହୋଇ ରହିନାହିଁ । ସାରା ଦେଶ ଏହି ଉପାୟଗୁଡ଼ିକ ଅବଲମ୍ବନ କରୁଛି । ଉତ୍ତରାଖଣ୍ଡରେ କିର୍ତିନଗରର ଲୋକେ ପାହାଡ଼ରେ waste managementର ନୂଆ ଉଦାହରଣ ସୃଷ୍ଟି କରିଛନ୍ତି । ସେହିପରି ମାଙ୍ଗାଲୁରୁରେ ଟେକ୍ନୋଲଜି ସାହାଯ୍ୟରେ organic waste managementର କାମ ଚାଲିଛି । ଅରୁଣାଚଳରେ ଗୋଟିଏ ଛୋଟ ସହର ହେଉଛି ରୋଇଂ । ଦିନ ଥିଲା, ଯେତେବେଳେ ଏଠାରେ ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି waste management ବହୁତ ବଡ଼ ଚ୍ୟାଲେଞ୍ଜ ଥିଲା । ଏଠାକାର ଲୋକମାନେ ଏହାର ଦାୟିତ୍ୱ ନେଲେ । 'Green Roing Initiative' ଆରମ୍ଭ ହେଲା ଆଉ ତା'ପରେ ରିସାଇକେଲ୍ ୱେଷ୍ଟରୁ ପୁରା ଗୋଟିଏ ପାର୍କ ତିଆରି କରିଦିଆଗଲା । ସେହିପରି କରାଡ଼ରେ, ବିଜୟୱାଡ଼ାରେ water managementର ଅନେକ ନୂତନ ଉଦାହରଣ ସୃଷ୍ଟି ହୋଇଛି । ଅହମଦାବାଦରେ ରିଭର୍ ଫ୍ରଣ୍ଟ ଉପରେ ସଫେଇ କାର୍ଯ୍ୟ ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ।

ବନ୍ଧୁଗଣ, ଭୋପାଳର ଗୋଟିଏ ଟିମର ନାମ ହେଉଛି ସକାରାତ୍ମକ ସୋଚ୍ । ଏଥିରେ ୨୦୦ ମହିଳା ଅଛନ୍ତି । ଏମାନେ କେବଳ ସଫେଇ କରନ୍ତି ନାହିଁ, ଚିନ୍ତାଧାରା ମଧ୍ୟ ବଦଳାନ୍ତି । ଏକାଠି ମିଶି ସହରର ୧୭ଟି ପାର୍କ ସଫା କରିବା, କପଡ଼ା ବ୍ୟାଗ୍ ବାଂଟିବା – ଏମାନଙ୍କ ପ୍ରତ୍ୟେକ ପଦକ୍ଷେପ ଗୋଟିଏ ବାର୍ତ୍ତା । ଏଭଳି ପ୍ରୟାସ ଯୋଗୁଁ ହିଁ ଭୋପାଳ ମଧ୍ୟ ଏବେ ସ୍ୱଚ୍ଛ ସର୍ବେକ୍ଷଣରେ ବହୁତ ଆଗକୁ ଆସିଲାଣି । ଲଖନଉର ଗୋମତି ନଦୀ ଟିମର ଉଲ୍ଲେଖ ମଧ୍ୟ ଜରୁରୀ । ୧୦ ବର୍ଷ ହେଲା ପ୍ରତି ରବିବାର ନ ଥକି, ନ ଅଟକି ଏହି ଟିମର ଲୋକେ ସ୍ୱଚ୍ଛତା କାର୍ଯ୍ୟରେ ଲାଗିଛନ୍ତି । ଛତିଶଗଡ଼ର ବିଲହାର ଉଦାହରଣ ମଧ୍ୟ ଚମକପ୍ରଦ । ଏଠାରେ ମହିଳାମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ତାଲିମ ଦିଆଗଲା, ଆଉ ସେମାନେ ମିଶି ସହରର ଚିତ୍ର ବଦଳାଇଦେଲେ । ଗୋଆର ପାଣାଜୀ ସହରର ଉଦାହରଣ ମଧ୍ୟ ପ୍ରେରଣାଦାୟକ । ସେଠାରେ ବର୍ଜ୍ୟ ପଦାର୍ଥଗୁଡ଼ିକୁ ୧୬ଟି ଶ୍ରେଣୀରେ ପୃଥକ କରାଯାଏ । ଏହାର ନେତୃତ୍ୱ ମଧ୍ୟ ମହିଳାମାନେ କରୁଛନ୍ତି । ପଣଜୀକୁ ତ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ମିଳିଛି । ବନ୍ଧୁଗଣ, ସ୍ୱଚ୍ଛତା କେବଳ ଗୋଟିଏ ସମୟର ବା ଗୋଟିଏ ଦିନର କାମ ନୁହେଁ । ଯେତେବେଳେ ଆମେ ବର୍ଷରେ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେବା, ସେତେବେଳେ ହିଁ ଦେଶ ସ୍ୱଚ୍ଛ ରହିପାରିବ ।

ବନ୍ଧୁଗଣ, ଶ୍ରାବଣର ଫୁଆରା ମଧ୍ୟରେ ଦେଶ ପୁଣିଥରେ ପର୍ବପର୍ବାଣୀର ଜାକଜମକରେ ସଜେଇ ହେବାକୁ ଯାଉଛି । ଆଜି ହେଉଛି ହରିଆଲି ତୀଜ୍ ପର୍ବ । ତା ପରେ ନାଗ ପଞ୍ଚମୀ ଓ ରକ୍ଷା ବନ୍ଧନ, ତା'ପରେ ଜନ୍ମାଷ୍ଟମୀ – ଆମ ନଟଖଟିଆ କାହ୍ନାର ଜନ୍ମ ଉତ୍ସବ । ଏହି ସମସ୍ତ ପର୍ବ ଆମ ଭାବାବେଗ ସହ ଜଡ଼ିତ । ଏହା ଆମକୁ ପ୍ରକୃତି ସହ ସଂଯୋଗ ଏବଂ ସନ୍ତୁଳନର ବାର୍ତ୍ତା ଦିଏ । ଆପଣ ସମସ୍ତଙ୍କୁ ଏହି ପବିତ୍ର ପର୍ବପର୍ବାଣୀର ଅନେକ ଶୁଭେଚ୍ଛା । ମୋର ପ୍ରିୟ ଦେଶବାସୀଗଣ, ନିଜର ଚିନ୍ତାଧାରା ଓ ଅନୁଭୂତି ଶେୟାର କରିବାକୁ ଥାଆନ୍ତୁ । ଆପଣଙ୍କ ପ୍ରତ୍ୟେକ ସନ୍ଦେଶ ମୋ ପାଇଁ ପ୍ରେରଣା ସହିତ ଜଡ଼ିତ । ନିଜର ଯତ୍ନ ନିଅନ୍ତୁ । ବହୁତ ବହୁତ ଧନ୍ୟବାଦ ।

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା, (ସବ୍ୟୁ) : ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପୂର୍ବତନ ଅଧକ୍ଷ ବିଦ୍ୟାଧର ଜେନା ଓ ଅନାଦି ଚରଣ ବିନ୍ଧାଣୀ, ପୂର୍ବତନ ହିନ୍ଦୀ ଶିକ୍ଷକ ତାପସ କୁମାର ଆଢ୍ୟ ଓ ସେକ୍ସନ ଅଫିସର ଅଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅତୀତର ଘଟଣାବଳିର ସ୍ମୃତିଚାରଣ କରିବା ସହ ବିଦାୟୀ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ୨ୟ ବର୍ଷର ଗୁରୁ ଛାତ୍ରଛାତ୍ରୀ ପ୍ରତିଷ୍ଠାନରେ ବିତାଇଥିବା ସମୟକୁ ମନେ ପକାଇ ଭାବବିହ୍ୱଳ ହୋଇଯାଉଥିଲେ ।

ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଦାୟୀ ଗୁରୁ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ବର୍ଷର ଛାତ୍ରୀ ମାନସୀ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଛାତ୍ର ଯଦୁପତି ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିବା ହତ୍ୟା ଘଟଣା ମାଷ୍ଟରମାଇଣ୍ଡ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ୨୦୨୪ ସେପ୍ଟେମ୍ବର ୧୬'ରେ ହତ୍ୟା କରାଯାଇଥିଲା। ଉକ୍ତ ହତ୍ୟାକାଣ୍ଡ ଘଟଣାର ମାଷ୍ଟରମାଇଣ୍ଡ ଥିବା ରହି ଘଟଣା ପରଠାରୁ ଫେରାର ଥିବା ଦକ୍ଷିଣପୁରଗ୍ରାମ ବଡ଼ ସାହିର ଦୀପକ କୁମାର ସାହୁ ଓରଫ ମଣ୍ଟୁ (୩୨) ଙ୍କୁ ଗିରଫ କରିଛି। ମାମଲା ନଂ୨୯୬/୨୪ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ପୋଲିସ ଏହି ଘଟଣାରେ ଦକ୍ଷିଣପୁରଗ୍ରାମର ଦୁର୍ଦ୍ଧାନ ଅପରାଧୀ ସନ୍ତୋଷ ଗୌଡ଼, ଆସିକା ରୋଡ଼ ସୀତାରାମ ସାହିର ଅମିତ ଗୌଡ଼ ଓ ପାଣିଗ୍ରାହୀପେଣ୍ଠ ସାହି ଆନନ୍ଦ ନଗରର କାଂହା ସେଠୀ, ଲାଞ୍ଜିଆ ଗ୍ରାମର ସନ୍ତୋଷ ଗୌଡ଼ ଓରଫ ବାବୁ, ସୁକାନ୍ତ ନାୟକ ଓ ଶିବା ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣା ଦିନ ୫ ରୁ ୬ଜଣ ଯୁବକ ଶିବାଶିଷଙ୍କୁ ତାଙ୍କ ଘରୁ ଡାକି ନେଇ ଲାଞ୍ଜିଆରେ ହତ୍ୟା କରିବା ପରେ ଡେଙ୍ଗାପଦର ପୋଖରୀରେ ପିଙ୍ଗି ଦେଇଥିଲେ। ଏନେଇ ମୃତ ଶିବାଶିଷଙ୍କ ବାପା ରାମକୃଷ୍ଣ ଚୌଧୁରୀ ସଦର ଥାନାରେ ଅଭିଯୋଗ କରିଥିଲେ।

## ଗଞ୍ଜାମରେ 'ଜିଲ୍ଲାସ୍ତରୀୟ ଲୋକ ଅଦାଲତ'

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବ୍ରହ୍ମପୁର ସ୍ଥିତ ଜିଲ୍ଲା ଅଦାଲତ ପରିସରରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି 'ଜିଲ୍ଲାସ୍ତରୀୟ ଲୋକ ଅଦାଲତ' । ଏଥିରେ କେବଳ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ହୋଇଛି । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ଦୀର୍ଘଦିନ ଧରି ପଡି ରହିଥିବା ୨୩୩ ଟି ମକଦ୍ଦମା ରୁଜୁ ହୋଇଥିବା ବେଳେ ସେଥି ମଧ୍ୟରୁ ନିଃଶୁଳ୍କ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ୨୦ଟି ମାମଲାରେ ୬୮, ୪୧, ୬୫୧ ଟଙ୍କା ଆଦାୟ ସହ ମାମଲା ସମାଧାନ କରାଯାଇଛି ।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବୈଠକ

## ପେନସନ ଅନୁଦାନ ଦାବିରେ ଆନ୍ଦୋଳନ ନିଷ୍ପତ୍ତି



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଜିଲ୍ଲାସ୍ତରୀୟ ସମ୍ମିଳନୀ ଓଷ୍ଟା ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଜିଲ୍ଲା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ରାଜ୍ୟ ସଂଘର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆଗାମୀ ଆନ୍ଦୋଳନ ସମ୍ପର୍କରେ ଏକ ମାର୍ଗ ପ୍ରସ୍ତୁତ କରି କହିଥିଲେ। ରାଜ୍ୟ ସଂଘର ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ବ୍ଲକ୍ ଗୁଡ଼ିକୁ ସଂଗଠିତ କରି ମୂଳସ୍ତରରୁ ଆନ୍ଦୋଳନକୁ ଦୁର୍ବାର କରିବା ଉପରେ ମତ ରଖିଥିଲେ। ଜିଲ୍ଲା ସଂଘର ସମ୍ପାଦକ ଶଶୀକାନ୍ତ ଦାସ ବୃତ୍ତରରେ ଅଗଷ୍ଟ ୨ ତାରିଖ ଓ ଜିଲ୍ଲାସ୍ତରରେ ଅଗଷ୍ଟ ୮ ତାରିଖରେ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଥିଲେ।

ଜିଲ୍ଲାସ୍ତରୀୟ ଆନ୍ଦୋଳନରେ ପ୍ରତ୍ୟେକ ସ୍କୁଲ୍‌ରେ ୨ ଜଣ ରହି ଆଉ ସମସ୍ତ ଶିକ୍ଷକ କର୍ମଚାରୀ ସଦର ମହକୁମାକୁ ଆସି ରାଲି ଓ ଧାରଣା ସମାବେଶରେ ଉପସ୍ଥିତ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆନ୍ଦୋଳନରେ ଦାବି ହାସଲ କରିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଏଥି ପୂର୍ବରୁ ବ୍ଲକ୍ ସ୍ତରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଉପରେ ସଭାପତି ଗୁରୁତ୍ୱ ଦେଇଥିଲେ। ଢେଙ୍କାନାଳ ଓଷ୍ଟାର ପୂର୍ବତନ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ବିଭୂତ ସାମଲ, ପୀତାମ୍ବର ଦାଶ ପ୍ରମୁଖଙ୍କ ସମତେ ଜିଲ୍ଲା କର୍ମକର୍ତ୍ତା, ସମସ୍ତ ବ୍ଲକ୍‌ରୁ ଆସିଥିବା କର୍ମକର୍ତ୍ତା, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଘର ଉପସଭାପତି ଶୁଭସ୍ମିତା ବେଉରା ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କୁ ଛୁରୀରେ ଆକ୍ରମଣ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଚକ୍ରିଆପୁର ଗ୍ରାମର ଶୁଭମ ବେହେରାଙ୍କୁ ସେହି ଗ୍ରାମର ସିଦ୍ଧାନ୍ତ ବେହେରା ଏକ ଛୁରୀରେ ଆକ୍ରମଣ କରିଥିବା ଶୁଭମ ଶନିବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ପୋଲିସ ନମ୍ବର ୨୬୬/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ ଶୁଭମ ପ୍ରତାପପୁର ଛକ ନିକଟରେ ଠିଆ ହୋଇଥିବା ବେଳେ ତାଙ୍କୁ ଅଚାନକ କୌଣସି କାରଣ ନଥାଇ ଛୁରୀ ମାଧ୍ୟମରେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ମା ବାସନ୍ତୀ ବେହେରା ମଧ୍ୟ ଏକ ଲୁହାରଡ଼ ମାଧ୍ୟମରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସିଦ୍ଧାନ୍ତ ଏକ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ମହୁଡ଼ା ପଞ୍ଚାୟତ କୁମାରପୁର ଗ୍ରାମରେ ଜଣେ ମହିଳାଙ୍କ ଗତ ୨୫ ତାରିଖରେ ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା। ମୃତ ମହିଳା ଜଣଙ୍କ ଉକ୍ତ ଗ୍ରାମର ମନୋଜ ପ୍ରଧାନ ସ୍ତ୍ରୀ ତୁଳସା ପ୍ରଧାନ। ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକ ଅଧିକ ଯୌତୁକ ଦାବି କରି ବେକି ଚିପି ହତ୍ୟା କରିଥିବା ନେଇ ତାଙ୍କ ଭାଇ ରବୀନ୍ଦ୍ର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ସଦରଥାନା ପୋଲିସ ତାଙ୍କ ସ୍ୱାମୀ ମନୋଜ କୁମାର ପ୍ରଧାନ(୨୨)ଙ୍କୁ ବାନ୍ଧିଛି। କୁମାରପୁର ଗ୍ରାମର ମନୋଜ ଆଜକୁ ୨ ବର୍ଷ ତଳେ ଭଞ୍ଜ ଗ୍ରାମର ତୁଳସାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ଉଭୟଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ହେଲେ ଅଭିଯୁକ୍ତ ମନୋଜ ଅନେକ ସମୟରେ ଯୌତୁକ ଆଣିବାକୁ ତୁଳସାଙ୍କୁ ବାଧ କରିବା ସହ ତାଙ୍କୁ ମାରପିଟ କରୁଥିଲେ। ଏପରିକି ଆଜକୁ ୧୦ ଦିନ ତଳେ ବାପ ଘରୁ ଏକ ଗାଡି ଓ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ ମନୋଜ କହିଥିଲେ ବୋଲି ତୁଳସାଙ୍କ ଭାଇ ରବିନ୍ଦ୍ର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ମନୋଜ କାମକୁ ନଯାଇ ଦିନରାତି ମଦ୍ୟପାନ କରି ଘରକୁ ଆସି ତୁଳସାଙ୍କ ସହ ଝଗଡା କରୁଥିଲେ। ୨୫ ତାରିଖ ପୂର୍ବାହ୍ନରେ ତୁଳସା ତାଙ୍କ ଶଶୁର ଘରେ ମରି ପଡିଥିବା ଖବର ପାଇ ତୁଳସାଙ୍କ ଭାଇ ଓ ଅନ୍ୟାନ୍ୟ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଓ ତୁଳସାଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରାଇବା ପରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏହାପରେ ତୁଳସାଙ୍କ ସ୍ୱାମୀ ମନୋଜ ଓ ଶାଶୁ ଘର ଲୋକେ ତାଙ୍କୁ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ତୁଳସାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେଇଥିବା ପୁଲିସ ନିକଟରେ ତାଙ୍କ ଭାଇ ଅଭିଯୋଗ କରିଥିଲେ। ସେହିକ୍ରମରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମନୋଜକୁ ଗିରଫ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତୁଳସାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ପଶୁ ଡାକ୍ତରଖାନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ପଶୁଡାକ୍ତରଖାନା ନିର୍ମାଣ ହେଉନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଶନିବାର ଦିନ ଏନେଇ ଭାଜପାର ବରିଷ୍ଠ ନେତା ଅରବିନ୍ଦ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲ୍ଲା ପ୍ରଭାରି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଜରିଆରେ ଅରବିନ୍ଦ ସାହୁଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବଇଣ୍ଡା ଏକ ଜଣ ଗହଳି ପୂର୍ଣ୍ଣ ଅଞ୍ଚଳ ଭାବରେ ପରିଚିତ। ଏଠାରେ ଏକ ପଶୁଡାକ୍ତରଖାନା ଥିବା ବେଳେ ୨୦୧୮ ମସିହାରେ ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ପଶୁଡାକ୍ତରଖାନାକୁ ଭାଙ୍ଗି ଦିଆ ଯାଇଥିଲା।

ହେଲେ ଭାଙ୍ଗିବାର ଦୀର୍ଘ ୮ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ ପାଇଁ ପ୍ରଶାସନ କିମ୍ବା ପଶୁ ସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନାହିଁ। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ପଶୁ ଡାକ୍ତରଖାନା ଉପରେ ନୁନୁକାପସି, ଗାଁ ବଇଣ୍ଡା, ଜାମୁନାଳି ଆଦି ପଞ୍ଚାୟତ ଗୁଡିକର ଗୃହ ପାଳିତ ପଶୁ ନିର୍ଭରଶୀଳ। ହେଲେ ସେମାନଙ୍କୁ ସଠିକ ସେବା ମିଳିପାରୁ ନାହିଁ। ତୁରନ୍ତ ପଶୁ ଡାକ୍ତରଖାନା ନିର୍ମାଣ କରିବା ପାଇଁ ଦାବି କରିଛନ୍ତି।

# ଚେକ୍ ବାଉନ୍ସ ମାମଲାର ସମାଧାନ ପାଇଁ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ବାରିପଦା, (ସବ୍ୟୁ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା କୋର୍ଟ ପରିସରରେ ଚେକ୍ ବାଉନ୍ସ ସମ୍ବନ୍ଧିତ ମାମଲା ଗୁଡିକର ଫଏସଲା ପାଇଁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୧୫୧ଟି ମାମଲା ମଧ୍ୟରୁ ୭ଟି ମାମଲାର ଅପୋଷ ବିଚାର ହୋଇ ମୋଟ୍ ୫,୬୯,୭୨୪/- ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁମନ କୁମାର ମିଶ୍ର, ଏସ.ଡି.ଜେ.ଏମ. ଜୁଓ୍ୱେଲ ପଟ୍ଟନାୟକ, ଜେ.ଏମ.ଏଫ, ସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନ୍‌ଜିବୀ ପ୍ରଦୀପ କୁମାର ଜେନା ଓ ବିଶାଳ ରାମ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନ୍‌ଜିବୀ ତଥା ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ରିଲ୍ସ କରି ଯୁବକ ଗିରଫ

ଠାକୁରଗଡ, (ସବ୍ୟୁ): ଆଧୁନିକ ଯୁଗରେ ଏବେ ଯୁବ ପିଢୀ ରିଲ୍ସ ପାଇଁ ବିଭିନ୍ନ ସ୍ଥାନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ ଗୋବିନ୍ଦପୁର ଗ୍ରାମର ଜଳିଆ ଗୋଛାୟତଙ୍କୁ ଶନିବାର ରାତିରେ ହଣ୍ଡପା ପୋଲିସ ଗିରଫ କରିଛି। ଏଥିସହ ତାଙ୍କ ଠାରୁ ଏକ ଖେଳଣା ବନ୍ଧୁକ ସହ ଏକ ବୁଲେଟକୁ ଜବତ କରିଛି। ଏନେଇ ନମ୍ବର ୨୬୮/୨୫ ରେ ଏକ ମାମଲା ରୁଜୁ କରି ରବିବାର ଦିନ ଆଠମଲ୍ଲିକ କୋର୍ଟକୁ ଚାଲାଣ କରିଛି। ଜଳିଆ ଏକ ଖେଳଣା ବନ୍ଧୁକ ଦେଖାଇ ବେପାରୁଆ ଭାବରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି କରି ରିଲ୍ସ କରୁଥିଲେ। ହାତରେ ଯେହେତୁ ଏକ ଖେଳଣା ବନ୍ଧୁକ ଧରି ବେପାରୁଆ ଭାବରେ ତାଙ୍କ ନମ୍ବର (ଓଡ଼ି ୧୯ ଏ ଏ ୦୧ ୨୬) ବୁଲେଟ ଯୋଗେ ରିଲ୍ସ କରୁଥିଲେ। ଯାହାକି ଲୋକେ ଭୟଭୀତ ହୋଇପଡିଥିଲେ। ଏନେଇ ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ହଣ୍ଡପା ଆଇଆଇସି ନମିତା ନାୟକ ଚଢାଉ କରି ଗିରଫ କରିଥିଲେ।

# ମଦୁଆ ଚାଳକ ଗିରଫ, କାର ଜବତ

ଠାକୁରଗଡ, (ସବ୍ୟୁ): କିଶୋରନଗର ପୋଲିସ ଶନିବାର ରାତିରେ ବାମୁର ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ ଗୁଡିକ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି କାର ଚଳାଉଥିବା ଅଭିଯୋଗରେ ସମ୍ବଲପୁର ଜିଲ୍ଲା ନନ୍ଦ ପଡା ଅଞ୍ଚଳର ପ୍ରତାପ ପ୍ରଧାନଙ୍କୁ ଗିରଫ କରିଛି। ଏଥି ସହ ତାଙ୍କ କାର ନମ୍ବର (ଓଡି ୨୮ ବି ୫୮୧୩ )କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ଓଡାପଡା ବିଜେପି ମଣ୍ଡଳ ସଭାପତି ନିଯୁକ୍ତ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକରେ ବିଜେପି ମଣ୍ଡଳ ସଭାପତି ଭାବରେ ଶିବଶକ୍ତି ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଶିବଶକ୍ତି ମହାନ୍ତିଙ୍କୁ ଓଡାପଡା ବିଜେପି ମଣ୍ଡଳ ସଭାପତି ଭାବେ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା ଘୋଷଣା କରିଛନ୍ତି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜିଲ୍ଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ ଜଣାଇଛନ୍ତି।

# ୧୫ ଦିନ ହେଲା ମିଳୁନି ପାଣି

## ଥାନାରେ ବନ୍ଧା ପଡିଛି ଭାଲବ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳରେ ପନ୍ଦର ଦିନ ହେବ ମିଳୁନି ପାଣି। ସୂଚନା ଅନୁସାରେ ରେଙ୍ଗାଳି ପ୍ରକଳ୍ପ ସ୍ଥିତ ଓସିସି କଲୋନୀ, ମନ୍ଦିର ତଳ କଲୋନୀ, ଅପେରା ପଡିଆ ପାଖାପାଖି ଦୁଇଶହ ପରିବାର ବସବାସ କରନ୍ତି। ଗତ ୧୫ ଦିନ ହେବ ସମସ୍ତ କଲୋନୀ ବାସିନ୍ଦାଙ୍କୁ ମିଳୁନି ପାଣି । କାରଣ ଉପର ଟାଙ୍କିରେ ଲାଗିଥିବା ମେନ ଭାଲବକୁ କିଛି ଦୁର୍ବୃତ୍ତ ୧୬ ତାରିଖ ରାତିରେ ଚୋରି କରି ନେଇଯାଇଥିଲେ। ବିଭାଗୀୟ ଅଧିକାରୀ ଜ୍ୟୋତି ରଞ୍ଜନ ସିଂ ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଚୋରଙ୍କୁ ଆଣି ଥାନାରେ ପଚରା ଉଚରା କରିବା ପରେ ଚୋରଙ୍କୁ ଛାଡିଦେଇଥିଲେ। କିଛି ଯୁବଗୋଷ୍ଠୀଙ୍କ ସହଯୋଗ କ୍ରମେ ଚୋରି ହୋଇଥିବା ଜିନିଷକୁ ଉଦ୍ଧାର କରି ଥାନାରେ ଜିମା ଦେଇଥିଲେ। ପୋଲିସ ଓ ଡ୍ୟାମ ଡିଭିଜନ ଅଧିକାରୀଙ୍କ ମନମାନି ପାଇଁ ଆଜି ବଳିପଡିଛନ୍ତି ଦୁଇଶହ ପରିବାର। ବିଭାଗୀୟ ଅଧିକାରୀଙ୍କ କହିବା କଥା ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉ କିନ୍ତୁ ପୋଲିସ କେସ ପଞ୍ଜିକରଣ କରୁନଥିବା ଯୋଗୁଁ ଜବତ ଜିନିଷକୁ ବିଭାଗୀୟ ଅଧିକାରୀ ନେଉ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଦେଖାଯାଉଛି। ଏମାନଙ୍କ କଳିରେ ବଳିପଡିଛନ୍ତି ଦୁଇଶହ ପରିବାର।

# ଚାଷ ଜମିକୁ ଓଲଟିଲା କାର

ବାହାନଗା, (ସବ୍ୟୁ): ଖନ୍ତାପଡ଼ା ଥାନା ଅଧୀନ ପଣପଣା ପଞ୍ଚାୟତ ୧୬ ନଂ ଜାତୀୟ ରାଜପଥରୁ ବେତଗାଡ଼ିଆ ଗ୍ରାମ କୁ ସଂଯୋଗ କରୁଥିବା ଗ୍ରାମ୍ୟ ସଡ଼କରେ ଶନିବାର ବିଳମ୍ବିତ ରାତିରେ ଏକ କାର ଯାହାର ନମ୍ବର ଓଡି ୦୧ ଏଏକ୍ସ ୦୧୪୩ କାର ଟି ଦ୍ରୁତ ଗତିରେ ଯାଇ ଭାରସାମ୍ୟ ହରାଇ ଚାଷ ଜମିକୁ ଓଲଟି ପଡିଥିଲା। କାର ଭିତରେ ଥିବା ଚାଳକଙ୍କର କୌଣସି କ୍ଷତି ହୋଇ ନ ଥିବା ବେଳେ କଷ୍ଟେ ମଷ୍ଟେ ବାହାରକୁ ଆସିଥିବା ଜଣା ପଡିଛି। ସକାଳେ ଖବର ପାଇ ଜାତୀୟ ରାଜପଥ ପୋଲିସ ଘଟଣା ସ୍ଥଳରେ ପହଁଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଜଣା ପଡିଛି। କାରଟି ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ବାଲିଆ ଅଞ୍ଚଳର ବୋଲି ବିଶେଷ ସୂତ୍ରରୁ ଜଣା ପଡିଛି।ପୋଲିସ ଖନ୍ତାପଡ଼ା ଥାନା ରେ ଏକ ମାମଲା ରୁଜୁ କରି ଅପରାହ୍ଣ ରେ ଉକ୍ତ କାରଟିକୁ କ୍ରେନ ଯୋଗେ ଉଦ୍ଧାର କରିଛନ୍ତି।

# ଅବକାରୀ ବିଭାଗର ମିଳିତ ଚଢ଼ାଉ: ୪ ଗିରଫ

ସୋର,(ସବ୍ୟୁ) :ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରି ଗୁଡପୋଚ ନଷ୍ଟ ସହ ଦେଶୀମଦ, ବିୟର ଜବତ କରିଥିବା ବେଳେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗା ଏବଂ ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଦାସଙ୍କ ନେତୃତ୍ୱରେ ଏକ ଟିମ ଶିମିଳିଖୋଲ ଗ୍ରାମରେ ଚଢ଼ାଉ କରି ଗୋପାଳ ସିଂ ନିକଟରୁ ୭୦ ଲିଟର, ପ୍ରଦୀପ ସିଂ ନିକଟରୁ ୭୫ ଲିଟର ଦେଶୀମଦ, ସିମୁଳିଆ ଥାନା କହେଁଇବିନ୍ଧା ଗ୍ରାମର ସାବିତ୍ରୀ ସେଠୀ ନିକଟରୁ ୧୦ ଲିଟର ବିୟର ଏବଂ ମହାରଣା ଗ୍ରାମର ବାସନ୍ତୀ ଶିଅଳ ନିକଟରୁ ୮୦ ଲିଟର ଦେଶୀମଦ ଜବତ କରି ସମସ୍ତଙ୍କୁ ଗିରଫ କରିଥିଲେ।ସେହିପରି ସରଳିଆ ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦରନ୍ଧା କାରଖାନା ଉପରେ ଚଢ଼ାଉ କରି ୨୨ ଶହ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୩୫୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।ଅପରାହ୍ଣରେ ସୋର ମେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କରଡାଗାଡ଼ିଆ ପଞ୍ଚାୟତରେ ମନ୍ କି ବାତ୍ ଶୁଣିଲେ ସାଂସଦ ରୁଦ୍ର ପାଣି



ଅନୁଗୁଳ, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମନ କି ବାତ ଅନୁଗୁଳ ଜିଲ୍ଲାର ଶତାଧିକ ସ୍ଥାନରେ ବିଜେପି କାର୍ଯ୍ୟକର୍ତ୍ତା ମାନେ ମନ କି ବାତ ଶୁଣିଛନ୍ତି। ବନରପାଳ ବ୍ଲକର କରଡ଼ା ଗାଡ଼ିଆ ପଂଚାୟତର ୧୮୫ ନମ୍ବର ବୁଥରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମନ କି ବାତ ଶୁଣିଛନ୍ତି।

ସାଂସଦଙ୍କ ସହ ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ, ବସନ୍ତ ମଞ୍ଜରୀ ପ୍ରଧାନ, ରୋଜାଲିନ ଦାସଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ଶୁଣିଥିଲେ। ସେହିପରି ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ବଇଣ୍ଡା ନୁନୁକାପସି ଗ୍ରାମରେ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ବିଶ୍ୱଜିତ ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଟଙ୍କା ପାଇଁ ପତ୍ନୀଙ୍କୁ ହତ୍ୟା: ସ୍ୱାମୀ ଫେରାର୍

ବାସୁଦେବପୁର,(ସବ୍ୟୁ) :ଅର୍ଥ ସର୍ବସ୍ୱ ଦୁନିଆର ଟଙ୍କା ପାଇଁ ପତ୍ନୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର ହୋଇଯାଇଛି। ଏମିତି ଅଭାବନୀୟ ଘଟଣା ଘଟିଛି ବାସୁଦେବପୁର ବ୍ଲକର ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମର। ସ୍ୱାମୀ ଗୋପିନାଥ ଜେନା ପତ୍ନୀଙ୍କୁ ଏକ ଟାଙ୍ଗିଆରେ ହତ୍ୟା କରି ଫେରାର ହୋଇଯାଇଛି। ଘଟଣାସ୍ଥଳୀର କସିଆ ସାମୁଦ୍ରିକ ଥାନାର ସାବିତ୍ରୀ ପଣ୍ଡା ପହଂଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଘଟଣା ସ୍ଥଳୀର ପହଂଚି ଥିଲେ। ଅଢୁଆଁ ଗ୍ରାମର ଗୋପିନାଥ ଜେନା ପ୍ରଥମ ପରିବାର ଥିବାବେଳେ ପ୍ରାୟ ୨୦ବର୍ଷ ତଳେ ପାରାପୋଖରୀ ଗ୍ରାମର ମହେନ୍ଦ୍ର ଜେନାଙ୍କ କନ୍ୟା ଗୁରୁବାରୀ ଜେନାଙ୍କୁ ୨ୟ ବିବାହ କରିଥିଲେ।

ଘର ଜ୍ୱାଇଁ ଭାବେ ପତି ଓ ପତ୍ନୀ ଦୀର୍ଘ ବର୍ଷ ଧରି ପାରାପୋଖରୀରେ ରହି ଆସୁଥିଲେ। ରାସ୍ତା ପାର୍ଶ୍ୱର ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ହସ ଖୁସିର ସଂସାରରେ ଦେଖା ଦେଲା ଅଦିନିଆ ଝଡ। ପାରାପୋଖରୀ ଛକ ଆଗ ରାସ୍ତା ପାର୍ଶ୍ୱରେ ଗୁରୁବାରି ଜେନାଙ୍କ ପୈତୃକ ସମ୍ପତିକୁ ପ୍ରାୟ ୨୫ଲକ୍ଷ ଟଙ୍କାର ବିକ୍ରି କରିଥିଲେ। ଏହି ଟଙ୍କାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଶନିବାର ଦିନ ପତି ଓ ପତ୍ନୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା।

ବିଳମ୍ବିତ ରାତ୍ରିରେ ଶୋଇଥିବାର ଅବସ୍ଥାରେ ଏକ ଟାଙ୍ଗିଆରେ ହତଯା କରିଥିଲେ ଗୁରୁବାରିଙ୍କୁ। ଟାଙ୍ଗିଆ ଚୋଟରେ ପତ୍ନୀ ଗୁରୁବାରିଙ୍କ ଜୀବନ ଚାଲି ଯାଇଥିଲା। ହତଯାକାଣ୍ଡ ଭିଆଇ ଗୋପିନାଥ ଫେରାର ହୋଇଯାଇଛି। ସକାଳେ ସାନ ପୁଅ ବଳରାମ ମାଆକୁ ଡାକିବାରୁ ମୃତ ଦେହ ଦେଖିବାକୁ ପାଇଥିଲା। ସଙ୍ଗେ ସଙ୍ଗେ ଫୋନ ଯୋଗେ ବଡ ଭାଇ ଓ ଭଉଣୀଙ୍କୁ ଜଣାଇଥିଲେ। ଖବରପାଇ କସିଆ ସାମୁଦ୍ରିକ ଥାନାର ଆଇଆଇସି ସାବିତ୍ରୀ ପଣ୍ଡା ଘଟଣା ସ୍ଥଳୀର ପହଂଚି ତଦନ୍ତ କରିଥିଲେ। ହତ୍ୟାକାଣ୍ଡ ପଛରେ ପ୍ରକୃତ କଣ ରହିଛି ଜମି ବିକ୍ରି ଅର୍ଥ ନା ଆଉ କିଛି କାରଣ ତାହା ହତ୍ୟାକାରୀ ଧରାପଡିଲେ ପ୍ରକୃତ ସତ୍ୟ ଜଣାପଡିବ। ମୃତ ଗୁରୁବାରି ଜେନାଙ୍କ ପୁଅ ଓ ଝିଅ କହିଛନ୍ତି ମୋ ବାପା ଟଙ୍କା ପାଇଁ ମୋ ମାଆକୁ ହତ୍ୟା କରିଛି। ଘଟଣାସ୍ଥଳର ସାଇଣ୍ଟିଫିକ୍ ଟିମ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

# ମଙ୍ଗଳପୁରରେ ଦୋକାନ ଚୋରି ଘଟଣା: ୩ ଗିରଫ

ସୋର,(ସବ୍ୟୁ) : ସୋର ଥାନା ମଙ୍ଗଳପୁର ବଜାରରେ ଥିବା ଏକ ଗ୍ରୋସେରୀ ଦୋକାନରୁ ଚୋରୀ ଘଟଣାରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସୋର ପୁଲିସ। ସୁଚନା ଅନୁସାରେ ଗତ ୨୨ ତାରିଖ ରାତିରେ ମଙ୍ଗଳପୁର ବଜାରରେ ଥିବା ତାପସ କୁମାର ଦାସଙ୍କ ଗ୍ରୋସେରୀ ଦୋକନରୁ ଦେ ଲକ୍ଷ ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କା ସାମଗ୍ରୀ ଚୋରୀ ହୋଇଥିଲା। ଏନେଇ ତାପସ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୫୬୬/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଶନିବାର ରାତିରେ ପୁଲିସ ବାଗୁଡି ଗ୍ରାମର ହରେକୃଷ୍ଣ ମଳିକ, ଭାଗୀରଥି ବେହେରା ଓ ସିନ୍ଧୁଆ ଗ୍ରାମର ବନବିହାରୀ ସିଂ କୁ ଗିରଫ କରି ରବିବାର ଅପରାହ୍ଣରେ କୋର୍ଟ ଚାଲାଣ କରିଛି।

# ଶିବ ମାଲବ୍ୟ ଆନନ୍ଦପୁର ନୂତନ ଉପଜିଲ୍ଲାପାଳ



ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ୨୦୨୩ ବ୍ୟାଚର ଆଇଏଏସ ଶିବ ମାଲବ୍ୟଙ୍କୁ ସରକାରଙ୍କ ପକ୍ଷରୁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାଯାଇଛି। ଉପଜିଲ୍ଲାପାଳ ଭାବେ ନୀଳମାଧବ ସୁନା ଗତ ୨ମାସ ପୂର୍ବେ ନିଯୁକ୍ତି ପାଇଥିବା ବେଳେ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆଇଏଏସ ସ୍ତରରେ ଅଦଳବଦଳ କରାଯାଇଥିଲା। ଏଥିରେ ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ଶିବ ମାଲବ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ସାଧାରଣରେ ଖୁସି ପ୍ରକାଶ ପାଇଛି।ଆନନ୍ଦପୁର ବିଶେଷକରି ଉପଖଣ୍ଡରେ ସରକାରୀ ଜମି ହଡ଼ପ, ଲଘୁ ଖଣିଜ ଦ୍ରବ୍ୟ ଚୋରି ସହ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ନୂତନ ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ଆନନ୍ଦପୁରବାସୀ ଆଶା ରଖୁଛନ୍ତି।

# କଣ୍ଟିଘାଇରେ ୬ ଫୁଟ ଉଚ୍ଚାର ବନ୍ୟାଜଳ

## ୫ ପଞ୍ଚାୟତ ଜଳବନ୍ଦୀ, ହଜାର ହଜାର ହେକ୍ଟର ଜମି ଜଳମଗ୍ନ

ଭଣ୍ଡାରିପୋଖରୀ,(ସବ୍ୟୁ) : ବୈତରଣୀ ନଦୀରେ ଚଳିତ ବର୍ଷାଋତୁର ଆସିଥିବା ପ୍ରଥମ ମଧ୍ୟମ ଧରଣର ବନ୍ୟା ବିପଦ ଟଳିଯାଇଛି। ଶନିବାର ରାତ୍ର ଗୋଟାଏ ସମୟରେ ଆଖୁଆପଦା ଠାରେ ନଦୀର ଜଳସ୍ତର ସର୍ବାଧିକ ୧୮.୯୯ମିଟରରେ ପହଞ୍ଚି ସ୍ଥିର ହୋଇଯାଇଥିଲା। ରାତ୍ର ୩ଟାରେ ଜଳସ୍ତର ଧିରେ ଧିରେ ହ୍ରାସ ପାଇଥିଲା। ରବିବାର ଦିନ ୧୨ଟା ବେଳେ ଜଳସ୍ତର ବିପଦସଙ୍କେତ ସ୍ତର ୧୮.୩୩ମିଟର ତଳକୁ ଆସିଥିଲା। ରବିବାରଅପରାହ୍ଣ ୫ଟା ସୁଦ୍ଧା ନଦୀ ଆଖୁଆପଦାରେ ୧୭.୭୦ ମିଟରରେ ପ୍ରବାହିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡରେ ସେଭଳ ବଡଧରଣର ବର୍ଷା ହୋଇନଥିବାରୁ ସୋମବାର ଜଳସ୍ତର ଆହୁରି ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି। ନଦୀର କଣ୍ଟିଘାଇ ଦେଇ କେବଳ ବନଯାଜଳ ୬ଫୁଟ ଉଚ୍ଚତାରେ ଜନବସତି ଆଡକୁ ପ୍ରବେଶ କରି ବ୍ଲକର ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ଆଦି ପଞ୍ଚାୟତକୁ ଜଳମଗ୍ନ କରିଛି। ଏହିସବୁ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ବାହାଣିଆ, ସାରଣା, ସଠଙ୍ଗା, ଚତୁର୍ଭୁଜପୁର, ଜୋରାଗଡିଆ ଆଦି ଗ୍ରାମ ରାସ୍ତା ବନଯାଜଳରେ ବୁଡିରହିଛି। ନଦୀରୁ ଜଳସ୍ତର କମିଯାଇଥିଲେ କଣ୍ଟିଘାଇ ବନଯାଜଳ ପ୍ରବେଶ ଯୋଗୁଁ ଗ୍ରାମଗୁଡିକରେ ଜଳବନ୍ଦୀ ସମସଯା ବୃଦ୍ଧି ପାଇବାରେ ଲାଗିଛି। ଭଣ୍ଡାରିପୋଖରୀ-ମଣିନାଥପୁର ପୁର୍ତ୍ତରାସ୍ତାର ୨ଟି ସ୍ଥାନରେ ବନଯାଜଳ ପ୍ରବାହିତ ହୋଇ ରାସ୍ତା କିଛି ସମୟ ପାଇଁ ବିଚ୍ଛିନ୍ନ ହୋଇଥିଲା। ନଦୀର ବାଲିପୋଖରୀ ଏସକେପ ନିକଟକୁ ବନଯାଜଳ ଯାଇନଥିଲା। ହେଲେ ବିଭାଗର ସାବତପୁଅ ମାନଯତା ପାଇଥିବା କଣ୍ଟିଘାଇର ନିରାକରଣ କରାନଯିବାରୁ ପୂର୍ବଭଳି ବନଯାଜଳ ପ୍ରବେଶ କରିଛି। ନଦୀରେ ଜଳପ୍ରବାହରେ ବାଧାସୃଷ୍ଟି ହୋଇନଥିବାରୁ ବନଯା କ୍ଷୟକ୍ଷତି ଅଧିକ ହୋଇନାହିଁ ବୋଲି ଜଳସମ୍ପଦ ବିଭାଗ ସୂଚନା ଦିଆଯାଇଛି। ଏଥିପାଇଁ ବାଲିମାଫିଆଙ୍କୁ ଶ୍ରେୟ ମିଳିଛି। ନଦୀଶଯଯାରେ ଜଳପ୍ରବାହରେ ବାଧା ସୃଷ୍ଟି କରୁଥିବା ବାଳିଚଢାଗୁଡିକୁ ବାଲିମାଫିଆମାନେ ଉଠାଇ ନେଇଥିବାରୁ ଜଳପ୍ରବାହ ହୋଇ ଜଳସ୍ତର ନିୟନ୍ତ୍ରଣରେ ଥିଲା ବୋଲି କୁହାଯାଉଛି।

# ସରକାରୀ ବାସଭବନରୁ ଡ଼ାକ୍ତରପତ୍ନୀଙ୍କ ଝୁଲନ୍ତା ଶବ ଉଦ୍ଧାର



କେନ୍ଦୁଝର, (ସବ୍ୟୁ): ରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଠାରେ ଥିବା ଆୟୁର୍ବେଦିକ ଡାକ୍ତରଖାନାର ଡାକ୍ତରଙ୍କ ସରକାରୀ ବାସଭବନ ଭିତରୁ ଡାକ୍ତର ପତ୍ନୀଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ମିଳିଛି। ଡାକ୍ତର ବିଭୁ ପ୍ରସାଦ ନାୟକଙ୍କ ପତ୍ନୀ ରୋଜିନା ନାୟକ(୨୫)ଙ୍କ ମୃତ ଦେହ ପଙ୍ଖାରେ ଝୁଲୁ ଥିଲା ଖଟରେ ଠିଆ ହେବା ଅବସ୍ଥାରେ ତେଣୁ ଏହାକୁ ହତ୍ୟା ବୋଲି କୁହାଯାଉଛି। ତାଙ୍କର ବାପା ପଞ୍ଚାନନ ନାୟକ ଝିଅକୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରି ଝୁଲାଇ ଦିଆ ଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନା ମିଳିଛି କି ହାଟଡିହି ବ୍ଲକ ଅନ୍ତର୍ଗତ ଇଞ୍ଜୋଳ ଗ୍ରାମର ପୁରୁଷୋତ୍ତମ ନାୟକଙ୍କ ପୁଅ ବିଭୁପ୍ରସାଦ ନାୟକଙ୍କୁ ଗତ ବର୍ଷ ଜୁଲାଇରେ ତରଭା ଗ୍ରାମର ପଞ୍ଚାନନ ନାୟକଙ୍କ ଝିଅ ରୋଜିନା ବିବାହ କରିଥିଲେ। ହେଲେ ବିବାହ ବେଳେ ସାଢେ ପାଞ୍ଚ ଲକ୍ଷ ଟଙ୍କା ଯୌତୁକ ଦିଆଯାଇଥିଲା। କିନ୍ତୁ ଅଧିକ ଟଙ୍କା ଦାବୀ କରି ଝିଅକୁ ସ୍ୱାମୀ ଓ ଶାଶୁ ଶଶୁରି ନିର୍ଯାତନାଦେଉଥିଲେ ବୋଲି ପଞ୍ଚାନନ କହିଛନ୍ତି। ଏ ସଂପର୍କରେ ତେଣୁ ଫେବୃଆରୀ ମାସରେ କଥା ଥାନାକୁ ଯାଇ ବୁଝାବଣା ହୋଇଥିଲା। ରୋଜିନା ସାବିତ୍ରୀ ବ୍ରତ ପୂର୍ବଦିନ ଆସି ନିଜ ସ୍ୱାମୀଙ୍କ କ୍ୱାର୍ଟରରେ ରହୁଥିଲେ। କୋଠରୀ ଭିତରେ ରୋଜିନା ଝୁଲୁଥିବାର ଖବର ପାଇ ପୋଲିସ ଆସି ଶବ ଉଦ୍ଧାର କରିଥିଲେ। ହରିଚନ୍ଦନପୁର ଥାନା ଅଧିକାରିଣୀ ଦେବକୀ ନାୟକ, ଘଟଗାଁ ଏସଡ଼ିପିଓ ବିଜୟ କୁମାର ମହାପାତ୍ର ଏବଂ ହରିଚନ୍ଦନପୁର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ କୋଠରୀ ତାଲା ଭାଙ୍ଗି ଶବ ଉଦ୍ଧାର ହୋଇ ବ୍ୟବଚ୍ଛେଦ ଲାଗି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ଏ ସଂକ୍ରାନ୍ତରେ ହରିଚନ୍ଦନପୁର ଥାନାରେ କେଶ ନଂ ୧୩୦/୨୫ରେ ଦଫା ୮୫/୮୦/୧/୧୦୩/୧/୩/୫ବିଏନଏସ/ଆରଡବ୍ଲ୍ୟୁ ସେକ୍ସନ ୪ ଡିପି ଆକ୍ଟରେ ମାମଲା ରୁଜୁ ହୋଇଛି। ତେବେ ଡାକ୍ତର ସ୍ୱାମୀଙ୍କୁ ଖୋଜୁ ଥିବା ଜଣାଯାଇଛି।

## ଏଫଏମ ବିଶ୍ୱ ବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ

ବାଲେଶ୍ୱର, (ସବ୍ୟୁ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ନିଆଁର ତାତି କମି ନ ଥିବାବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବେ ଚର୍ଚ୍ଚାରେ। ଏଠାରେଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ଦକ୍ଷେର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ ଶନିବାର ରେମୁଣା ଥାନାରେ ଅଭିଯୋଗ କରିବା ପରେ ନୀଳଗିରି ଅଞ୍ଚଳର ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖାଯାଇଛି। ଅଭିଯୋଗକୁ ଭିତ୍ତିକରି ମାମଲା (ନଂ.୧୩୧/୨୫) ରୁଜୁ ସହ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ ଏଫଏମ କ୍ୟାମ୍ପସ କ୍ୱାର୍ଟର୍ସରେ ଏକାକୀ ଥିବା ବେଳେ ଏହାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ ପ୍ରଥମେ ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଅବଗତ କରାଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଯୁବକ ସେଠାରେ ପହଞ୍ଚି ଏଭଳି କାଣ୍ଡ ଘଟାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତନାଘନା ଜାରି ରଖିଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ଟ୍ରେନ୍‌ରୁ ଠେଲି ଦେଲେ ଦୁର୍ବୃତ୍ତ

## ମୁମ୍ବାଇରେ ଓଡ଼ିଆ ଯୁବକ ମୃତ

ଅସୁରାଳି,(ସବ୍ୟୁ): ଚଳନ୍ତା ଟ୍ରେନରୁ ଦୁର୍ବୃତ୍ତମାନେ ଠେଲି ଦେବାରୁ ମହାରାଷ୍ଟ୍ରର ମୁମ୍ବାଇରେ ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ବମକୁରା ଗ୍ରାମର ସାରଦା ପ୍ରସନ୍ନ ସୂତାର(୩୪)। ବମକୁରା ଗ୍ରାମର ବସନ୍ତ ସୂତାରଙ୍କ ଏକମାତ୍ର ଶାରଦା ପ୍ରସନ୍ନ ମୁମ୍ବାଇରେ ରହି କାର୍ଯ୍ୟ କରନ୍ତି। ଚାରିଦିନ ତଳେ ଶାରଦା ମୁମ୍ବାଇରେ ତାଙ୍କ କାଯ୍ୟ ସାରି ଟ୍ରେନରେ ଫେରୁଥିବାବେଳେ କେତେକ ଦୁର୍ବୃତ୍ତ ତାଙ୍କ ଠାରୁ ପର୍ସ ମୋବାଇଲ ଆଦି ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏତିକି ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଠେଲି ଦେବାରୁ ଶାରଦା ତଳକୁ ଖସି ପଡ଼ିଥିଲେ। ଗୁରୁତର ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହେଉଥିବାବେଳେ ସେଠାରେ ଗତକାଲି ଶନିବାର ଦିନତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁମ୍ବାଇ ପୁଲିସ ଓ ପ୍ରଶାସନ ସହିତ ଯୋଗାଯୋଗ କରିଥିଲେ। ଯୁବ ସମାଜସେବୀ ସରୋଜ ପରିଡ଼ା ଯୋଗାଯୋଗ କରି ମୁମ୍ବାଇରୁ ବିମାନ ଯୋଗେ ଭୁବନେଶ୍ୱରକୁ ମୃତ ସାରଦାଙ୍କ ମୃତଦେହ ଆଣିବାରେ ସହଯୋଗ କରିଥିଲେ। ମୃତଦେହ ଆସିବା ପରେ ଶନିବାର କାନ୍ଦ ବୋବାଳି ମଧ୍ୟରେ ବମକୁରା ଠାରେ ସାରଦାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ମୃତ ଯୁବକଙ୍କର ଦୁଇବର୍ଷର ଏକ ଝିଅ ଥିବା ଜଣାପଡିଛି।

# ଭତ୍ତା କଟିବା ନେଇ ରେଳ କର୍ମଚାରୀଙ୍କ ସାଧାରଣ ସଭା

କେନ୍ଦୁଝର ,(ସବ୍ୟୁ):ପୂର୍ବ ତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ମଣ୍ଡଳର କେନ୍ଦୁଝରଗଡ଼ରେ କାର୍ଯ୍ୟରତ ରେଳ ଚାଳକ, ସହଚାଳକ ସମେତ ଟ୍ରେନ ପରିଚାଳକମାନଙ୍କ ପୂର୍ବରୁ କେନ୍ଦୁଝର-ଜଖପୁରା ଓ ଜଖପୁରା- କେନ୍ଦୁଝର ରେଳ ପରିଚାଳନା ନିମନ୍ତେ ମିଳୁଥିବା ମାଇଲେଜ ଭତାକୁ ଚଳିତ ମାସ ୧୭ ତାରିଖରୁ ୧୮୨କିଲମିଟର ପରିବର୍ତ୍ତେ ୧୨୫କିଲମିଟରର ଭତା ପ୍ରଦାନ କରାଯାଉଛି। ଯାହା ଫଳରେ କେନ୍ଦୁଝରଗଡ଼ ଓ ଜଖପୁରାରେ କାର୍ଯ୍ୟରତ ରେଳଚାଳକ, ସହଚାଳକ ଓ ଟ୍ରେନ ପରିଚାଳକ ମାନେ ଘୋର ଆର୍ଥିକ କ୍ଷତି ସହିବା ସହିତ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି। ସମସ୍ୟାର ସମାଧାନ ନିମନ୍ତେ ପୂର୍ବରୁ ରେଳକର୍ମଚାରୀ ଓ ବିଭିନ୍ନ ଟ୍ରେଡ଼ ୟୁନିୟନ ତରଫରୁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ସିନିୟର ଡିଇ ଓପିଙ୍କ ସମେତ ବିଭିନ୍ନ ଅଡିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ପୂର୍ବରୁ ମିଳୁଥିବା ୧୮୨କିଲମିଟର ଭତାକୁ ପୁନାର୍ବାର ପ୍ରଦାନ ନିମନ୍ତେ ରବିବାର ଦିନି ଅନୁଷ୍ଠିତ ହୋଇଥିବା ସଭାରେ ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ପିକେ ପାଟଶାଣୀ ଯୋଗ ଦେଇ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି କିପରି ମିଳି ପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମାଇଲେଜ ଭତାକୁ ୧୨୫କିଲୋମିଟର ପରିବର୍ତ୍ତେ ୧୮୨କିଲୋମିଟର ପ୍ରଦାନ କରିବା ଓ ଅନ ଡ୍ୟୁଟି ପୂର୍ବରୁ ୧୫ମିନିଟ ପରିବର୍ତ୍ତେ ଆଗଭଳି ୩୦ମିନିଟ ସମୟ ପ୍ରଦାନ ନିମନ୍ତେ ଆଗାମୀ ୩୦ତାରିଖ ବୁଧବାର ଦିନ ସମସ୍ତ ରେଳ ଚାଳକ, ସହଚାଳକ ଓ ଟିଏମ ଆର ମନେ ସାମୁହିକ ଛୁଟିରେ ଯିବା ସହିତ ଦଶ ଘଟିକାରୁ କର୍ମୀଦଳ ନିୟନ୍ତ୍ରକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ନିମନ୍ତେ ଶ୍ରମିକ ୟୁନିୟନର ପୂର୍ଣ ସମର୍ଥନରେ ଖୋର୍ଦ୍ଧା ରେଳ ମଣ୍ଡଳର ସିନିୟର ଡ଼ିଇଇ ଅପିଙ୍କ ସମେତ ସିନିୟର ଡିପିଓ, ଆର ପି ଏଫ କେନ୍ଦୁଝରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ରେଳବାଇରେ କସର୍ଯ୍ୟରତ ଅନ୍ୟ ବିଭାଗର କର୍ମଚାରୀ ମାନେ ମଧ୍ୟ ନିଜ ନିଜ ସମସ୍ୟା ବିଷୟରେ ପୂର୍ବତଟ ରେଳପଥର ସାଧାରଣ ସମ୍ପାଦକଙ୍କୁ ଅବଗତ କରାଇଥିବାବେଳେ ସମସ୍ତ ସମସ୍ୟାର ନ୍ୟାୟ ପୂର୍ଣ ସମାଧାନ କରାଯିବ ବୋଲି ଶ୍ରୀଯୁକ୍ତ ପାଟଶାଣୀ କହିଥିଲେ।

# ସ୍ୱାମୀ ଅରୁପାନନ୍ଦ ଯୁକ୍ତ୨ କଲେଜ ବିଭ୍ରାଟ ଘଟଣା: ପକ୍ଷ ରଖିଲେ ନୂତନ ଅଧ୍ୟକ୍ଷ

ରଘୁନାଥପୁର, (ସବ୍ୟୁ): ଗତ କିଛି ଦିନ ଧରି ରଘୁନାଥପୁର ବ୍ଲକ ଅନ୍ତର୍ଗତ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୁପାନନ୍ଦ ଯୁକ୍ତ ୨କଲେଜରେ ଏକ ଅସୁସ୍ଥ ବାତାବରଣ ସୃଷ୍ଟି ହୋଇଛି। ବାଲେଶର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପରେ ରାଜ୍ୟ ରାଜନୀତିରେ ଏକ ହଲଚଲ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ସଂପୂର୍ଣ୍ଣ ସୁଯୋଗ ନେଇ ଦୀର୍ଘ ୫ମାସ ପୂର୍ବେ ସ୍ୱାମୀ ଅରୁପାନନ୍ଦ ୨କଲେଜରେ ଜନୈକା ଛାତ୍ରୀ ସେହି କଲେଜର ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କ ନାମରେ ଆଣିଥିବା ଅଭିଯୋଗ ଓ ପରେ ତିନି ମାସ ପୂର୍ବେ ଏହାର ଆପୋଷ ସମାଧାନ ହେବା ଘଟଣାକୁ ବିରୋଧୀ ମାନେ ଗଣମାଧ୍ୟମ ମାଧ୍ୟମରେ ଲୋକଲୋଚନକୁ ଆଣିଥିଲେ। ଯାହାଫଳରେ ଜିଲ୍ଲା ପ୍ରଶାସନ ତରବରିଆ ଭାବେ ଏହି ଘଟଣାରେ କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ସଂପୃକ୍ତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ନିଲମ୍ବନ କରିବା ସହିତ ଦୁହିଁଙ୍କ ବିରୋଧରେ ପୋସକ ଆଇନ ଅନୁଯାୟୀ ଥାନାରେ ମାମଲା ରୁଜୁ କରିଥିଲେ। ଏହା ପରେ କାର୍ଯ୍ୟକାଳ ବରିଷ୍ଠତା ଦୃଷ୍ଟି କୋଣରୁ ଅଧ୍ୟାପକ ମୋହନ ଚରଣ ରାଉତରାୟଙ୍କୁ ଅଧ୍ୟକ୍ଷ ପଦରେ ଜିଲ୍ଲା ପ୍ରଶାସନ ଅଧିଷ୍ଠିତ କରିଥିଲା।

ଏହି ଆଦେଶନାମା ପରେ ନୂତନ ଅଧ୍ୟକ୍ଷ ଶ୍ରୀ ରାଉତରାୟ ୨୦୦୪ରୁ ୨୦୧୧ମସିହା ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦରେ ଥାଇ ବିଧାୟକ ପାଣ୍ଠି, ସାଂସଦ ପାଣ୍ଠି,ୟୁଜିସି ଅର୍ଥ ହେରଫେର,ଗରିବ ଛାତ୍ରଛାତ୍ରୀ ଓ ସରକାରୀ ଅର୍ଥ ହଡ଼ପ କରିବା,ବେଆଇନ ଭାବେ ଅଧ୍ୟକ୍ଷ ପଦରେ ରହିବା, ଅଧ୍ୟକ୍ଷ ପଦ ଛାଡିବା ସମୟରେ ପରବର୍ତ୍ତୀ ଅଧ୍ୟକ୍ଷ ସୁମନ୍ତ ଦାସଙ୍କୁ ପାସ ବୁକ,ମୁଣ୍ଡା ଚେକ ବୁକ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହସ୍ତାନ୍ତର ନକରିବା ସହିତ ବେଆଇନ ଭାବେ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ହସ୍ତଜମାରେ ରଖିବା ନେଇ ଗ୍ରାମବାସୀମାନେ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥି ସହିତ ଉକ୍ତ କଲେଜର ଜନୈକା ଅଧ୍ୟାପିକାଙ୍କୁ ଅସଦ ଆଚରଣ କରିବା ନେଇ ଉଚ୍ଚ ନ୍ୟାୟାଳୟରେ କେଶନଂ ସିଆରଏଲଏଲପି ୨୩/୨୦୨୪ ରହିଥିବା ବେଳେ ମୋହନ ଚରଣ ରାଉତରାୟଙ୍କୁ ଅଧ୍ୟକ୍ଷ ପଦବୀ ଦିଆନଯାଇ ବରିଷ୍ଠତା ଭିତ୍ତିରେ ଯୋଗ୍ୟ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଉ ବୋଲି ଗ୍ରାମବାସୀ ମାନେ ଉପଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ତେବେ ଗତ ୨୦୦୪ରୁ ୨୦୧୧ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦବୀରେ ଥିବା ସମୟରେ କୌଣସି ସରକାରୀ ଅର୍ଥ ହେରଫେର କରାଯାଇନଥିବା ଶିକ୍ଷା ବିଭାଗ ଆଚଂଳିକ ନିର୍ଦ୍ଦେଶକ ଚିଠି ନଂ୧୨୮୦୦/୪.୫.୨୦୧୨ରେ ଯୁଗ୍ମ ସଚିବଙ୍କୁ ତଦାରଖ ପରେ ଜଣାଇଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀ ରାଉତରାୟ ନିଜର ପକ୍ଷ ରଖିଛନ୍ତି। ସେହିପରି ଅଧ୍ୟାପିକା ଅସଦାଚରଣ ଅଭିଯୋଗରେ ମାନବାଧିକାର କମିଶନରଙ୍କ ଠାରୁ ଆରମ୍ଭ କରି ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟ ପର୍ଯ୍ୟନ୍ତ ମୋତେ ଦୋଷମୁକ୍ତ କରାଯାଇଛି ଏବଂ ଉଚ୍ଚ ନ୍ୟାୟାଳୟରେ ହୋଇଥିବା ମାମଲା ବାବଦରେ ମୁଁ କିଛି ଜାଣିନାହିଁ କିମ୍ବା ମୋତେ କୌଣସି ଚିଠି କରା ଯାଇନାହିଁ ବୋଲି ସେ କହିଛନ୍ତି।

ସେହିପରି ଅଧ୍ୟକ୍ଷ ପଦରୁ ଯିବା ସମୟରେ ସମସ୍ତ କାଗଜପତ୍ର ସହ ପାସ ବୁକ,ମୁଣ୍ଡା ଚେକ ବୁକ ଇତ୍ୟାଦି ନୂତନ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରିବା ସହିତ ଏହାର ଲିଖିତ ପ୍ରମାଣ ମୁଁ ଉପଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଥିବା ଅଧ୍ୟକ୍ଷ ଶ୍ରୀ ରାଉତରାୟ ଜଣାଇଛନ୍ତି। ଏଥି ସହିତ ଜିଲ୍ଲା ପ୍ରଶାସନ ପରବର୍ତ୍ତୀ ସମୟରେ ଯାହା ନିଷ୍ପତ୍ତି ନେବ ତାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି ବୋଲି କହିଛନ୍ତି। ତେବେ କଲେଜର ପୂର୍ବ ଗୌରବକୁ ଫେରାଇ ଆଣିବା ସହିତ ଏଭଳି ବିଭ୍ରାଟର ତୁରନ୍ତ ସମାଧାନ କରିବା ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବୀ କରାଯାଇଛି।

## ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶନାମା ବାତିଲ ଦାବି
# ବିଦ୍ୟାଳୟ ଫାଟକ ଆଗରେ ଛାତ୍ରଛାତ୍ରୀଙ୍କ ଧାରଣା




ବାଙ୍କୀ, (ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଡ଼ସଂର ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ଆଉ ଦୁଇ ଜଣ ଶିକ୍ଷକଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିଛନ୍ତି ବ୍ଲକ ଶିକ୍ଷାଧିକାରୀ। ଏଠାରେ ୧୩ ଜଣ ଶିକ୍ଷକଙ୍କ ମଧ୍ୟରୁ ମହିଳା ଶିକ୍ଷୟତ୍ରୀ ୯ ଜଣ ଥିବା ବେଳେ ମହିଳା ଶିକ୍ଷୟିତ୍ରୀଙ୍କୁ ବଦଳି ନ କରି ପୁରୁଷ ଶିକ୍ଷକଙ୍କୁ ବଦଳି କରି ଏହି ଶିକ୍ଷକଙ୍କ ସ୍ଥାନରେ ପୁଣି ମହିଳା ଶିକ୍ଷୟିତ୍ରୀ ନିଯୁକ୍ତି ଦେଇଛନ୍ତି। ଫଳରେଏହାକୁ ପ୍ରତିବାଦ କରି ସ୍କୁଲରୁ ବଦଳି ହୋଇଥିବା ଆଦର୍ଶ ଶିକ୍ଷକ ଦୁଇ ଜଣଙ୍କ ବଦଳିନିର୍ଦ୍ଦେଶନାମା ବାତିଲ କରିବା ଦାବିରେ ଶନିବାର ସ୍କୁଲ ଖୋଲିବା ମାତ୍ରେ ଫାଟକ ବାହାରେ ଚାରିଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ମାନ ଦେଇ ସ୍କୁଲ ଫାଟକ ସମ୍ମୁଖରେ ଧାରଣାରେ ବସି ରହିଥିଲେ।ବ୍ଲକ ଶିକ୍ଷାଧିକାରୀ ପୁନର୍ବାର ବିଚାର କରି ବଦଳି କରିଥିବା ସହକାରୀ ଶିକ୍ଷକ ୨ ଜଣଙ୍କୁ ଫେରାଇ ଆଣିବା ଜିଦ ରେ ଅଛନ୍ତି ଛାତ୍ରଛାତ୍ରୀ। ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ, ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ମହାପାତ୍ର, ଓ ନନ୍ଦ କିଶୋର ସ୍ୱାଇଁଙ୍କୁ ତୁରନ୍ତ ଫେରାଇ ଆଣିବା ଜିଦ ରେ ଅଟଳ ଅଛନ୍ତି ଛାତ୍ର ଛାତ୍ରୀ। ଏ ସମ୍ପର୍କ ରେ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ କାମରାଜ ସାହୁ ଙ୍କୁ ପଚାରିବାରେ ସେ କହିଲେ ୩ଜଣ ଙ୍କୁ ବଦଳି କରା ଯାଇ ୪ ଜଣ ଶିକ୍ଷକ ଙ୍କୁ ନିଯୁକ୍ତି ଦିଆ ଯାଇଛି। ଅସୁବିଧା କିଛି ନାହିଁ. ।

## ବିପଦ ସଂକେତ ତଳେ ଜଳ: ଟଳିଲା ବୈତରଣୀ ବନ୍ୟା ଆଶଙ୍କା

ପାଣିକୋଇଲି, (ସବ୍ୟୁ): ବୈତରଣୀ ଓ ତାର ଶାଖା ନଦୀ ବୁଢ଼ା ନଦୀରେ ଚଳିତ ବର୍ଷର ତୃତୀୟ ବନ୍ୟା ଜଳ ପ୍ରଭାବିତ ହେଉଛି । ନଦୀ ଫୁଲିକି ରହିଛି । ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇ ଏବେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ଫଳରେ ବର୍ଷା ନହେଲେ ବି ଉପରମୁଣ୍ଡର ବର୍ଷା ଯୋଗୁ ବନ୍ୟା ଆଶଙ୍କା ଟଳିଯାଇଛି । ଯାଜପୁର ଜଳ ସମ୍ପଦ ବିଭାଗ ଅଧିନସ୍ଥ ଆଖୁଆପଦା ଆନିକଟ ନିକଟରେ ବିପଦ ସଙ୍କେତ ୧୮.୩୩ ଥିବା ବେଳେ ଗତ କାଲି ରାତି ୧୨ଟା ପର୍ଯ୍ୟନ୍ତ ଜଳସ୍ତର ବଢ଼ି ୧୮.୯୭ ପର୍ଯ୍ୟନ୍ତ ଯାଇଥିଲା । ପରେ ଧିରେ ଧିରେ ଜଳସ୍ତର ହ୍ରାସ ପାଇଥିଲା । ରବିବାରସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୧୭.୭୫ରେ ପହଂଚିଛି । ଜଳସ୍ତର ପ୍ରତି ଘଣ୍ଟାରେ ହ୍ରାସ ପାଉଛି । ଜଳସ୍ତର କମୁଥିବା ଫଳରେ ବନ୍ୟା ହେବାର ସମ୍ଭାବନା ନାହିଁ । ବିଭିନ୍ନ ସ୍ଥାନରେ ଉପରକୁ ଉଠିଥିବା ଜଳସ୍ତର ନଦୀ ଗର୍ଭକୁ ଚାଲିଯାଇଛି । କେବଳ ଏହି ଅଂଚଳରେ ବର୍ଷା ହୋଇନଥିବାରୁ ନାଳ ଗୁଡିକ ଶୁଖିଲା ଥିବାରୁ ପାଣି ଜମି ରହୁନାହିଁ । ରବିବାର ଦିନ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ମୂଳାପାଳ ଲିଙ୍ଗେଶ୍ୱର ନିକଟରେ ପହଂଚି ପାଣିର ଅବସ୍ଥା ଦେଖିଥିଲେ । ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ମୂଳାପାଳ ସରପଞ୍ଚ ଜୟନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ, ଗୋଲକ ଚନ୍ଦ୍ର ମାଝୀ, ନିଂରଜନ ନାୟକ, ସୌମ୍ୟ ରଂଜନ ଧଳ, ପ୍ରତାପ ମହାନ୍ତି, ସଂଜୀବ ନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ବୈତରଣୀ ନଦୀର ବ୍ରିଜ ତଳେ ଥିବା ରାସ୍ତା ଅଣ ଓସାର ଥିବା ଯୋଗୁ ଯାତାୟତରେ ବହୁ ସମସ୍ୟା ଦେଖାଦେଉଛି । ଏନେଇ ଲୋକମାନଙ୍କ ସହ ଆଲୋଚନା ପରେ ଏହାର ପ୍ରତିକାର ପାଇଁ ଶ୍ରୀ ଦାସ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନ କରି ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ ।

# ନିର୍ମାଣ ଯୁବ ମହୋତ୍ସବ ୨୦୨୫ ଉଦ୍‌ଯାପିତ

ବାଲକାଟି, (ସବ୍ୟୁ): ବାଲକାଟୀର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିର୍ମାଣ ଗ୍ରୁପ ଅଫ ଇନ ଷ୍ଟିଚ୍ୟୁସନର ଚଳିତ ବର୍ଷର ନିର୍ମାଣ ଯୁବ ମହୋତ୍ସବ ୨୦୨୫ ଉଦଯାପିତ ହୋଇଯାଇଛି । ନିର୍ମାଣ ଫାଉଣ୍ଡେସନ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଅଶୋକ ମହାପାତ୍ର ଯୋଗଦେଇ ଓଡ଼ିଶାର ଚିକିତ୍ସା ବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ନିର୍ଦ୍ଦେଶକ ରଞ୍ଜିତ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ର, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ।

ଏହି ଭବ୍ୟ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜାତୀୟ ମୁକ୍ତ ବିଦ୍ୟାଳୟ ନିର୍ଦ୍ଦେଶକ ସୁରଜିତ କୁମାର୍, ଶିକ୍ଷାବିଦ ବିଧୁ ଭୂଷଣ ପଟ୍ଟନାୟକ, ପୁଷ୍ପଶ୍ରୀ ମହାପାତ୍ର, କୈଳାସ ଚନ୍ଦ୍ର ମିଶ୍ର, ବାଲିଅନ୍ତା ପୂର୍ବତନ ବିଡ଼ିଓ ଆଦିକନ୍ଦ




ବେହେରା, ସମାଜସେବୀ ସୁଚିସ୍ମିତା ପୃଷ୍ଟି ଓ ନାରାୟଣ ମହାପାତ୍ର ଯୋଗଦେଇ ଶିକ୍ଷାନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ । ଅନୁଷ୍ଠାନର ମୁଖ୍ୟ ସିଦ୍ଧେଶ୍ୱର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରି ଥିବା ୬୫ଜଣ ପ୍ରତିଭାଙ୍କୁ ନିର୍ମାଣ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିକ୍ଷକ ଓ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ କ୍ଷୁଦ୍ର ନାଟିକା ମାଆ ପରି କିଏ ହେବ ଦର୍ଶକ ମାନଙ୍କୁ ଆକୃଷ୍ଟ କରିଥିଲା । ଏହି ଉତ୍ସବକୁ ଶୁଭୋଜିତପଣ୍ଡା ଓ ସୟଂସିଦ୍ଧା ମହାନ୍ତି ପରିଚାଳନା କରିଥିବା ବେଳେ ନିର୍ମାଣର ସମସ୍ତେ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ପରିଶେଷରେ ସତ୍ୟବ୍ରତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ଓ ଶିଶୁ ସୁରକ୍ଷା ସଚେତନତା

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ବ୍ଲକ ମହିଳ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ସାନିବାର ସତ୍ୟବାଦୀରେ ଥିବା ୧୬୫ ଅଙ୍ଗନବାଡି କେନ୍ଦ୍ର ରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା, ବେଟୀ ବଚାଓ ବେଟୀ ପଢାଓର ଆହ୍ୱାନ ଦେଇ ଏକ ଶୋଭାଯାତ୍ରା ସମସ୍ତ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ ସତ୍ୟବାଦୀ କାର୍ଯ୍ୟକ୍ରମର ମୁଖ୍ୟ ଭାବେ ରହିଥିଲେ । ସମାଜରେ ଝିଅ ଓ ପୁଅ ଉଭୟଙ୍କ ର ଅବଦାନ ରହିଛି । ଝିଅ କୁ ଉପଯୁକ୍ତ ଭାବେ ସୁରକ୍ଷା ଦେଲେ ଓ ପଢାଇଲେ ସେ ମଧ୍ୟ ସମାଜରେ ଜଣେ ଜଣେ ସମ୍ବଳ ହୋଇ ଉଭା ହେବେ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଙ୍କୁ ଶିଶୁ ବିଶେଷ କରି ଝିଅ ମାନଙ୍କ ସୁରକ୍ଷା ଲକ୍ଷ୍ୟ ରେ ସଚେତନ କରାଇବା ଏହି ଶୋଭାଯାତ୍ରା ର ଉଦ୍ଦେଶ୍ୟ ବୋଲି ଅଧିକାରୀ ଶ୍ରୀମତୀ ଦାଶ ପ୍ରକାଶ କରିଥିଲେ ।

ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟ ରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳା ମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଏମରଜେନ୍ସି ନମ୍ବର ୧୧୨ ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସୂଚନା ଦିଆଯାଇଥିଲା। ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କ ରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠିତ ହୋଇଥିବାରୁ ଏହାର ସହାୟତା ନେବା ପାଇଁ ଅନୁରୋଧ କରାଯାଇଛି । ଏଥିରେ ସମସ୍ତ ଅଙ୍ଗନବାଡି କର୍ମୀ ସହାୟକ ଓ ସୁପରଭାଇଜର ମାନେ ଉପସ୍ଥିତ ରହିଥିଲେ ।

# ୨୦ନଂ ଜୋନ ମନ୍ କି ବାତ୍‌ରେ ବିଧାୟକ ସାମିଲ




ମହାକପଡା,(ସବ୍ୟୁ):ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ରବିବାର ଦିନ ନିଜ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୨୦ନଂ ଜୋନ ର ଚେରଗାଁ ପଞ୍ଚାୟତ ୧୭୨ନଂ ବୁଥରେ ମନ କି ବାତ କାର୍ଯ୍ୟ କ୍ରମରେ ସାମିଲ ହୋଇଛନ୍ତି। ଦଳୀୟ କର୍ମୀ ଙ୍କ ଗହଣରେ ଆସି ବୁଥରେ ପହଂଚିବା ପରେ ବୁଥ ସଭାପତି ପ୍ରକାଶ ସେଠୀ ଓ ପ୍ରଦୀପ ସେଠୀ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଧାନ ମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ସଭାପତି ହୃଷିକେଶ ଦାସ, ମୁରବି ସରୋଜ ମହାପାତ୍ର ଓ ରାଜ୍ୟ ପରିଷଦ ସଭ୍ୟ କୁମର କାନ୍ତ ମହାନ୍ତି ଙ୍କ ସହିତ ପ୍ରଶାନ୍ତ ସେଠୀ ଓ ଅଲେଖ ପ୍ରଧାନ ଆଦି ଉପସ୍ଥିତ ଥିଲେ ।ମନ କି ବାତ କାର୍ଯ୍ୟ କ୍ରମ ପରେ ଦଳ ତରଫରୁ ଆୟୋଜିତ ସଭାରେ ଜଗ ବନ୍ଧୁ ରାଉତ ସଭାପତିତ୍ୱ କରିଥିବା ବେଳେ ପ୍ରଦୀପ ସେଠୀ, ବିଧାୟକ ଶ୍ରୀ ନାୟକ , ସରପଞ୍ଚ ବିଦ୍ୟାଧର ସ୍ୱାଇଁ,ରାଜ୍ୟ ପରିଷଦସଭ୍ୟ ଶ୍ରୀ ମହାନ୍ତି ଙ୍କୁ ମଞ୍ଚାଙ୍କୁ ଆମନ୍ତ୍ରଣ କରିଥିଲେ । ଆମନ୍ତ୍ରିତ ଅତିଥି ମଂଚାସୀନ ହେବା ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ୫ ତେରଗାଁ ପଂଚାୟତ ବାସୀଙ୍କୁ ଡବଲ ଇଂଜିନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ର ଲାଭାର୍ଥୀ ହେବାର ପରାମର୍ଶ ଦେଇଥିଲେ ମଂଚାସୀନ ବ୍ୟକ୍ତି । ମାଗଣା ସ୍ୱାସ୍ଥ୍ୟ ସେବା,ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ବୟସ୍କ ଓ ଭିନ୍ନକ୍ଷମ ମାନଙ୍କ ଭତ୍ତା ବୃଦ୍ଧି,ସବକା ସାଥ ସବକା ବିକାଶ ଆଦି ବିଷୟ ରେ ଆଲୋକ ପାତ କରିଥିଲେ ମଂଚାସୀନ ବକ୍ତା ।୫ ସଭା ଶେଷରେ ପଞ୍ଚାୟତ ଅବସର ପ୍ରାପ୍ତ ଶିକ୍ଷକ ଓ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେ ମହିଳା ଓ ଲୋକମାନଙ୍କ ଠାରୁ ବିଭିନ୍ନ ସମସ୍ୟା ଜନିତ ଅଭିଯୋଗ ଗ୍ରହଣ କରିଥିଲେ । ଜୋନ ସଭାପତି ଜୋନ ସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ ନଥିବା ବେଳେ ସଭାପତିଙ୍କ ନିଜ ପଂଚାୟତର ଅଧିକାଂଶ ବୁଥ ରେ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିନଥିବାର ଜଣାପଡିଛି । ପ୍ରିୟ ପ୍ରଧାନ ମନ୍ତ୍ରୀଙ୍କ ଏହି ଜନ ପ୍ରିୟ କାର୍ଯ୍ୟକ୍ରମ ରେ ସମସ୍ତ ବୁଥ ରେ ଭୋଟର କିଭଳି ସାମିଲ ହୋଇ ପାରିବେ ଏନେଇ ସଭାପତି ପ୍ରୟାସ କରିବାକୁ ଦଳୀୟ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି ।

## ଖବର କାଗଜ ବିକ୍ରେତା ଦାମ ଗୁରୁତର ଅସୁସ୍ଥ

ଧର୍ମଶାଳା, (ସବ୍ୟୁ):ଧର୍ମଶାଳା ଅଂଚଳର ବରିଷ୍ଠ ଖବର କାଗଜ ବିକ୍ରେତା ରାମଚନ୍ଦ୍ର ମହାନ୍ତି (ଦାମ) ପକ୍ଷାଘାତ ରୋଗରେ ଶିକାର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଶନିବାରଦିନ ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଅତ୍ୟଧିକ ରକ୍ତ ଚାପ ଯୋଗୁ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲରେ ତୁରନ୍ତ ଭର୍ତି କରିଥିଲେ । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରା ଯାଇଥିଲା ବେଳେ ଧୀରେ ଧୀରେ ପକ୍ଷାଘାତ ଆଡ଼କୁ ତାଙ୍କ ଶରୀରର କିଛି ଅଙ୍ଗ ଗତି କରୁଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଶନିବାର ସକାଳେ କଟକ ବଡ ମେଡିକାଲରେ ଭର୍ତି କରାଯାଇଛି। ଦାମ ଦୀର୍ଘ ବର୍ଷ ଧରି ଜାରକା ଅଂଚଳରେ ବିଭିନ୍ନ ଖବର କାଗଜର ବିକ୍ରେତା ଭାବେ କାର୍ଯ୍ୟ କରି ଆସୁଥିବା ସହ ଜଣେ ପରୋପକାରୀ ଓ ମେଳାପି ବ୍ୟକ୍ତି ଭାବରେ ତାଙ୍କର ପରିଚୟ ରହିଛି। ଧର୍ମଶାଳା ପ୍ରେସ କ୍ଲବ ଓ ଜାରକା ହକର୍ ସଂଘ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଉଛି।

## ସ୍କାଉଟ-ଗାଇଡ ରାଜ୍ୟ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ



ବାରଙ୍ଗ,(ସବ୍ୟୁ): ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଓଡ଼ିଶା ରାଜ୍ୟ ୟୁନିଟ ପକ୍ଷରୁ ଗଠିତ ୟୁଥ କମିଟିରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦୁଇଜଣ ରୋଭର୍ ସ୍ଥାନ ପାଇଛନ୍ତି । ଖାଲି ସ୍ଥାନ ପାଇନାହାନ୍ତି, ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଉକ୍ତ କମିଟିର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଛନ୍ତି । ଗୁରୁବାର ରାଜ୍ୟ ସ୍କାଉଟ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓଡ଼ିଶା ଶାଖାର ୟୁଥ କମିଟି ଚେୟାରମ୍ୟାନ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ସିନିୟର ରୋଭର୍ ରାକେଶ କୁମାର ମଲ୍ଲିକଙ୍କୁ ମନୋନୀତ କରାଯାଇଛି । ଏଥିସହ କମିଟିର ସଦସ୍ୟ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ରୋଭର୍ ଦୀପକ କୁମାର ପଣ୍ଡା ମନୋନୀତ ହୋଇଛନ୍ତି । ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ମୁଖ୍ୟ କମିଶନର ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ (ମୁଖ୍ୟାଳୟ, ନୂଆଦିଲ୍ଲୀ) ଡ. କାଳିପ୍ରସାଦ ମିଶ୍ର ଏହି ଦୁଇ ଛାତ୍ରଙ୍କ ନାମ ମନୋନୟନ କରିଥିଲେ । ରାଜ୍ୟ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ ଯୋଗୁଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଛାତ୍ରକଲ୍ୟାଣ ଡିନ ପ୍ରଫେସର ଜୟପ୍ରକାଶ ଭଞ୍ଜ ପ୍ରମୁଖ ସେମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ବିଶେଷକରି ଏହି ସଫଳତା ପଛରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ତଥା ରୋଭର୍ ସ୍କାଉଟ ଲିଡର ଡ. ସନ୍ଦୀପ ରାଉତଙ୍କ ଅକ୍ଲାନ୍ତ ପରିଶ୍ରମକୁ ମଧ୍ୟ ବିଶ୍ୱବିଦ୍ୟାଳୟର ଲିଡରଶିପ ଟିମ ପ୍ରଶଂସା କରିଛନ୍ତି ।

## ଦୁଇ ଟ୍ରକ ମୁହଁ ମୁହିଁ ଧକ୍କା ଘଟଣା।
# ଜଣାପଡିଲା ମୃତ ଅଜୟଙ୍କ ପରିଚୟ

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ଥାନା ଟାକେରା ନିକଟରେ ଦୁଇ ମାଲ ବୋଝେଇ ଟ୍ରକ ମଧ୍ୟରେ ହୋଇଥିବା ମୁହଁମୁହିଁ ଧକ୍କାରେ ମୃତ ତିନିଜଣଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଥିବା ବେଳେ ୨୨ ଘଣ୍ଟା ପରେ ଫେସବୁକରୁ ମିଳିଛି ଅନ୍ୟ ଜଣଙ୍କ ପରିଚୟ । ମୃତକଙ୍କ ନାଁ ଅଜୟ ମେହେର(୨୯) ହୋଇଥିବା ବେଳେ ତାଙ୍କଘର ସ୍ଥାନୀୟ ମୋଟିସାହି ଗ୍ରାମରେ । ଏହି ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଥିଲେ । ଘଟଣାପରେ ଦୁଇ ଜଣ ମୃତ ବ୍ୟକ୍ତି ଦୀପକ ଚହ୍ୱାନ ଓ ଅପଲା ନାଇଡୁ ବୋଲି ଜଣାପଡ଼ିଥିବା ବେଳେ ହୋଇଥିବା ବେଳେ ଅଜୟଙ୍କ ପରିଚୟ ମିଳିନଥିଲା । ଯାହାକି ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା । ମୃତ ଦୀପକଙ୍କ ଘର ଛତିଶଗଡ଼ ଜିଲ୍ଲା ଗୋଲାଲପଲମ ହୋଇଥିବା ବେଳେ ଅପଲା ନାଇଡୁଙ୍କ ଘର ଆନ୍ଧ୍ରପ୍ରଦେଶ ଭିଶାଖାପାଟନମ ଜିଲ୍ଲା ଦଲଭିସା ଗ୍ରାମରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା ।

ସେହିପରି ଆହତମାନଙ୍କ ନାଁ କୋୟା ମୋହନ ଓ ତାଙ୍କଘର ଆନ୍ଧ୍ରପ୍ରଦେଶ ଅମ୍ବିକାପୁର ବାଟୋଲିସାହି ହୋଇଥିବା ବେଳେ ଅନ୍ୟ ଜଣଙ୍କ ନାଁ ପଙ୍ଖରାଜ ସିୟୁସ ଓ ତାଙ୍କ ଘର ଛତିଶଗଡ ବଲରାମ୍ପୁର ଜିଲ୍ଲା ଗୋବିନ୍ଦପୁର ଗ୍ରାମରେ ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି । ମାତ୍ର ଅଜୟ ମୃତ୍ୟୁ ପୂର୍ବରୁ ଟ୍ରକରେ ଥିଲା ନା ଟ୍ରକ ତଳେ ଚିପି ହୋଇ ରହିଥିବା ବାଇକରେ ଥିଲା ତାହା ପୋଲିସ ତଦନ୍ତ ଜାରି ରଖିଛି । ମୃତ ତିନିଜଣଙ୍କ ଶବ କୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନା ଯୋଗ୍ୟ ଯେ, ଶନିବାର ଦିନ ରାୟପୁର ରୁ କଟକ ଆସୁଥିବା ଓ କେମିକାଲ ଗୁଣ୍ଡ ବୋଝେଇ ଟ୍ରକ ସହ ଆନ୍ଧ୍ର ରୁ ରାଉରକେଲା ଯାଉଥିବା ସକ୍ରାପ ଗୁଣ୍ଡ ବୋଝେଇ ଏପି୩୧ଟିଏଚ୭୭୭୯ ଟ୍ରକ ମଧ୍ୟରେ ମୁହଁ ମୁହିଁ ଧକ୍କା ହୋଇଥିଲା ଫଳରେ ଟ୍ରକ ଦୁଇଟି ଓଲଟି ପଡିବା ସହ ଘଟଣା ସ୍ଥଳରେ ଟ୍ରକ ଡ୍ରାଇଭର ଦୀପକ ଓ ଅନ୍ୟ ଟ୍ରକ ହେଲ୍ପର ଅପଲ୍ଲା ନାଇଡୁଙ୍କ ସହ ଅଜୟଙ୍କ ମୃତ୍ୟୁ ହୋଇଥିଲା । ଏକ କାରକୁ ସାଇଡ ଦେବାକୁ ଯାଇ ଏହି ଦୁର୍ଘଟଣା ହୋଇଥିବା ଟ୍ରକ ଡ୍ରାଇଭର କୋୟା ମୋହନ ପ୍ରକାଶ କରିଛି । ଅନ୍ୟ ପାର୍ଶ୍ୱରେ ଟ୍ରକ ଓଲଟି ପଡିବାରୁ ସେହି ରାସ୍ତାରେ ବାଇକ ରେ ଯାଉଥିବା ଦୁଇ ବାଇକ ଆରୋହି ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ ବାଇକ ଟି ଟ୍ରକ ତଳେ ଚାପି ହୋଇ ଯାଇଥିଲା ।

# ଯୌତୁକ ଜନିତ ବଧୂହତ୍ୟା : ସ୍ୱାମୀ, ଶାଶୁ ଗିରଫ



ନୂଆଗାଁ, (ସବ୍ୟୁ): ନୟାଗଡ ଜିଲ୍ଲା ନୂଆଗାଁ ଥାନା ଅର୍ନ୍ତଗତ ବଡ଼ଗୋଠ ଗ୍ରାମପଞ୍ଚାୟତ ରାଧାନାଥ ପୁରରେ ଯୌତୁକ ଜନିତ ବଧୂହତ୍ୟା ହୋଇଛି । ଯୌତୁକ ପାଇଁନିର୍ଯାତନା ଦେବା ସହ ଶେଷରେ ଟକିଆ ପକାଇ ବଧୂକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇ ପୋଲିସ ସ୍ୱାମୀ ଓ ଶାଶୂଙ୍କୁ ଗିରଫ କରିଥିବା ଜଣାଯାଇଛି । ସୂଚନା ଅନୁଯାଇ ନୂଆଗାଁ ବ୍ଲକ ଅର୍ନ୍ତଗତ ସୀଙ୍ଗାରପଲ୍ଲି ପଞ୍ଚାୟତ କାଇଥାପଲ୍ଲି ଗ୍ରାମର ବୈକୁଣ୍ଠ ମହାକୁଡ଼ଙ୍କ ଝିଅ ସୀତା ଖିଲାର ୪ ବର୍ଷ ପୂର୍ବେ ବଡ଼ଗୋଠ ପଞ୍ଚାୟତ ର ରାଧାନାଥପୁର ଗ୍ରାମର ସଂସାରୀ ଖିଲାରଙ୍କ ପୁଅ ସୂର୍ଯ୍ୟମଣି ଖିଲାରକୁ ବିବାହ କରିଥିଲେ । ପରିବାର ଲୋକଙ୍କ ଅଭିଯୋଗ କ୍ରମେ ସବୁବେଳେ ଯୌତୁକ ପାଇଁ ଝିଅକୁ ନିର୍ଯାତନା ଦେଉଥିଲେ । ଶନିବାର ବିଳମ୍ବିତ ରାତିରେ ସୂର୍ଯ୍ୟମଣି ଓ ତାଙ୍କ ମା ସୀତାକୁ ଧରି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସୀତାଙ୍କ ପରିବାର ଏଖବର ଶୁଣି ମେଡିକାଲରେ ପହଞ୍ଚିଥିଲେ । ଝିଅର ମୃତ୍ୟୁକୁ ପରିବାର ଲୋକ ଗ୍ରହଣ କରିପାରିନଥିଲେ । ସେ ମହୀପୁର ଫାଣ୍ଡି ରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ସୂର୍ଯ୍ୟମଣି ଓ ତା ମା କୁ ଫାଣ୍ଡି ଅଧିକାରୀ ବିରଞ୍ଚି କୁମାର ଅମାତ ଗିରଫ କରିଥିଲେ । ପରେ ନୂଆଗାଁ ଆଇ ଆଇ ସି ରଶ୍ମିରଞ୍ଜନ ସାହୁ ଓ ତହସିଲଦାର ହେମନ୍ତ କୁମାର ନାୟକ ପହଞ୍ଚିଥିଲେ । ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ ।

# ଭାରତର ବିଶ୍ୱସ୍ତରୀୟ ଭବିଷ୍ୟତ ପାଇଁ ଭାରତ ନିର୍ମିତ ପ୍ରତିଷ୍ଠାନର ଆବଶ୍ୟକତା ରହିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତ ଏକ ଜ୍ଞାନ-ଚାଳିତ ଅର୍ଥନୀତିରେ ପରିଣତ ହେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ, ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଆକର୍ଷଣୀୟ ହେଉଛି, ଭାରତ ଏଠାରେ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ କ୍ୟାମ୍ପସ ଖୋଲିବା ପାଇଁ ଅପେକ୍ଷା କରିବା ଉଚିତ କି ନା ଏହା ନିଜର ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ନିର୍ମାଣ ଉପରେ ଧ୍ୟାନ ଦେବା ଉଚିତ ? ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ର ଜଣେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଅରବିନ୍ଦ କୁମାର ମିଶ୍ର ବିଶ୍ୱାସ କରନ୍ତି ଏବଂ ତାଙ୍କ ଉତ୍ତର ବି ସ୍ପଷ୍ଟ ।

'ଆମେ ଆମର ଉଚ୍ଚଶିକ୍ଷା ଯାତ୍ରାରେ ଏକ ନିର୍ଣ୍ଣାୟକ ସନ୍ଧିରେ ଅଛୁ', ପ୍ରଫେସର ମିଶ୍ର କୁହନ୍ତି । ଭାରତରେ ୪୦ ନିୟୁତରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରେ ନାମ ଲେଖାଇଛନ୍ତି ଯାହା ବିଶ୍ୱର ସର୍ବବୃହତ କଲେଜ ପଢୁଥିବା ଜନସଂଖ୍ୟା, ତଥାପି ଆମର ଯୁବପିଢ଼ିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବେ ବି ଅଧ୍ୟୟନ ପାଇଁ ବିଦେଶକୁ ଜାଉଛନ୍ତି । ଏହା ବହୁତ କିଛି କହିଥାଏ ଏବଂ ଏହା ଭାରତୀୟ ପରିବାରକୁ ବହୁତ କ୍ଷତି ପହଞ୍ଚାଉଛି ।

ବୈଦେଶିକ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଜାନୁଆରୀ ୨୦୨୩ ସୁଦ୍ଧା ୧.୩ ନିୟୁତରୁ ଅଧିକ ଭାରତୀୟ ଛାତ୍ର ବିଦେଶରେ ଅଧ୍ୟୟନ କରୁଥିଲେ, ଅନେକ ବିଶ୍ୱ ର୍‍ୟାଙ୍କିଂ, ଏକ୍ସପୋଜର ଏବଂ ନିଯୁକ୍ତି ସୁଯୋଗ ଦ୍ୱାରା ପ୍ରଲୋଭିତ ହୋଇଥିଲେ । କିନ୍ତୁ ପ୍ରଫେସର ମିଶ୍ର ପରିବାର ଉପରେ ଏହି ଧାରା ଆର୍ଥିକ ଏବଂ ଭାବପ୍ରବଣ ବୋଝ ପକାଇଥାଏ ବୋଲି ସୂଚାଇଛନ୍ତି । 'ଗତ ଦଶନ୍ଧି ମଧ୍ୟରେ, ଭାରତୀୟ ଛାତ୍ରମାନେ ବିଦେଶୀ ଶିକ୍ଷା ପାଇଁ ପ୍ରାୟ ୪୭ ବିଲିୟନ ଡଲାର ଖର୍ଚ୍ଚ କରିଛନ୍ତି । ଅଧିକାଂଶ ପରିବାର ଏଥିପାଇଁ ପାଣ୍ଠି ଯୋଗାଇବା ପାଇଁ ବର୍ଷ ବର୍ଷର ସଞ୍ଚୟକୁ ବଳିଦାନ ଦିଅନ୍ତି କିମ୍ବା ଋଣ ନିଅନ୍ତି ଏବଂ ଆର୍ଥିକ ବ୍ୟତୀତ, ଛାତ୍ରଛାତ୍ରୀମାନେ ଏକାକୀତା, ସମର୍ଥନର ଅଭାବ ଏବଂ ଘରୁ ଦୂରରେ ରହିବାର ମାନସିକ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜର ମଧ୍ୟ ସମ୍ମୁଖୀନ ହୁଅନ୍ତି' ବୋଲି ସେ ବ୍ୟାଖ୍ୟା କରିଛନ୍ତି ।

ଏହି ସମୟରେ, ପ୍ରମୁଖ ଶିକ୍ଷା ଗନ୍ତବ୍ୟସ୍ଥଳଗୁଡ଼ିକରେ ପ୍ରବାସନ ନିୟମ କଡ଼ାକଡ଼ି ହେଉଛି । ୟୁକେ ଏବେ ଛାତ୍ରମାନଙ୍କୁ ନିର୍ଭରଶୀଳମାନଙ୍କୁ ଆଣିବାରେ ପ୍ରତିବନ୍ଧକ ଲଗାଉଛି । କାର୍ଯ୍ୟ ଭିସା କ୍ଷେତ୍ରରେ ଆମେରିକା ଅନିଶ୍ଚିତ ରହିଛି । ଏହି ସମସ୍ତ, ପ୍ରଫେସର ମିଶ୍ର ଯୁକ୍ତି ଦିଅନ୍ତି, ଭାରତ ପାଇଁ ଘରେ ବିଶ୍ୱସନୀୟ ବିକଳ୍ପ ପ୍ରଦାନ କରିବା ଆହୁରି ଜରୁରୀ କରିଥାଏ । 'ଆମେ ପଚାରିବା ଉଚିତ ଯେ ଆମେ ଭାରତରେ କ୍ୟାମ୍ପସ ସ୍ଥାପନ କରିବା ପାଇଁ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଉପରେ କାହିଁକି ନିର୍ଭର କରିବା ଉଚିତ୍ ? ଆମେ କାହିଁକି ଭାରତୀୟ ନେତୃତ୍ୱ ଦ୍ୱାରା ପରିଚାଳିତ, ଭାରତୀୟ ମୂଲ୍ୟବୋଧରେ ମୂଳ ହୋଇ ସମାନ ଗୁଣବତ୍ତାର ପ୍ରତିଷ୍ଠାନ ନିର୍ମାଣ କରିପାରିବା ନାହିଁ ?' ସେ ପଚାରିଛନ୍ତି ।

ଏହି ଦୃଷ୍ଟିକୋଣର ଏକ ଆକର୍ଷଣୀୟ ଉଦାହରଣ ଭାରତୀୟ ଶିଳ୍ପରୁ ହିଁ ଉଭା ହେଉଛି । ସମ୍ପ୍ରତି, ବେଦାନ୍ତ ଗ୍ରୁପ୍ ଏକ ଆଗ୍ରହ ପ୍ରକାଶ (ଇଓଆଇ) ଜାରି କରିଛି ଯାହା ରାଜ୍ୟ ସରକାରଙ୍କୁ ୧୫,୦୦୦ କୋଟି ଟଙ୍କାର ଏକ ଅଣ-ଲାଭକାରୀ ଶିକ୍ଷା ସହର ସୃଷ୍ଟିରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛି । ଏହି ଯୋଜନାରେ ଗବେଷଣା କେନ୍ଦ୍ର, ମେଡିକାଲ୍ ଏବଂ ଇଞ୍ଜିନିୟରିଂ କଲେଜ, ନବସୃଜନ ହବ୍, ବିଶ୍ୱସ୍ତରୀୟ ଫ୍ୟାକଲ୍ଟି ପ୍ରୋଗ୍ରାମ୍ ଏବଂ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବା ପାଇଁ ଡିଜାଇନ୍ ହୋଇଥିବା ଏକ ଆନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ର ସହିତ ଏକ ଜଳକୂଳ ବିଶ୍ୱବିଦ୍ୟାଳୟ ସହର ଅନ୍ତର୍ଭୁକ୍ତ ।

'ଏହା ହେଉଛି ଭାରତ-ନେତୃତ୍ୱାଧୀନ, ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁଯାୟୀ ଆମକୁ ଆବଶ୍ୟକ ପଦକ୍ଷେପ । ଏହା ବୋଷ୍ଟନ୍ ସିଟି ଉପରେ ମଡେଲ୍ କରାଯାଇଛି, ଯାହାର ଦୃଷ୍ଟିକୋଣ ଔଷଧ ଆବିଷ୍କାର ଠାରୁ ଆରମ୍ଭ କରି ସାର୍ବଜନୀନ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସବୁକିଛିରେ ଉତ୍କର୍ଷତାର ଏକ ବହୁ-ଶାଖାଗତ କେନ୍ଦ୍ର ହେବା' ପ୍ରଫେସର ମିଶ୍ର କୁହନ୍ତି ।

ଗତି ନିର୍ମାଣ ହେଉଛି, କିନ୍ତୁ ନୀତିକୁ ଅଭ୍ୟାସରେ ପରିଣତ କରିବାକୁ ପଡିବ, ପ୍ରଗତିର ସଙ୍କେତ ଅଛି । କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂ ୨୦୨୫ ପ୍ରକାଶ କରିଛି ଯେ ଏହି ବର୍ଷ ଡେବ୍ୟୁ କରୁଥିବା ଆଠଟି ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଘରୋଇ ପ୍ରତିଷ୍ଠାନ ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟରେ ପରିବର୍ତ୍ତନର ସଙ୍କେତ ଦେଉଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ପ୍ରସ୍ତୁତ କରିଛି: ୨୦୩୫ ସୁଦ୍ଧା ୫୦% ମୋଟ ନାମଲେଖା ଅନୁପାତ, ବହୁବିଧ ଶିକ୍ଷା ଏବଂ ଭାରତରେ କାର୍ଯ୍ୟକ୍ଷମ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ପାଇଁ ଖୋଲିବା ପାଇଁ । ଗୁଜରାଟର ଗିଫ୍ଟ ସିଟି ପୂର୍ବରୁ ଡିକିନ୍ ଏବଂ ୱୋଲୋଙ୍ଗୋଙ୍ଗ ବିଶ୍ୱବିଦ୍ୟାଳୟ ଭଳି ଅଷ୍ଟ୍ରେଲୀୟ ଖେଳାଳିମାନଙ୍କୁ ଆକର୍ଷିତ କରିସାରିଛି ।

କିନ୍ତୁ ପ୍ରଫେସର ମିଶ୍ର ସତର୍କ କରାଇଛନ୍ତି ଯେ ନୀତି ଯଥେଷ୍ଟ ନୁହେଁ । 'ସ୍କେଲରେ ପରିବର୍ତ୍ତନ ପାଇଁ ଫ୍ରେମୱାର୍କ ଅପେକ୍ଷା ଅଧିକ ଆବଶ୍ୟକ । ଏଥିପାଇଁ ସରକାରୀ, ଘରୋଇ କ୍ଷେତ୍ର, ଦାନଶୀଳ ଏବଂ ଶିକ୍ଷାବିତ୍ ମଧ୍ୟରେ ସହଯୋଗ ଆବଶ୍ୟକ । ଆମ ପାଖରେ ପ୍ରତିଭା ଅଛି କେବଳ ଭାରତୀୟ ବୃତ୍ତିଗତମାନେ ବିଶ୍ୱସ୍ତରରେ କିପରି ଉନ୍ନତି କରନ୍ତି ତାହା ଦେଖିବା କିନ୍ତୁ ଆମ ପାଖରେ ଶିକ୍ଷାକୁ ନବସୃଜନ ଏବଂ ଘରେ ଅର୍ଥନୈତିକ ଅଭିବୃଦ୍ଧି ସହିତ ଯୋଡ଼ିବା ପାଇଁ ଏପରି ଅନୁଷ୍ଠାନିକ ଭିତ୍ତିଭୂମିର ଅଭାବ ଅଛି' ବୋଲି ସେ କହିଛନ୍ତି । ଆସନ୍ତାକାଲିର ବିଶ୍ୱବିଦ୍ୟାଳୟଗୁଡ଼ିକ କ'ଣ କରିବା ଉଚିତ- ଭାରତକୁ ବିଶ୍ୱସ୍ତରୀୟ ପ୍ରସିଦ୍ଧି ହାସଲ କରିବା ପାଇଁ, ପ୍ରଫେସର ମିଶ୍ର ବିଶ୍ୱାସ କରନ୍ତି ଯେ ଏହାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଶ୍ରେଣୀଗୃହ ଏବଂ ବକ୍ତୃତାଠାରୁ ବହୁ ଦୂରକୁ ଯିବାକୁ ପଡିବ ।

'ଆମକୁ ଏପରି ଅନୁଷ୍ଠାନ ଆବଶ୍ୟକ ଯାହା କେବଳ ଶିକ୍ଷାଦାନ ନୁହେଁ ବରଂ ବାସ୍ତବ-ବିଶ୍ୱ ସମସ୍ୟାର ସମାଧାନ କରିବ, ଷ୍ଟାର୍ଟ-ଅପଗୁଡ଼ିକୁ ଶକ୍ତି ଦେବ ଏବଂ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ଗବେଷଣାକୁ ପ୍ରୋତ୍ସାହିତ କରିବ । ଏହା ଚତୁର୍ଥ ଶିଳ୍ପ ବିପ୍ଳବ । ଆମକୁ ଏପରି ବିଶ୍ୱବିଦ୍ୟାଳୟ ଆବଶ୍ୟକ ଯାହା ଉଦ୍ଭାବନଶୀଳ ହେବା ସହିତ ଅନ୍ତର୍ଭୁକ୍ତ ମଧ୍ୟ ହେବ' ବୋଲି ସେ କୁହନ୍ତି । ଯଦି ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ହେବା ପାଇଁ ଗମ୍ଭୀର, ତେବେ ପରିବର୍ତ୍ତନ ଏବେ ଆରମ୍ଭ ହେବା ଉଚିତ- କ୍ରମବର୍ଦ୍ଧିଷ୍ଣୁ ସଂସ୍କାର ମାଧ୍ୟମରେ ନୁହେଁ, ବରଂ ପ୍ରକୃତରେ ବିଶ୍ୱସ୍ତରୀୟ, ସ୍ୱଦେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଅନୁଷ୍ଠାନ ନିର୍ମାଣ କରି ।

ନେତୃତ୍ୱ ନେବା ଓଡ଼ିଶା ପାଇଁ ଏକ ଗୌରବର ମୁହୂର୍ତ୍ତ – ଓଡିଶା ଭଳି ରାଜ୍ୟ ପାଇଁ, ଏହା ଐତିହାସିକ ସୁଯୋଗର ମୁହୂର୍ତ୍ତ । ଭାରତର ପରବର୍ତ୍ତୀ ଶିକ୍ଷାଗତ ଶକ୍ତି ଭାବରେ ଉଭା ହେବା ପାଇଁ ଓଡ଼ିଶାର ଦୃଷ୍ଟିକୋଣ, ସାଂସ୍କୃତିକ ଗଭୀରତା ଏବଂ ବଢୁଥିବା ଶିଳ୍ପ ଭିତ୍ତିଭୂମି ଅଛି । ବେଦାନ୍ତ ଦ୍ୱାରା ପ୍ରସ୍ତାବିତ ପ୍ରକାରର ଏକ ବିଶ୍ୱସ୍ତରୀୟ ମାନଦଣ୍ଡପ୍ରାପ୍ତ, ଭାରତୀୟ-ନେତୃତ୍ୱାଧୀନ ବିଶ୍ୱବିଦ୍ୟାଳୟ ଆୟୋଜନ କରିବା ଦ୍ୱାରା ଓଡ଼ିଶା ପ୍ରତିଭାକୁ ଆକର୍ଷିତ କରି, ନବସୃଜନ ଚଳାଇବା ଏବଂ ଭାରତୀୟ ମାଟିରେ ସ୍ଥିର କିନ୍ତୁ ବିଶ୍ୱ ପାଇଁ ପ୍ରସ୍ତୁତ ନେତାଙ୍କ ଏକ ପିଢ଼ି ସୃଷ୍ଟି କରି ବିଶ୍ୱ ଶିକ୍ଷା ମାନଚିତ୍ରରେ ତେଇଁପଡ଼ିବାରେ ସାହାଯ୍ୟ କରିପାରିବ ।

ଏବେ ଓଡ଼ିଶାର ନେତୃତ୍ୱଙ୍କ କାର୍ଯ୍ୟ କରିବାର ସମୟ ଆସିଛି । ବେଦାନ୍ତ ପ୍ରସ୍ତାବ ଆଲୋଚନା ପାଇଁ ପ୍ରସ୍ତୁତ । ନୀତିଗତ ପରିବେଶ ସହାୟକ । ଯାହା ଆବଶ୍ୟକ ତାହା ହେଉଛି ସାହସିକ ନିଷ୍ପତ୍ତି ନେବା । ପ୍ରଫେସର ମିଶ୍ର ଯେପରି କହିଛନ୍ତି, 'ଏହା ଭାରତ ପାଇଁ ନିଜର ହାର୍ଭାର୍ଡ ନିର୍ମାଣ କରିବାର ଦଶନ୍ଧି ଏବଂ ଓଡ଼ିଶାର ଯେଉଁଠାରୁ ଆରମ୍ଭ ହୁଏ ସେଠାରେ ରହିବାର ସମସ୍ତ କାରଣ ଏବଂ ଅଧିକାର ଅଛି' ।

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୨୮)

–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–

(ଶ୍ରୀଭଗବାନୁବାଚ)

**ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।**
**ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ପ୍ରେତ୍ୟ ନୋ ଇହ ।।୨୮।।**

(ଇଦାନୀଂ ସର୍ବକର୍ମ୍ମଷୁ ଶ୍ରଦ୍ଧୟୈବ ପ୍ରବୃତ୍ତ୍ୟର୍ଥମଶ୍ରଦ୍ଧୟା କୃତଂ ସର୍ବଂ ନିନ୍ଦତି)– ହେ ପାର୍ଥ ! ଅଶ୍ରଦ୍ଧୟା ହୁତଂ (ହବନଂ), ଦତ୍ତଂ (ଦାନଂ), ତପ୍ତଂ (ନିର୍ବର୍ତ୍ତିତଂ) ତପଃ (ଅନ୍ୟଦପ) ଯତ୍ (କର୍ମ୍ମ) କୃତଂ (ତତ୍ କର୍ମ୍ମ), ଅସତ୍ ଇତି ଉଚ୍ୟତେ, (ଯତଃ) ତତ୍ (ବିଗୁଣତ୍ୱାତ୍) ପ୍ରେତ୍ୟ (ଲୋକାନ୍ତରେ) ନ (ଫଳତି) ନ ଚ (ଅଯଶସ୍କରତ୍ୱାତ୍) ଇହ ( ଅସ୍ମିନ ଲୋକେ ) (ଫଳତି) ।। ୨୮।।

# ରାଜ୍ୟ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ସମ୍ଭବତଃ ଏବେ ନୁହେଁ

ରାଜ୍ୟ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ସମ୍ଭବତଃ ଏବେ ନୁହେଁ ବୋଲି ଓଡ଼ିଶା ବିଜେପିର ସଭାପତି ଶ୍ରୀ ମନମୋହନ ସାମଲ ଦିଲ୍ଲୀରୁ ଫେରି ଆସିବା ପରେ ତାଙ୍କ ବକ୍ତବ୍ୟରୁ ଜଣାଯାଇଛି । ଯଦିଓ ସରକାର ଗଢ଼ିବାର ବର୍ଷେ ଭିତରେ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ଓ ଅଦଳବଦଳ ହୋଇପାରିଲା ନାହିଁ, ଖୁବ୍ ଶୀଘ୍ର ଏହା ସମ୍ଭବ ହେବ ନାହିଁ ବୋଲି ଅନୁମାନ କରାଯାଉଥିଲା । ଦଳୀୟ ସଂଗଠନ ଓ ଦଳୀୟ ନିର୍ବାଚନ ପରେ ମଧ୍ୟ ଯଦି ଦଳର ସଭାପତି ମନମୋହନ ସାମଲଙ୍କୁ ସଭାପତି ପଦବୀରେ ରହିବା ଲାଗି ବର୍ଷକରୁ ଅଧିକ ସମୟ ଲାଗିଲା, ତା ହେଲେ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ଓ ଅଦଳବଦଳ ପାଇଁ ରାଜ୍ୟର ମୋହନ ମାଝୀଙ୍କ ସରକାରଙ୍କୁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ହେବ ।

ପ୍ରଥମେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରିମାନେ ଅଛନ୍ତି ବୋଲି ସାଧାରଣ ଲୋକେ ଅନୁଭବ କରିବା ଦରକାର । ଭାଷଣରେ ବା ଖବର କାଗଜର ବିଜ୍ଞାପନରେ ଲୋକେ ଏଠାରେ ସହଜରେ ପ୍ରଭାବିତ ହେବେ ନାହିଁ । ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପରି ସମସ୍ତେ ହୋଇପାରିବେ ନାହିଁ । ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ବି ତାଙ୍କ ନେତୃତ୍ୱ ନେବାର ଶୈଳୀ ଖୁବ୍ ଆକର୍ଷଣୀୟ ଥିଲା । ଫଳରେ ଗତ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଜଣେ ସଫଳ ଓ ଆଦର୍ଶସ୍ଥାନୀୟ ମୁଖ୍ୟମନ୍ତ୍ରୀ ହୋଇ ରହିବା ପରେ ୨୦୧୪ରୁ ଏ ପର୍ଯ୍ୟନ୍ତ ସେ ତିନି ଥର ପ୍ରଧାନମନ୍ତ୍ରୀ ଭାବେ ଆମ ଦେଶ ଭିତରେ ଓ ଦେଶ ବାହାରେ ତାଙ୍କ ମର୍ଯ୍ୟାଦାକୁ ବଜାୟ ରଖିପାରିଛନ୍ତି । ଏପରି ପରିସ୍ଥିତି ହୋଇଛି ଯେ ବିଜେପି ଦଳ ତାଙ୍କ ବିନା ନିର୍ଦ୍ଦେଶରେ ଯେପରି ସଂଗଠିତ ହୋଇପାରିବ ନାହିଁ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଯାହା ମନେହୁଏ, ମୋଦୀଙ୍କ ପରି ଜଣେ ବିଚକ୍ଷଣ ପ୍ରଧାନମନ୍ତ୍ରୀଙ୍କୁ ପାଇ ଆନନ୍ଦିତ, ଏଥିରେ ସନ୍ଦେହ ନାହିଁ । ପରଚର୍ଚ୍ଚା, ପରନିନ୍ଦାରେ ଅଭ୍ୟସ୍ତ ଭାରତୀୟମାନଙ୍କ ମଧ୍ୟରୁ ଅବଶ୍ୟ ଅନେକ କହନ୍ତି, ଆର.ଏସ୍.ଏସ୍. ବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହିତ ମୋଦିଜୀଙ୍କର ଏବେ ଭଲ ପଡୁନାହିଁ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ମୁଖ୍ୟମନ୍ତ୍ରୀ ଭାବେ ଓ ପ୍ରଧାନମନ୍ତ୍ରୀ ଭାବେ ଥିବା ଅଭିଜ୍ଞତାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନେକ କଥା ଶିକ୍ଷା ଲାଭ କରିବା ଆବଶ୍ୟକ । ମୋଦିଜୀ ବେଶୀ କଥା କହନ୍ତି ନାହିଁ, କିନ୍ତୁ ଯେତିକି କଥା କହନ୍ତି, ତାହା ଆକର୍ଷଣୀୟ ହୋଇଥାଏ ଓ ଜନସାଧାରଣଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଥାଏ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରତିପକ୍ଷ ଶତ୍ରୁଙ୍କୁ ମଧ୍ୟ ସମ୍ମାନ ଦେବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । କିନ୍ତୁ ଆବଶ୍ୟକ ସ୍ଥଳେ ନିଜ ଦଳର ତଥା ନିଜର ମର୍ଯ୍ୟାଦା ରକ୍ଷା ସକାଶେ ସେ ଦୃଷ୍ଟାନ୍ତ ଦେଇ ବିରୋଧୀ ଦଳର ଅସଲ ମୁଖା ପଦାରେ ପକାଇ ଦିଅନ୍ତି । ଅର୍ନ୍ତଜାତୀୟ ସ୍ତରରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଯେପରି ପ୍ରଶଂସିତ ହୋଇଛନ୍ତି, ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ଅତୀତରେ ସେପରି ପ୍ରଶଂସିତ ହୋଇ ନାହାନ୍ତି । ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧିଙ୍କ ଅପେକ୍ଷା ମୋଦିଜୀ ବେଶୀ ଦିନ କ୍ଷମତାରେ ରହିଲେଣି । କିନ୍ତୁ ଦେଶବାସୀ ହୁଅନ୍ତୁ ବା ଦଳୀୟ ଲୋକେ ହୁଅନ୍ତୁ, ଏପରିକି ବିରୋଧୀ ଦଳ ମଧ୍ୟ ଚାହାନ୍ତି ଯେ ମୋଦିଜୀ ପ୍ରଧାନମନ୍ତ୍ରୀ ହୋଇ ରହିଥା'ନ୍ତୁ । ମୋଦିଜୀ ମଧ୍ୟ, ତାଙ୍କ ଦଳର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଖୁବ୍ ଭକ୍ତି କରନ୍ତି । ସେ କ୍ଷମତାସୀନ ହେବା ପରେ ତାଙ୍କୁ କେବଳ 'ଭାରତ ରତ୍ନ' ସମ୍ମାନରେ ମଯ୍ୟାଦିତ କରି ନ ଥିଲେ, ତାଙ୍କର ଜନ୍ମ ଦିବସ ଡିସେମ୍ବର ୨୫କୁ 'ସୁଶାସନ ଦିବସ' ଭାବେ ପାଳନ କରାଯିବାକୁ ନିର୍ଦ୍ଦେଶ ମଧ୍ୟ ସେ ଦେଇଛନ୍ତି ।

ଓଡ଼ିଶା ବିଜେପିର ସଭାପତି ଶ୍ରୀ ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ–ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଆହୁରି ଅନେକ ଦଳୀୟ ନେତା ଓ କର୍ମୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ଅନୁସରଣ କରି ଦଳର ମର୍ଯ୍ୟାଦା ବଢ଼ାଇବାକୁ ଉଦ୍ୟମ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଓଡ଼ିଶା ପ୍ରତିନିଧି । ତେବେ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ବା ଅଦଳବଦଳକୁ ଗୁରୁତ୍ୱ ନ ଦେଇ ମୋଦିଜୀଙ୍କ ମାର୍ଗରେ ଓଡ଼ିଶା ସରକାର ଲୋକଙ୍କ ପାଇଁ କିଛି କାମ କରି ଦେଖାଇବା ଦରକାର । କାରଣ ରାଜ୍ୟ ସରକାରଙ୍କୁ ବର୍ଷେ ପୂରି ଗଲାଣି ଗତ ମାସରୁ ।

### ଭକ୍ତ

**ଜଣେ ଭକ୍ତ ଏକଦା ଭଗବାନଙ୍କୁ ପଚାରିଲା, ପ୍ରଭୁ କୁହନ୍ତୁ ତ ମୋତେ କେତେବେଳେ ଆପଣଙ୍କ ଭକ୍ତ ବୋଲି କହିକି ଆପଣଙ୍କ ପାଖକୁ ମୋତେ ଡାକିବେ । ଏ କଥା ଶୁଣି ଭଗବାନ ଉତ୍ତର ଦେଲେ, 'ମୁଁ ତୁମକୁ ମୋ ଭକ୍ତ ବୋଲି ଡାକିବି, ଯେତେବେଳେ ତୁମେ ତୁମର ଶୁଦ୍ଧ ଭକ୍ତି ଦ୍ୱାରା ମୋତେ ତୁମର ଦାସାନୁଦାସ ବନେଇଦେବ ।'**

***ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବୋଲ୍‌ବମ୍ ଏକ ଅନ୍ତର୍ଯାତ୍ରା କି ?



## ଡକ୍ଟର ବାସନ୍ତୀ ମହାନ୍ତି

ବିଶ୍ୱର ସବୁଠାରୁ ବେଶି ଯୁବଶକ୍ତି ଆମ ଦେଶରେ ବୋଲି ଆମେ ଗର୍ବ କରୁଛୁଁ । ସମଗ୍ର ବିଶ୍ୱରେ ଆମ ଯୁବଶକ୍ତି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । କୁଲି ମଜୁରିଆ ଠାରୁ ଆରମ୍ଭ କରି ବ୍ୟବସାୟ ବାଣିଜ୍ୟ, ବିଜ୍ଞାନ, ମହାକାଶ ଗବେଷଣା, ଚିକିତ୍ସା ବିଜ୍ଞାନ, ବୈଷୟିକ ଜ୍ଞାନ କୌଶଳ ଓ ପ୍ରଯୁକ୍ତି ବିଦ୍ୟା ପର୍ଯ୍ୟନ୍ତ ସବୁଠାରେ ବେଶ୍ ସଫଳତାର ସହ ସେମାନେ ନିଜ ଦକ୍ଷତାର ପ୍ରଦର୍ଶନ କରୁଛନ୍ତି । ବ୍ରିଟେନ୍‌ରେ ସବୁଠାରୁ ଭଲ ଡାକ୍ତର ଭାରତର, ପୁଣି ଓଡ଼ିଶାର ଡାକ୍ତରମାନେ ଆହୁରି ଭଲ ନାଁ ଅର୍ଜନ କରୁଛନ୍ତି । ଆମେରିକାର କମ୍ପ୍ୟୁଟର କ୍ଷେତ୍ର ତ ଭାରତୀୟ ଇଞ୍ଜିନିୟରମାନଙ୍କ ଦ୍ୱାରା ପରିଚାଳିତ କହିଲେ ଭୁଲ୍ ହେବନାହିଁ । ଉପସାଗରୀୟ କ୍ଷେତ୍ରମାନଙ୍କରେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଯୁବଶକ୍ତି ବହୁସଂଖ୍ୟାର ନିଯୁକ୍ତି ପାଇଛନ୍ତି । ତେବେ ଉଦ୍‌ବେଗର ବିଷୟ ହେଉଛି ଶ୍ରାବଣ ମାସର ସୋମବାରମାନଙ୍କରେ ଯେମିତି ଲକ୍ଷ ଲକ୍ଷ ସଂଖ୍ୟାରେ ଦେହରେ ଗେରୁଆ ବସ୍ତ୍ରଧାରୀ କାନ୍ଧରେ କାଉଡ଼ି ମୁଣ୍ଡରେ ରଙ୍ଗବେରଙ୍ଗର ଜରି କପଡ଼ା ଧାରଣ କରି ବୋଲବମ୍ ସାଙ୍ଗକୁ ବିଭିନ୍ନ ଦ୍ୱୈତ ଅର୍ଥବୋଧକ ସ୍ଲୋଗାନମାନ ଦେଇ ଯାତ୍ରା କରନ୍ତି, କେହି କେବେ କଣ ବିଶ୍ୱାସ କରିବ ଏଇମାନଙ୍କ ଭିତରୁ କେତେ ପ୍ରତିଭା ବିଶ୍ୱକୁ ସ୍ତବ୍ଧ କରିଛି । କେତେ ସମ୍ଭାବନା ଲୁଚି ରହିଛି, କେତେ ଭଙ୍ଗାଗଢ଼ା କରିବାର ସାମର୍ଥ୍ୟ ରହିଛି ଏମାନଙ୍କ ମଧ୍ୟରେ ! କେତେ ଅସହାୟଙ୍କ ପାଇଁ ଆଶାବାଡ଼ି ହେବାର ଶକ୍ତି ରହିଛି ! କେତେ ଦୁଃଖୀରଙ୍କୀଙ୍କ ମୁହଁରେ ଆହାର ଦେବାର କ୍ଷମତା ତାଙ୍କ ବାହୁରେ ରହିଛି ! କେତେ ହତଭାଗ୍ୟଙ୍କ ଭାଗ୍ୟ ବଦଳାଇ ଦେବାର ଆହ୍ୱାନ ଅଛି ! କିନ୍ତୁ ସେମାନେ ଝରଝର ବର୍ଷୁଥିବା ଧାରା ଶ୍ରାବଣ ମାସରେ ଶିବଙ୍କ ମୁଣ୍ଡରେ ଜଳ ଢାଳି ମାନସିକ କରିଥାନ୍ତି । କିଏ ଚାକିରି ଖଣ୍ଡେ ପାଇଁ ତ ଆଉ କିଏ ଏକତରଫା ପ୍ରେମ କରୁଥିବା ପ୍ରେମିକା ପାଇଁ, ପ୍ରେମରେ ପ୍ରତାରିତ ହୋଇ ଅଥବା ବାପାମାଆ ସେମାନଙ୍କ ପାଇଁ କୌଣସି କାରଣରୁ କରିଥିବା ମାନସିକ ପରିପୂର୍ତ୍ତି ପାଇଁ । ଧାରା ଶ୍ରାବଣ ମାସ । ଯେଉଁଠି କୂଅ, ପୋଖରୀ ତଡ଼ାଗ ତଟିନୀ ଜଳାର୍ଣ୍ଣବ । ପରିବେଶ ଆର୍ଦ୍ରତାରେ ପରିପୂର୍ଣ୍ଣ। ସେତେବେଳେ ଶିବଙ୍କ ମସ୍ତକରେ ଜଳ ଢାଳିବାର କି ଆବଶ୍ୟକତା ରହିଛି ? କୁହାଯାଏ, ଜଳାଧାର ପ୍ରିୟ ଶିବ, ବିଷ୍ଣୁ ଉପଚାର ପ୍ରିୟ, ନମସ୍କାର ପ୍ରିୟ ଭାନୁ, ବ୍ରାହ୍ମଣ ଭୋଜନ ପ୍ରିୟ, ଯଦି ଜଳ ପ୍ରିୟ ଶିବଙ୍କ ମସ୍ତକରେ ଜଳ ଢାଳି ତାଙ୍କୁ ଶୀତଳତା ପ୍ରଦାନ କରିବାର କାମନା ଅଛି, ତେବେ ଯେତେବେଳେ ସସାଗରାଧରା ତୃଷ୍ଣାରେ ଆକୁଳ, ଜଳବିନ୍ଦୁଟିଏ ଜୀବନର ସବୁଠାରୁ ବଡ଼ ଆବଶ୍ୟକତା ଥାଏ ! ପ୍ରାଣୀ, ପ୍ରକୃତି ଓ ଦେବତାଙ୍କର ମଧ୍ୟ ସେହି ଆବଶ୍ୟକତା ଥାଏ । ସେହି ଚୈତ୍ର, ବୈଶାଖ, ଜ୍ୟେଷ୍ଠ ମାସରେ ତାଙ୍କ ମସ୍ତକରେ ଜଳ ଢାଳିଲେ ବୋଧହୁଏ ବେଶି ପୁଣ୍ୟାର୍ଜନ ହୁଅନ୍ତା ।

ଶ୍ରାବଣ ମାସରେ ଶିବଙ୍କ ମସ୍ତକରେ ଜଳ ଢାଳିବା ଆମ ଲୋକପର୍ବ କିମ୍ବା ଅଯଥା ବିଳାସ ତାହା ଠିକ୍ ଜଣାପଡ଼େ ନାହିଁ । ଏହାଦ୍ୱାରା ଆମର ଲୋକ ସଂସ୍କୃତି ସୁରକ୍ଷିତ ହୁଏ ନାହିଁ । **ସର୍ବଭାରତୀୟ କଥା ଏଠାରେ କୁହାଯାଉନାହିଁ । ଓଡ଼ିଶାରେ ଏହି ବୋଲ୍‌ବମ୍ ଯାତ୍ରାର ଇତିହାସ ନାହିଁ କିମ୍ବଦନ୍ତୀ ନାହିଁ କି ପରମ୍ପରା ମଧ୍ୟ ନାହିଁ । ଅବଶ୍ୟ କୌଣସି ଲୋକକଲ୍ୟାଣକାରୀ ପରମ୍ପରା ନୂଆକରି ସୃଷ୍ଟି କରିବାରେ କିଛି ଅସୁବିଧା ନାହିଁ କିନ୍ତୁ ଯାହା ଜନଜୀବନକୁ ବିଶୃଙ୍ଖଳିତ କରେ, ପଥଭ୍ରଷ୍ଟ କରେ, ସାମାଜିକ ବିଭ୍ରାଟ ସୃଷ୍ଟି କରେ, ସେଥିପ୍ରତି ତୀବ୍ର ନଜର ରଖିବାର ଆବଶ୍ୟକତା ରହିଛି ।**

ବୋଲ୍‌ବମ୍ ଯାତ୍ରୀ ପ୍ରାୟତଃ ନବେ ପ୍ରତିଶତ ଯୁବଯାତ୍ରୀ । ଯୁବକ ଯୁବତୀ ସମସ୍ତେ ଅନ୍ତର୍ଭୁକ୍ତ । ସେମାନେ ପୁଣି ସମସ୍ତେ ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ନିମ୍ନବିତ୍ତ ଶ୍ରେଣୀର । ଉଚ୍ଚଶିକ୍ଷିତ ସମ୍ଭ୍ରାନ୍ତ ପରିବାରର ପିଲାମାନେ ନିଜ କ୍ୟାରିୟର୍ ପ୍ରସ୍ତୁତି ପାଇଁ ଲାଗି ପଡ଼ିଥିବାବେଳେ ଏମାନେ ଏହି କାର୍ଯ୍ୟମାନଙ୍କରେ ଲାଗି ପଡ଼ିଥାନ୍ତି । କେବଳ ବୋଲବମ୍ ଯାତ୍ରୀ ନୁହେଁ, ଆଗକୁ ଆସୁଛି ଗଣେଶ ପୂଜା, ଦଶହରା, ବିଶ୍ୱକର୍ମା ପୂଜା, କାଳିପୂଜା ଆଦି ପାର୍ବଣରେ ମଧ୍ୟ ଏଇ ବର୍ଗର ଯୁବକମାନେ ମାସ ମାସ ଧରି ମାତି ରହନ୍ତି । ସାହି ସାହି ବୁଲି ଚାନ୍ଦା ଆଦାୟ ହୁଏ । କାରିଗର ଡାକି ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା ଦାୟିତ୍ୱ ମଧ୍ୟ ସେମାନଙ୍କର ଥାଏ । ପୂଜା ଆରମ୍ଭ ହୋଇଗଲେ ନୃତ୍ୟଗୀତର ଆସରରେ ମଧ୍ୟ ସେଇମାନେ ପ୍ରମୁଖ ଭୂମିକା ନିଅନ୍ତି । ଏ ଆସର ଭଜନ କୀର୍ତ୍ତନ ମଧ୍ୟରେ ସୀମିତ ନଥାଏ । ଗଣେଶ ପୂଜା ଆୟୋଜନକାରୀଙ୍କ ମଧ୍ୟରେ ବିଦ୍ୟାର୍ଥୀ କମ୍ ଥାଆନ୍ତି । ଯେଉଁମାନଙ୍କ ପ୍ରତି ଗଣେଶ ସଦୟ ନହେବାରୁ ସେମାନେ ସ୍କୁଲ୍, କଲେଜ ଛାଡ଼ିଥାନ୍ତି, ସେହିମାନଙ୍କର ହିଁ ଥାଏ ମୁଖ୍ୟ ଭୂମିକା । ସେହିମାନେ ଭକ୍ତି ଗଦ୍‌ଗଦ୍ ହୋଇ ଗଣେଶ ଓ ସରସ୍ୱତୀଙ୍କ ପୂଜା କରନ୍ତି । ସଂସ୍କୃତି ପରମ୍ପରାର ସୁରକ୍ଷା କରନ୍ତି ।

ବୋଲ୍‌ବମ୍ ଯାତ୍ରୀଙ୍କ ସେବା ପାଇଁ ସ୍ଥାନେ ସ୍ଥାନେ ତମ୍ବୁ ବନ୍ଧା ହୋଇଥାଏ। ସେମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା ହୋଇଥାଏ। ସେମାନଙ୍କ ପଦଧୌତ ଓ ପଥଶ୍ରମ ନିବାରଣ ପାଇଁ ପଦ ମର୍ଦ୍ଦନ ମଧ୍ୟ କରାଯାଇଥାଏ । ଏଥିପାଇଁ ପ୍ରାୟତଃ ବ୍ୟବସାୟୀ ଗୋଷ୍ଠୀ ମୁଖ୍ୟ ଭୂମିକା ନେଇଥାଆନ୍ତି । ଯେଉଁମାନେ ବୋଲ୍‌ବମ୍ ଯାତ୍ରୀଙ୍କୁ ପୋଷାକ ଓ କାଉଡ଼ି ବିକ୍ରୟ କରି ଅଜସ୍ର ଲାଭବାନ୍ ହୋଇଥାନ୍ତି । ଏମାନେ ଅଧିକ ଉତ୍ସାହିତ କରିଥାନ୍ତି କାଉଡ଼ିଆମାନଙ୍କୁ । ପ୍ରତିବର୍ଷ ରାସ୍ତାରେ କାଉଡ଼ିଆ ଯାତ୍ରୀଙ୍କ ଗହଳି ପାଇଁ ସଡ଼କ ଦୁର୍ଘଟଣା ହୋଇଥାଏ । ସାଧାରଣ ଲୋକ କମ୍ ଓ ଅଧିକ ସଂଖ୍ୟକ କାଉଡ଼ିଆ ଧନ ଜୀବନ ହରାଇଥିବା ସମ୍ବାଦମାନ ଦୃଷ୍ଟିଗୋଚର ହୋଇଥାଏ । ଶ୍ରାବଣ ମାସର ନଦୀଗର୍ଭରେ ସ୍ନାନକରି ଜଳ କାଉଡ଼ି ଉଠେଇ ଆଣିବା ମଧ୍ୟ ସର୍ବଦା ନିରାପଦ ନୁହେଁ । ନଦୀରେ ଭାସିଯାଇ ମଧ୍ୟ କାଉଡ଼ିଆମାନଙ୍କ ମୃତ୍ୟୁ ସମ୍ବାଦ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ପ୍ରସାରିତ ହୋଇସାରିଲାଣି । ତଥାପି ସଚେତନ ନୁହଁନ୍ତି ଯୁବସମ୍ପ୍ରଦାୟ ଅଥବା ସେମାନଙ୍କ ଅଭିଭାବକମାନେ । ସବୁଠାରୁ ଉଦ୍‌ବେଗଜନକ କଥା ହେଲା ସେମାନଙ୍କର ନିଶା ସେବନ । ସେଇମାନଙ୍କ ଭାଷାରେ ସେମାନେ କୁଆଡ଼େ ତିନି ଭାଗରେ ବିଭକ୍ତ । ଜଳଚର, ସ୍ଥଳଚର ଓ ଆକାଶଚର । ଏହି ତିନି ବିଭାଗ କଥା ସୂଚନା ନଦେଲେ ସୁଦ୍ଧା ବୁଝିବା ପାଇଁ ପାଠକଙ୍କର ଅସୁବିଧା ହେଉନଥିବ ବୋଲି ଆଶା କରାଯାଉଛି । ଜଳର ତିନୋଟି ଅବସ୍ଥା ତରଳ, କଠିନ ଓ ଗ୍ୟାସୀୟ । ଅଧିକାଂଶ ଯୁବଯାତ୍ରୀ ଏହି ତିନୋଟି ଆକର୍ଷଣରେ ଆକର୍ଷିତ ହୋଇ ବୋଲ୍‌ବମ୍ ଯାତ୍ରୀ ହୋଇଥାନ୍ତି । ଯେଉଁ ଆଚରଣ ପାଇଁ ପିତାମାତା, ଗୁରୁଜନ ଓ ସମାଜ ସହଜରେ ଅନୁମତି ଦେଇ ନଥାଏ, ଅନ୍ତତଃ ମାସେ କାଳ ସେମାନେ ନିର୍ବିଘ୍ନରେ ସେହି କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ଏଥିପାଇଁ ଆମେ ବେଶି ଚିନ୍ତିତ ହେବା ପରି ମନେହୁଏ ନାହିଁ । ଖୁବ୍ କମ୍‌ଦିନ ମଧ୍ୟରେ ସାରା ରାଜ୍ୟରେ ଯେଉଁ ସଂଖ୍ୟାରେ ଯୁବ ସମାଜ ଶ୍ରାବଣ ମାସର ବୋଲ୍‌ବମ୍ ଯାତ୍ରାରେ ଅଣସଂଗଠିତ ଭାବରେ ସାମିଲ୍ ହୁଅନ୍ତି, ସେମାନଙ୍କୁ ସଂଗଠିତ କରି କୌଣସି ସମାଜ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କଲେ ତାହା ଫଳପ୍ରଦ ହୁଅନ୍ତା ।

**ଅଧିକାଂଶ ଯୁବଯାତ୍ରୀ ଏହି ତିନୋଟି ଆକର୍ଷଣରେ ଆକର୍ଷିତ ହୋଇ ବୋଲ୍‌ବମ୍ ଯାତ୍ରୀ ହୋଇଥାନ୍ତି । ଯେଉଁ ଆଚରଣ ପାଇଁ ପିତାମାତା, ଗୁରୁଜନ ଓ ସମାଜ ସହଜରେ ଅନୁମତି ଦେଇ ନଥାଏ, ଅନ୍ତତଃ ମାସେ କାଳ ସେମାନେ ନିର୍ବିଘ୍ନରେ ସେହି କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ଏଥିପାଇଁ ଆମେ ବେଶି ଚିନ୍ତିତ ହେବା ପରି ମନେହୁଏ ନାହିଁ । ଖୁବ୍ କମ୍‌ଦିନ ମଧ୍ୟରେ ସାରା ରାଜ୍ୟରେ ଯେଉଁ ସଂଖ୍ୟାରେ ଯୁବ ସମାଜ ଶ୍ରାବଣ ମାସର ବୋଲ୍‌ବମ୍ ଯାତ୍ରାରେ ଅଣସଂଗଠିତ ଭାବରେ ସାମିଲ୍ ହୁଅନ୍ତି, ସେମାନଙ୍କୁ ସଂଗଠିତ କରି କୌଣସି ସମାଜ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କଲେ ତାହା ଫଳପ୍ରଦ ହୁଅନ୍ତା ।**

ଆମର ପରମ୍ପରା ଅନୁସାରେ ଚତୁର୍ମାସ୍ୟାରେ ଭକ୍ତ ଗୁରୁଶିଷ୍ୟମାନଙ୍କର ଯାତ୍ରା ନିଷେଧ ଥାଏ । କୌଣସି ମଠ କିମ୍ବା ମନ୍ଦିରରେ ରହି ସେମାନେ ଚତୁର୍ମାସ୍ୟା ବ୍ରତ ପାଳନ କରନ୍ତି । ଏଥିପାଇଁ କେତେକ ନୀତିନିଷ୍ଠା ସହ ଖାଦ୍ୟ ପଦାର୍ଥରେ ସଂଯମତା ଅବଲମ୍ବନ କରାଯାଇଥାଏ । ସାମୂହିକ ପର୍ବ ପାଳନ ରଥଯାତ୍ରା ପରଠାରୁ ବନ୍ଦ ରହେ । ପରିବ୍ରାଜକ ବା ପ୍ରବ୍ରଜ୍ୟା ଦ୍ୱାରା ଶିକ୍ଷା ଦାନ ଓ ଗ୍ରହଣ କରୁଥିବା ଗୁରୁଶିଷ୍ୟମାନେ ଗୋଟିଏ ଜାଗାରେ ରହି ଶାସ୍ତ୍ର ଆଲୋଚନା କରିଥାନ୍ତି । ବର୍ଷାଦିନରେ ଅଙ୍କୁରିତ ହୋଇଥିବା ମୂଲ୍ୟବାନ ବୃକ୍ଷ ଚାରା ଯାତ୍ରା କାଳରେ ମଣିଷର ପାଦପାତରେ ନଷ୍ଟ ନହେଉ, ଏହା ଏକ କାରଣ ହୋଇପାରେ । ଅନ୍ୟ ଏକ ବୈଜ୍ଞାନିକ କାରଣ ମଧ୍ୟ ରହିଛି । କେତେକ ବିଷାକ୍ତ ସରୀସୃପ ଏହି କାଳରେ ବାହାରକୁ ବାହାରି ଆସନ୍ତି । ଏହି ଋତୁରେ ସେମାନେ କ୍ଷୁଦ୍ରପ୍ରାଣୀରେ ଖାଦ୍ୟ ଗ୍ରହଣ କରିଥାନ୍ତି । ଅନ୍ୟ ଦିନମାନଙ୍କରେ ସେମାନଙ୍କ ବିଲମାନଙ୍କରେ ସୁପ୍ତ ହୋଇଥାନ୍ତି । ବର୍ଷାଦିନରେ ସେମାନଙ୍କ ବିଲରେ ପାଣି ଭର୍ତ୍ତି ହୋଇଯିବାରୁ ସେମାନେ ମୁକ୍ତ ଭାବରେ ଭ୍ରମଣ କରନ୍ତି । ଫଳରେ ସର୍ପାଘାତଜନିତ ମୃତ୍ୟୁ ବହୁ ପରିମାଣରେ ବର୍ଷାକାଳରେ ପରିଲକ୍ଷିତ ହୋଇଥାଏ । ଏହି ଆସନ୍ନ ବିପତ୍ତିରୁ ମାନବ ସମାଜକୁ ରକ୍ଷା କରିବା ପାଇଁ ମୁନିଋଷିମାନେ ଚାତୁର୍ମାସ୍ୟାର ବିଧି ବ୍ୟବସ୍ଥା ପାଳନ କରିଥିଲେ । ଏବେସୁଦ୍ଧା ଚାତୁର୍ମାସ୍ୟାରେ ବିବାହ, ବ୍ରତ ଆଦି ସାମୂହିକ ପର୍ବ ପାଳନ ବନ୍ଦ ରହିଥାଏ । ଦେବ ଶୟନ ଏକାଦଶୀ ଠାରୁ ଦେବ ଉତ୍‌ଥାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦେବଦେବୀ ବିଶ୍ରାମ ନିଅନ୍ତି । ସେଥିପାଇଁ କୋଳାହଳ ଠାରୁ ଦୂରରେ ରହନ୍ତି ଭକ୍ତମାନେ । ଏହି ସମୟକୁ କୁହାଯାଏ ଚାତୁର୍ମାସ୍ୟା ବ୍ରତ । ଏହି ପରିପ୍ରେକ୍ଷୀରେ ବିଚାର କଲେ ବୋଲବମ୍ ଯାତ୍ରା ଯେ ବୈଦିକ ପରମ୍ପରା ନୁହେଁ ତାହା ସ୍ପଷ୍ଟ ଉପଲବ୍ଧି ହୁଏ । ଏବେ ତ ବୋଲ୍‌ବମ୍ ଯାତ୍ରୀମାନଙ୍କର ପଟୁଆର ଅନୁଧ୍ୟାନ କଲେ ଏହା ମନୋରଞ୍ଜନ ବା ଶତବିନୋଦନର ଅନ୍ୟ ଏକ ମାଧ୍ୟମ ପରି ଅନୁଭବ ହୁଏ । ଯୁବ ସମାଜର ବଳିଷ୍ଠ ବାହୁ ରହିଛି କିନ୍ତୁ ସେ ବାହୁର ବିନିଯୋଗ ପାଇଁ ପ୍ରେରଣା ଓ ପ୍ରଚୋଦନାର ଅଭାବ ରହିଛି । ଯେଉଁମାନେ ସେମାନଙ୍କୁ ଶୃଙ୍ଖଳିତ ଓ ସଙ୍ଗଠିତ କରି ଜନକଲ୍ୟାଣ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତେ, ସେମାନେ ସମସ୍ତେ ନିଷ୍କ୍ରିୟ ନୀରବ ଦ୍ରଷ୍ଟା । ପୁଣି ଯେଉଁମାନଙ୍କୁ ସେମାନେ ମାର୍ଗଦର୍ଶକ ରୂପେ ଗ୍ରହଣ କରୁଛନ୍ତି, ସେମାନେ ମଧ୍ୟ ବେଶିଦିନ ଆସ୍ଥା ଭାଜନ ହେଉନାହାନ୍ତି । କାହିଁ କେତେ ଉଚ୍ଚ ଆଦର୍ଶଧାରୀ ବ୍ୟକ୍ତିତ୍ୱଙ୍କର ରାତି ପାହିଲେ ମୁଖା ଖସି ପଡୁଛି । ଫଳରେ ଉଚ୍ଚପଦାଧିକାରୀ ଦାୟିତ୍ୱ ସମ୍ପନ୍ନ ମଣିଷଙ୍କ ଉପରୁ ସେମାନେ ଆସ୍ଥା ହରାଉଛନ୍ତି । ଗାନ୍ଧି, ଗୋପବନ୍ଧୁ, ମଧୁସୂଦନଙ୍କ ପରି ତ୍ୟାଗୀ, ନିଃସ୍ୱାର୍ଥପର ପୁରୁଷ ସମାଜରେ ଏବେ ବିରଳ ଦୃଷ୍ଟାନ୍ତ ହୋଇଗଲେଣି । ଯୁବଶକ୍ତିଙ୍କୁ ଶୃଙ୍ଖଳିତ କରି ସେମାନଙ୍କ ସାମର୍ଥ୍ୟକୁ ସମାଜ କଲ୍ୟାଣ ଦିଗରେ ବିନିଯୋଗ କରିବା ପରିବର୍ତ୍ତେ ସେମାନଙ୍କୁ ଦଳୀୟ ସ୍ୱାର୍ଥରେ ବିନିଯୋଗ କରୁଛନ୍ତି, ଅଥବା ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରୁଛନ୍ତି । ଏହି ସତ୍ୟ ଉପଲବ୍ଧି କଲା ପରେ ସେମାନେ ନିଜ ରାସ୍ତା ନିଜେ ବାଛି ନେଉଛନ୍ତି । ଅଭିନେତା, କ୍ରିଡ଼ାବିତ୍‌ମାନଙ୍କୁ ସେମାନେ ନିଜର ଆଦର୍ଶ ରୂପେ ଗ୍ରହଣ କରୁଛନ୍ତି ।

ଯୁବ ସମାଜ ଅମୁହାଁ ନଈ ସଦୃଶ । ଉପଯୁକ୍ତ ମାର୍ଗ ଦର୍ଶନ ଅଭାବରୁ କୂଳ ଲଙ୍ଘିଗଲେ ସେମାନଙ୍କୁ ଶୃଙ୍ଖଳିତ କରିବା କାଠିକର ପାଠ ହୋଇପଡ଼ିବ । ସେହି ଅମୁହାଁ ନଈକୁ କେନାଲ କାଟି ଶୃଙ୍ଖଳିତ କରିଥିଲେ ବିବେକାନନ୍ଦ, ରାମକୃଷ୍ଣ, ସୁଭାଷ ବୋଷ, ଗାନ୍ଧି ଓ ଗୋପବନ୍ଧୁ । ମାଓ–ସେ–ତୁଙ୍ଗ୍ ଯୁବ ସମ୍ପ୍ରଦାୟଙ୍କୁ ଏକତ୍ର କରି ଦୀର୍ଘ ପଥ ଯାତ୍ରା ଦ୍ୱାରା ଲକ୍ଷ୍ୟ ହାସଲ କରିଥିଲେ । ସ୍କୁଲ୍, କଲେଜ ପରିତ୍ୟାଗ କରି ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ଏହି ଶକ୍ତି ଦେଶକୁ ଦୁର୍ଦ୍ଦଷ ଇଂରେଜ ଶକ୍ତିଙ୍କୁ ତଡ଼ିବାରେ ସମର୍ଥ ହୋଇଥିଲେ । ବିବେକାନନ୍ଦ ଯୁବଶକ୍ତିଙ୍କୁ ସଙ୍ଗଠିତ କରି ନିଷ୍କ୍ରିୟ ମୃତ ପ୍ରାୟ ଜନତାଙ୍କୁ ଉଠାଇ ଜାଗ୍ରତ କରିଥିଲେ । ମାନବିକତାର ବାର୍ତ୍ତା ବାଣ୍ଟିଥିଲେ । ସୁଭାଷ ବୋଷ ତ ଯୁବ ସମାଜକୁ ତାଲିମ ଦେଇ ଅସାଧ ସାଧନ କରିବାର ଦୃଷ୍ଟାନ୍ତ ଦେଇଗଲେ । ଏବେ ପୁଣି ସମୟ ଆସିଛି ଲକ୍ଷ୍ୟ ପଥରୁ ବିଚ୍ୟୁତ ହେଉଥିବା ଯୁବ ସମାଜକୁ ଯୁଗୋପଯୋଗୀ କରିବାକୁ ହେବ । ଧର୍ମର ପ୍ରକୃତ ଅର୍ଥ ସେମାନଙ୍କୁ ହୃଦ୍‌ବୋଧ କରାଇବାକୁ ହେବ । ଧର୍ମ ଅର୍ଜନ କରିବାର ମଧ୍ୟ ଶ୍ରେଷ୍ଠ ସମୟ ଅଛି । ଯେମିତି କୁହାଯାଏ, 'ପ୍ରଥମେ ନାର୍ଜିତଂ ବିଦ୍ୟା, ଦ୍ୱିତୀୟେ ନାର୍ଜିତଂ ଧନଂ, ତୃତୀୟେ ନାର୍ଜିତଂ ଧର୍ମ, ଚତୁର୍ଥେ କିଂ କରିଷ୍ୟତି।' ଯୁବାବସ୍ଥା ଦ୍ୱିତୀୟ ପର୍ଯ୍ୟାୟର ଅବସ୍ଥା। ଖୁବ୍ କମ୍ କର୍ତ୍ତବ୍ୟ ସମାପନ କରି ନିଜକୁ ଓ ଦେଶକୁ ଦାରିଦ୍ର୍ୟ କବଳରୁ ମୁକ୍ତି ଦେବା ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ । ଏବେ ବି ଦେଶରୁ କ୍ଷୁଧା, ତୃଷା, ଅଶିକ୍ଷା, ଅଜ୍ଞାନତା, ଜଡ଼ତା ଦୂରୀଭୂତ ହୋଇନାହିଁ । ଶୋଷଣ, କଷଣ, ଲୁଣ୍ଠନ, ଅନ୍ୟାୟ, ଅତ୍ୟାଚାରରୁ ମଣିଷ ମୁକ୍ତ ହୋଇନାହିଁ । **ଉଚ୍ଚତର ଗବେଷଣା, ବୈଷୟିକ ଶିକ୍ଷା ହାସଲ କରି ଯୁବପିଢ଼ି ଏବେ ବିଦେଶ ମୁହାଁ ନଚେତ୍ ବହୁରାଷ୍ଟ୍ରୀୟ କମ୍ପାନୀକୁ ଶ୍ରମଦାନ କରି ଲୋଭନୀୟ ପ୍ୟାକେଜ ପାଇ ବେଶ୍ କୃତ୍ୟକୃତ୍ୟ । ଦେଶ ମାଟି ମାତୃକା ତା ପାଇଁ ବଡ଼ ନୁହେଁ। ଯେଉଁମାନେ ଦେଶରେ ରହିଗଲେ ଦାରିଦ୍ର୍ୟ ହେତୁ ଉଚ୍ଚତର ଶିକ୍ଷା ଦୀକ୍ଷାରୁ ବଞ୍ଚିତ ହେଲେ ସେମାନେ ପୁଣି ସେହି ଚିରାଚରିତ ଜୀବନ ବଞ୍ଚି ଦେଶର ପ୍ରଗତିରେ ବାଧକ ହେଲେ ।** ସେମାନଙ୍କୁ ଏବେ କର୍ମକ୍ଷମ କରିବାକୁ ହେବ । କର୍ତ୍ତବ୍ୟ ପଥରୁ ପଳାୟନ କରି କେତେଦିନ ଏମିତି ବଞ୍ଚିହେବ ? ସତ୍ୟର ସମ୍ମୁଖୀନ ହେବାକୁ ହେବ । କଠିନ ପରିଶ୍ରମ ଓ ନିଷ୍ଠା ଦ୍ୱାରା ଭାଗ୍ୟ ଓ ଭଗବାନଙ୍କୁ ମଧ୍ୟ ପୋଷା ମନେଇ ହେବ । କର୍ମ ହିଁ ଜୀବନ । କର୍ତ୍ତବ୍ୟ ହିଁ ଶିବ । ସେହି କର୍ତ୍ତବ୍ୟ ରୂପୀ ଶିବଙ୍କ ମସ୍ତକରେ ନିଷ୍ଠାର ଜଳ ଢାଳିଲେ ଆଶୁତୋଷ ଖୁବ୍ ଶୀଘ୍ର ପ୍ରସନ୍ନ ହେବେ। ସବୁ ମନୋବାଞ୍ଛା ପରିପୂରଣ ହେବ। ଏ ଯାତ୍ରାକୁ ଅନ୍ତର୍ଯାତ୍ରାରେ ପରିଣତ କରିପାରିଲେ ଆମେ ପ୍ରକୃତ ଶିବକୃପା ଲାଭ କରିବା। ସେ ବୈରାଗୀ, ସର୍ବବ୍ୟାପୀ, ସଂସାର ଭିତରେ ରହି ବି ଅସଂସାରୀ । ଏସବୁ ବାହ୍ୟ ଉପଚାରରେ ସେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ବିଶ୍ୱହିତ ପାଇଁ ସେ ବିଷ ମଧ୍ୟ ଆକଣ୍ଠରେ ପାନ କରିପାରନ୍ତି । ସବୁ କିଛି ଅମଙ୍ଗଳ, ଅବ୍ୟବସ୍ଥାକୁ ଶୃଙ୍ଖଳିତ କରିପାରନ୍ତି । ତାଙ୍କୁ ଯଦି ଆମ ହୃଦୟ ଭିତରେ ଧ୍ୟାନ ଧାରଣା ଦ୍ୱାରା ସଂସ୍ଥାପିତ କରିପାରିବା, କର୍ତ୍ତବ୍ୟ ରୂପକ ଜଳରେ ତାଙ୍କର ତର୍ପଣ କରିପାରିବା, ଅନ୍ତର୍ଯାତ୍ରାରେ ତାଙ୍କୁ ଅନୁଭବ କରିପାରିବା, ତାହା ହିଁ ହେବ ଶ୍ରେଷ୍ଠ ବୋଲବମ୍ ଯାତ୍ରା।

**ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ**
**ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର**
**ମୋ–୯୪୩୭୦୩୩୦୭୪**

# 'ଧନ, କାର୍ପଣ୍ୟ ସେବା ତଳେ, କିବା ଅସାଧ ମହୀ ତଳେ'

## କିଶୋର କୁମାର ଜେନା

ଆମେ ପ୍ରତ୍ୟେକେ ହେଉଛୁଁ ଜଣେ ତୀର୍ଥଯାତ୍ରୀ । ଆମେ ଚାଲିଯିବା ପାଇଁ ଆସିଥାଉଁ । ଈଶ୍ୱର ହିଁ ଆମର ଲକ୍ଷ୍ୟ ସ୍ଥଳ । ଆମେ ଯେଉଁ ଉତ୍ତରାଧିକାର ହରାଇ ବସିଛୁଁ, ଯେଉଁ ଉତ୍ତରାଧିକାର ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁଁ, ସେହି ଅଧିକାର ଓ ସେହି ସମ୍ପତ୍ତିର ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ । ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି– ଏ ବିଷୟରେ ସଚେତନ ହୋଇ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ । ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେ ନାହିଁ । ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ ।

ବର୍ତ୍ତମାନ ମଣିଷର ଆବଶ୍ୟକତା ବହୁ ପରିମାଣରେ ବୃଦ୍ଧି ପାଇଛି । ଆମ ଭିତରେ ଥିବା ଉପଭୋଗ, କାମନା ଏବଂ ଲୋଭକୁ ସନ୍ତୋଷ କରିବା ନିମନ୍ତେ ଅସୀମ ପରିମାଣରେ ଦ୍ରବ୍ୟ ଆମେ ଚାହୁଁ । ଏପରିକି ଦ୍ରବ୍ୟର ଆବଶ୍ୟକତା ଥାଉ କି ନଥାଉ ସେଥିରେ କିଛି ଯାଏ ଆସେନାହିଁ । ଆମେ ନିଜ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଦ୍ରବ୍ୟ ରଖିବାକୁ ଚାହୁଁ। ନେତ୍ର ଦେଖଇ ଯାହା ଚର୍ତୁଦିଗର ମନ ଚାହେଁ ହେବାକୁ ତାହାର ଅଧୀଶ୍ୱର । ଏସବୁକୁ ଉପଭୋଗ କଲେ ମଧ୍ୟ ମାୟାର ଜାଲ ଯୋଗୁଁ ପ୍ରକୃତ ଶାନ୍ତି ଏବଂ ସନ୍ତୋଷ ଦୂରକୁ ଚାଲିଯାଏ । ମନ ମାନେ ନାହିଁ । ଆମର ବୈଜ୍ଞାନିକମାନେ ନିଜର ମସ୍ତିଷ୍କକୁ ଲଗାଇ ଅପର୍ଯ୍ୟାପ୍ତ ପରିଶ୍ରମ କରି ଦ୍ରବ୍ୟମାନ ଉଦ୍‌ଭାବନ ବା ଆବିଷ୍କାର କରନ୍ତି । ବିଭିନ୍ନ ମାଧ୍ୟମରେ ତାହାର ପ୍ରଚାର ହୁଏ । ସେ ଏହାକୁ ହାସଲ କରିବା ନିମନ୍ତେ ସବୁ ପ୍ରକାରର ଉଦ୍ୟମ କରିଚାଲିଥାଏ । ଏହାକୁ ହାସଲ କରିବା ନିମନ୍ତେ ଉଦ୍ୟମ କଲାବେଳେ ଏହାର ଉପଯୋଗିତା ଅଛି କି ନାହିଁ ତାହାର ବିଚାର ମଧ୍ୟ ସେ କରେନାହିଁ । ଗବେଷଣା ଏବଂ ବିଭିନ୍ନ ଉଦ୍ୟମ ଫଳରେ ବହୁ ଦ୍ରବ୍ୟ ଆମେ ଦେଖିବାକୁ ପାଇଥାଉ । ଏତେସବୁ ଦ୍ରବ୍ୟ ଦେଖି ଜୀବ ମଧ୍ୟରେ ଲୋଭ ସୃଷ୍ଟି ହୁଏ। ଏହି ଲୋଭ ଏତେ ପ୍ରବଳ ହୁଏ ଯେ ଦ୍ରବ୍ୟକୁ ହାସଲ ନକରିବା ପର୍ଯ୍ୟନ୍ତ ମନରେ ତା'ର ଶାନ୍ତି ମିଳେ ନାହିଁ । ଏଥିନିମନ୍ତେ ଅନେକେ ଯାହା କିଛି କରିଦେବାକୁ ପଛାନ୍ତି ନାହିଁ । ହୁଏତ ଉଦ୍ୟମ ଫଳରେ ଆମକୁ ସଂପୂର୍ଣ୍ଣ ଭାବେ କିମ୍ବା କିଛି ପରିମାଣରେ ଦ୍ରବ୍ୟ ମିଳେ କିନ୍ତୁ ଏହି ମିଳିବାରେ ଶାନ୍ତି ଆସେ ନାହିଁ । ଦ୍ରବ୍ୟକୁ ଉପଭୋଗ କରୁଥିବା ସମୟରେ ହିଁ ପ୍ରକୃତ ଶାନ୍ତି ଠକି ଦେଇ ଚାଲିଯାଏ ଏବଂ ମନ ଭିତରକୁ ଏହି ଅସନ୍ତୋଷ ପଶିଆସେ ।

**ମୋର ନାହିଁ ମୋର ନାହିଁ ବୋଲି ଯଦି ସବୁବେଳେ ସେ କହେ ତେବେ ତାଙ୍କୁ ଶାନ୍ତି ମିଳିବ କି? ତେଣୁ ଈଶ୍ୱରଙ୍କ ଆଶୀର୍ବାଦରୁ ଆମକୁ ଯାହା ମିଳିଛି ସେଥିରେ ଆମେ ତୁଷ୍ଟ ହୋଇ ତାହାକୁ ଉପଭୋଗ କଲେ ଶାନ୍ତି ମିଳିବ । ସନ୍ତୋଷ ହେଉଛି ଏକ ସହଜାତ ପ୍ରବୃତ୍ତି । ଏହା ଆକାଶରୁ ଖସି ପଡ଼େ ନାହିଁ । ଏହି କଳିଯୁଗରେ ଆମେ ଅନ୍ୟକୁ ଅନୁକରଣ କରି ଆମୋଦ ପ୍ରମୋଦ ମଧ୍ୟରେ ଜୀବନ ବିତାଇବା ମଧ୍ୟରେ ମଜ୍ଜି ରହୁଛେ ।**

ଜୀବନ ହେଉଛି ଏକ ଚେତନାର ସ୍ରୋତ । ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ । ସକଳ ବସ୍ତୁରେ ଜୀବନ ବିଦ୍ୟମାନ । ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ । ଖଣ୍ଡିଏ ପଥରର ବି ଜୀବନ ରହିଛି । ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନରେ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣରୂପେ ପ୍ରମାଣ କରିସାରିଛନ୍ତି । ଆମ ଭିତରୁ ଅନେକ ଜାଣନ୍ତି ଯେ ସନ୍ତୋଷ ହେଉଛି ମାନସିକ ସ୍ଥିତିରେ ପରିବର୍ତ୍ତନ ବା ଏକ ଅନୁଭୂତି । ଯଦି ଜଣେ ବ୍ୟକ୍ତିଙ୍କର ଅନ୍ୟମାନଙ୍କ ପାଖରେ ଥିବା ଦ୍ରବ୍ୟଟି ନଥାଏ ଏବଂ ତାହାକୁ ଲାଭ କରିବା ପାଇଁ ସେ ବହୁତ ଚିନ୍ତା କରନ୍ତି ତେବେ ସେ କ୍ଷେତ୍ରରେ ତାଙ୍କ ମନରେ କିପରି ସନ୍ତୋଷ ପ୍ରବେଶ କରିବ? ମୋର ନାହିଁ ମୋର ନାହିଁ ବୋଲି ଯଦି ସବୁବେଳେ ସେ କହେ ତେବେ ତାଙ୍କୁ ଶାନ୍ତି ମିଳିବ କି? ତେଣୁ ଈଶ୍ୱରଙ୍କ ଆଶୀର୍ବାଦରୁ ଆମକୁ ଯାହା ମିଳିଛି ସେଥିରେ ଆମେ ତୁଷ୍ଟ ହୋଇ ତାହାକୁ ଉପଭୋଗ କଲେ ଶାନ୍ତି ମିଳିବ । ସନ୍ତୋଷ ହେଉଛି ଏକ ସହଜାତ ପ୍ରବୃତ୍ତି । ଏହା ଆକାଶରୁ ଖସି ପଡ଼େ ନାହିଁ । ଏହି କଳିଯୁଗରେ ଆମେ ଅନ୍ୟକୁ ଅନୁକରଣ କରି ଆମୋଦ ପ୍ରମୋଦ ମଧ୍ୟରେ ଜୀବନ ବିତାଇବା ମଧ୍ୟରେ ମଜ୍ଜି ରହୁଛେ । ଈଶ୍ୱର ଯେଉଁ କାର୍ଯ୍ୟ ନିମନ୍ତେ ଆମକୁ ଏହି ଭବ ସାଗରକୁ ପଠାଇଛନ୍ତି ତାହା ସଂପାଦନ କରିବା ପରେ ଆମକୁ ସନ୍ତୋଷ ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ଶରଣାପନ୍ନ ହେବାକୁ ପଡ଼ିବ । ଯେତେ ଶୀଘ୍ର ହେବ ସେତେ ଭଲ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାଳଜୟୀ ସ୍ମରଣୀୟ ଧାଡ଼ିଟି ମନେପଡୁଛି –'ଧନଜନ ଦୁହେଁ ଚିରଶତ୍ରୁ ଭବେ, କିଏ କି ନ ଜାଣେ କାହିଁ? ଧନ ରହିଥାଏ ପୁରି ଯେ ଠାବେ ଲୋ, ଜନ ତ ଆସଇ ନାହିଁ । ଧନ ଯାଏ ମର୍ତ୍ତ୍ୟେ ବୋଲନ୍ତି ସତେ ସେ, ଦିନ ଦୁଇକଥା ସିନା, ଲକ୍ଷ୍ମୀଙ୍କ ନିଗ୍ରହେ କୁବେର କେତେ ଲୋ, ପିନ୍ଧୁଛନ୍ତି ଚିରା କନା । ଦୁଃଖୀ ପାଇଁ ଦିନେ, କାହାରି ଜଗତେ, ନକାନ୍ଦେ ଅନ୍ତର ତିଳେ, ଯାହାର ଯେତିକ ଧନମାନ ଶିରୀ, ପୂଜା ତାର ମହୀତଳେ।' ଭାଗବତ ମଧ୍ୟ ଯଥାର୍ଥରେ ଉଲ୍ଲେଖ ହୋଇଛି– 'ଧନ, କାର୍ପଣ୍ୟ ସେବା ତଳେ, କିବା ଅସାଧ ମହୀ ତଳେ?'

**କଟକ, ମୋ– ୭୩୨୫୯୦୪୯୨୭**

# ବନ୍ୟାରେ ଭାସିଗଲା ତିଖିଲିଆ ଗେଙ୍ଗୁଟି ସେତୁ

ଭଦ୍ରକ/ଭଣ୍ଡାରିପୋଖରୀ,୨୭।୭ (ସବ୍ୟୁ):ବୈତରଣୀ ନଦୀରେ ଶାଖା ନଦୀ ଗେଙ୍ଗୁଟି ଉପରେ ପଞ୍ଚାୟତ ସମିତି ଦ୍ୱାରା ନିର୍ମିତ ତିଖିଲିଆକୁ ସଂଯୋଗକାରୀ ସେତୁର ଏକ ଅଂଶ ଭାସିଯାଇଥିବା ଜଣାଯାଇଛି। ଫଳରେ ତିଖିଲିଆକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ଗେଙ୍ଗୁଟି ନଦୀରେ ଜଳପ୍ରବାହ କମିଯାଇ ଶଯ୍ୟା ପୋତି ହୋଇପଡିଥିବା ବେଳେ ଦୀର୍ଘ ୧୬ ବର୍ଷ ପୂର୍ବରୁ ଏହି ସେତୁ ନିର୍ମିତ ହୋଇଥିଲା। ମାତ୍ର ଚଳିତ ବର୍ଷ ଦାଣ୍ଡକୂଳ ଓ ତିଖିଲିଆର ହାତଗଣିତି କେତେଜଣ ବାଲିମାଫିଆ ଗେଙ୍ଗୁଟି ଶଯ୍ୟାକୁ ୧୦ଫୁଟ ଗଭୀର ଖୋଳି ବାଲି ଉଠାଇ ବିକ୍ରିକରି ମାଲାମାଲ ହୋଇଯାଇଥିଲେ। ଦାଣ୍ଡକୂଳ ଅଞ୍ଚଳର ଜନୈକ ପୂର୍ବତନ ଶିକ୍ଷକ ଓ ଶିକ୍ଷକ ଏହି ବେଆଇନ କାର୍ଯ୍ୟରେ ସଂପୃକ୍ତ ଥିବା ଜଣାଶୁଣା କଥା। ଫଳରେ ଗତ ୧୫ ଦିନ ପୂର୍ବରୁ ନଦୀରେ ସାମାନ୍ୟ ପାଣି ଆସି ଗେଙ୍ଗୁଟି ନଦୀରେ ପ୍ରବେଶ କରିବା ଫଳରେ ଏହି ସେତୁ ଟଳମଳ ଅବସ୍ଥାକୁ ଆସିଯାଇଥିଲା। ଅନୁଚ୍ଚ ବାଲି ଉପରେ ନିର୍ମିତ ସେତୁ ଖୁଣ୍ଟ ମୂଳହୁଆ ଦୋହଲି ଯାଇଥିଲା। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ମାତ୍ର ସେତେବେଳେ ରାଜନେତା ଓ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇନଥିଲେ। ଗତ ଶନିବାର ମଧ୍ୟରାତ୍ରରେ ସଂପୃକ୍ତ ସେତୁର ଖମ୍ବ ଭାସିଯାଇ ସେତୁ ୨ ଖଣ୍ଡ ହୋଇଯାଇଥିଲା। ରବିବାର ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦି ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ନୂତନ ସେତୁ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ବର୍ଷାଋତୁ ଚାଲିଥିବାରୁ ଏହା ସହଜସାଧ୍ୟ ନୁହେଁ। ଏବେ ପ୍ରଶାସନ ପକ୍ଷରୁ ଯୋଗାଯୋଗ ପାଇଁ କିଭଳି ଅସ୍ଥାୟୀ ବ୍ୟବସ୍ଥା।

## ମା' ପାଇଁ ଗଛଟିଏ ଲଗାଇଲେ ଛାତ୍ରଛାତ୍ରୀ

କୋଣାର୍କ, (ସବ୍ୟୁ): ଶନିବାର ଗୋପ ବ୍ଲକ ଅନ୍ତର୍ଗତ ଭୈରବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ କୋଣାର୍କ ବନ୍ୟପ୍ରାଣୀ ନାଞ୍ଚଳ ସହଯୋଗରେ କ୍ଲଷ୍ଟରସ୍ତରୀୟ ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ନିଜ ମାଆଙ୍କ ନାମରେ ଗୋଟିଏ ଲେଖାଏଁ ୃକ୍ଷ ଚାରା ରୋପଣ କରିବା ସହିତ ଏହାର ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ହୋଇଛନ୍ତି। ପୂର୍ବାହ୍ନରେ କ୍ଲଷ୍ଟର ଅନ୍ତର୍ଗତ ଶିରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ଅତିଥି ରୂପେ ଚମ୍ପାହାର ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ଗୋପ ବିଇଓ ସମ୍ରାଟ ଭଞ୍ଜ ଭୋଇ, ସମାଜସେବୀ ତୁଳସୀ ପଟ୍ଟନାୟକ, ସମାଜସେବୀ ରାମକୃଷ୍ଣ ମହାନ୍ତି, ନପାଳ ତପନ ନାୟକ, ନପାଳ କାର୍ତ୍ତିକେଶ୍ୱର ମୁଣ୍ଡା, ନରକ୍ଷୀ ରଶ୍ମିତା ପୃଷ୍ଟି, ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ।ନାମର ବେହେରା ଓ କାଳନ୍ଦୀ ଚରଣ ଜେନା ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବୃକ୍ଷରୋପଣର ଗୁରୁତ୍ୱ ସଂପର୍କରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କୁ ସଚେତନ କରିଥିଲେ ।

# କୂଳ ଲଙ୍ଘିଲା ବୈତରଣୀ ନଦୀ:ନଦୀ-କ୍ଷେତ-ପଥ ଏକାକାର ଯାଜପୁର -ଆଖଣ୍ଡଳମଣି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ

ଭଦ୍ରକ/ଆରଡି,୨୭।୭ (ସବ୍ୟୁ):ବୈତରଣୀ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଗତ ଶନିବାର ଭଦ୍ରକ-ଆଖୁଆପଦା ଆନିକଟରେ ବନ୍ୟାପାଣି ଦ୍ରୁତଗତିରେ ବୃଦ୍ଧି ପାଇବା ପରେ ରବିବାର କ୍ରମଶଃ ହ୍ରାସ ପାଇଥିଲା। ହେଲେ ଉପରମୁଣ୍ଡରୁ ଆସୁଥିବା ବନ୍ୟାପାଣି ଭଣ୍ଡାରିପୋଖରୀ,ଧାମନଗର ଓ ଚାନ୍ଦବାଲିରେ ସାମ୍ଭାବ୍ୟ ବନ୍ୟା। ପରିସ୍ଥିତି ଦେଖା ଦେଇଥିଲା। ଫଳରେ ବୈତରଣୀ କୂଳ ଲଂଘିବାରୁ କୁଆଖିଆ -ଆଖଣ୍ଡଳମଣି ୨୦ନମ୍ବର ଜାତୀୟ ରାଜପଥର ବୋଡକ ଠାରେ ୨ଫୁଟ ଉଚ୍ଚରେ ବନ୍ୟାପାଣି ଦୀର୍ଘ ୧କିମି ରାସ୍ତାରେ ପ୍ରବାହିତ ହେବା ଫଳରେ ଆଖଣ୍ଡଳମଣି-ଯାଜପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏପରିକି ତଳମୁଣ୍ଡରେ ଅର୍ଥାତ୍ ଆରଡି,ଓଳଗ,ସୁନ୍ଦରପୁର,ନାନ୍ଦପୁର ଅଂଚଳରେ ବନ୍ୟାପାଣି ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଶ୍ରାବଣ ସୋମବାରରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିବା ପାଇଁ ଆସୁଥିବା କାଉଡ଼ିଆ ଭକ୍ତମାନେ ବନ୍ୟାପାଣିରେ ପଶି ବିପଦପୂର୍ଣ୍ଣ ଭାବେ ଆସୁଥିବାର ଦେଖିବାକୁ ମିଳିଛି। ସେହିପରି ଅନେକ ଛୋଟବଡ ଗାଡି ମଧ୍ୟ ବନ୍ୟା ପାଣିରେ ପଶି ଆରଡି ଅଭିମୁଖେ ଆସୁଛି। ଏକପ୍ରକାର ନଦୀ,ପଥ,କ୍ଷେତ ଏକାକାର ହୋଇଯାଇଥିବାରୁ ଯାଜପୁର ସମେତ କଟକ,କେନ୍ଦ୍ରାପଡ଼ା,ଖୋର୍ଦ୍ଧା (ଭୁବନେଶ୍ୱର) ଆଦି ଜିଲ୍ଲାରୁ ହଜାର ହଜାର କାଉଡ଼ିଆ ଭକ୍ତ ଆଖଣ୍ଡଳମଣିଙ୍କ ପୀଠକୁ କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ଦେଇ ଆସୁଥିବାବେଳେ କେଉଁଟି ନଦୀ ଓ କେଉଁଠି ରାସ୍ତା ଜାଣିବା ଜଟିଳ ହୋଇପଡିଥିବାରୁ କାଉଡ଼ିଆ ଭକ୍ତଙ୍କ ଯାତାୟତକୁ ବନ୍ଦ କରିଥିଲା ପୁଲିସ ପ୍ରଶାସନ। ଏପରିକି ଡ଼ାକବାଜି ଯନ୍ତ୍ର ଦ୍ୱାରା ଆଗନ୍ତୁକ ଭକ୍ତଙ୍କ ସହ ସ୍ଥାନୀୟ ଲୋକଙ୍କୁ ସଚେତନତା ହେଲେ ବୈତରଣୀ ନଦୀ କୂଳ ଲଘିଂବାରୁ ଦୀର୍ଘ ୧କିମି ଯାଏ ରାସ୍ତା ବୁଡ଼ି ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଆଗନ୍ତୁକ କାଉଡ଼ିଆ ଭକ୍ତ ଦିନ ସମୟରେ ଭୟରେ ଯାଉଥିବା ବେଳେ ରାତିରେ ହିଂସ୍ର କୁମ୍ଭୀର ଓ ସରିସୃପ ଭୟ ଘାରିଥିଲା। ଏପରି ସ୍ଥିତିର ଭଦ୍ରକ ଉପଜିଲ୍ଲାପାଳ ପରଖିବା ସହ ରାତିରେ ଆଲୋକ ବ୍ୟବସ୍ଥା ସହ ପୁଲିସ ଓ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଥିଲା। ଏପଟେ ଦୁର୍ବଳ ନଦୀବନ୍ଧରେ ଜଳସେଚନ ବିଭାଗ ପକ୍ଷରୁ ବାଲିବସ୍ତା ପକାଯିବା ସହ ଅଧିକାରୀମାନେ ସଜାଗ ରହିଥିଲେ।



ଧାମନଗରରେ ବନ୍ୟାଜଳ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



ଆରଡି ପାଣି ଢ଼ାଳିବା ପାଇଁ କାଉଡିଆମାନେ ବନ୍ୟାଜଳରେ ଯାଉଛନ୍ତି

## ବନ୍ୟାଜଳ ପ୍ରବାହିତ କାରଣରୁ କାୟାଁ-ଆରଡ଼ି ରାସ୍ତା ଅସ୍ଥାୟୀ ଭାବେ ବନ୍ଦ

ଦଶରଥପୁର,୨୭।୭ (ସବ୍ୟୁ): ଯାଜପୁରଜିଲ୍ଲା ଦଶରଥପୁର ବ୍ଲକ ଅର୍ଦ୍ଦାଉଳିଆ-ଦଉପୁର ମଝିରେ ବୈତରଣୀ ନଦୀରେ ରବିବାର ଅପରାହ୍ଣରେ ଏକ ବଡ଼ ଘଳିଆ ସୃଷ୍ଟି ହୋଇଛି । ଏହି ଅଘଟଣ ପରେ ଗାଁ ଲୋକେ ତୁରନ୍ତ ମରାମତି କରିଛନ୍ତି । ଅନ୍ୟପଟରେ ଏହି ଅଘଟଣ ନେଇ ଦୁଦୁରାଅଣ୍ଟା ଓ ଦଉପୁର ପଞ୍ଚାୟତବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ପ୍ରଶାସନ ରାସ୍ତା ସିଲ୍ କରିଛି । ବନ୍ୟାଜଳ ପ୍ରବାହିତ କାରଣରୁ କାୟାଁ-ଆରଡ଼ି ରାସ୍ତା ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିବା ବେଳେ କୁମ୍ଭୀର ଭୟ ସୃଷ୍ଟି ହୋଇଛି । ଅତିରିକ୍ତ ଏସଆରସି ମନିଷ ଅଗ୍ରୱାଲ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବିଡ଼ିଓ, ଅତିରିକ୍ତ ତହସିଲଦାରଙ୍କ ବନ୍ୟାଅଞ୍ଚଳ ପରିଦର୍ଶନ ଓ ସମୀକ୍ଷା, ବ୍ଲକସ୍ଥ ନିଜାମପୁର ପଞ୍ଚାୟତ ନୂଆପାଟଣା, କସପା ଆଦି ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି । ସମସ୍ତ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ନିଆଯିବ ବୋଲି କହିଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ରାଜ୍ୟର ନଦୀଗୁଡ଼ିକରେ ବନ୍ୟାସ୍ଥିତି ନେଇ ସମୀକ୍ଷା କରିଛନ୍ତିଛ ସମ୍ବଲପୁର ଜିଲ୍ଲାପାଳଙ୍କ ଭିସି ଚ୍ୟାମ୍ବରରେ ରାଜ୍ୟରେ ବନ୍ୟାସ୍ଥିତି ନେଇ ସମୀକ୍ଷା ବୈଠକରେ କହିଛନ୍ତି, ରାଜ୍ୟର ବିଭିନ୍ନ ନଦୀରସ୍ଥିତି ଉପରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପଚାରି ବୁଝିଛି । ପାଣିପାଗ ବିଭାଗର ଆକଳନ ଅନୁସାରେ ମୟୂରଭଞ୍ଜ ଓ କେଉଁଝର ଦୁଇଟି ଜିଲ୍ଲା ରେଡ ଆଲର୍ଟରେ ଥିଲା । ହେଲେ ତାହା ବର୍ତ୍ତମାନ ବିପଦ ମୁକ୍ତ ରହିଛି । ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାର ଜଳପତ୍ତନ କମିବା ଆରମ୍ଭ ହେଲାଣି । ରିଲିଫ କେନ୍ଦ୍ରରୁ ଲୋକେ ଫେରିବା ଆରମ୍ଭ କଲେଣି । ଏଥର ଏହି ଜିଲ୍ଲାଗୁଡ଼ିକର କ୍ଷୟକ୍ଷତି ଆକଳନ ହେବ ଓ ଇନ୍ ପୁଟ ସବସିଡି ପ୍ରଦାନ କରାଯିବ ।

ବୈତରଣୀ ନଦୀର ଜଳପତ୍ତନ ମଧ୍ୟ କମିବାରେ ଲାଗିଛି । ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟ ଲୋକେ ରିଲିଫ କେନ୍ଦ୍ରରୁ ଘରକୁ ଫେରିଲେଣି । ଏହା ସହିତ ସବୁ ଜିଲ୍ଲାରେ ରିଲିଫ କେନ୍ଦ୍ରଗୁଡ଼ିକରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯିବା ଜାରି ରହିବ ବୋଲି କହିଛନ୍ତି । ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ସ୍ଥିତି ଚିନ୍ତାଜନକ ରହିଛି ।

## ନାଖରା ବୁଢ଼ାବଳଙ୍ଗ ସେତୁ ସମୀକ୍ଷା କଲେ ସନାତନ ବିଜୁଳି

ବେତନଟୀ ,(ସବ୍ୟୁ): ବେତନଟୀ ବ୍ଲକ ଅଧୀନ ନାଖରା ସ୍ଥିତ ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ଶନିବାର ରାତି ସମୟରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଅନୁଧ୍ୟାନ କରିଥିଲେ। ସେତୁ ନିକଟରେ ଥିବା ଆଡ଼ିବନ୍ଧରେ ଅତଡା ଖସି ଫାଟ ସୃଷ୍ଟି ହୋଇଥିବା ଯୋଗୁଁ ନିକଟବର୍ତ୍ତୀ ପାଟଳୀପୁରା , ପ୍ରତିମାଦେଇପୁର , ନାଖରା , ଦାରିହା , ସିଙ୍ଗଲାମୁଣ୍ଡଳି , ଶାଳଗାଁ , ଦେବସ୍ଥଳୀ , ଡେଁଫଉଦା , ଖଣ୍ଡଦେଉଳା ଆଦି ତଳିଆ ଅଞ୍ଚଳର ଗ୍ରାମବାସୀ ମାନେ ଆତଙ୍କିତ ହୋଇପଡ଼ିଥିଲେ । ତେବେ ନଦୀର ଆଡ଼ିବନ୍ଧ ସୁରକ୍ଷା ବ୍ୟବସ୍ଥା ପ୍ରକୃତପକ୍ଷେ ଜଳସେଚନ ବିଭାଗର ଦାୟିତ୍ୱ ହୋଇଥିବା ବେଳେ ନାଖରା ସେତୁ ନିକଟରେ କିନ୍ତୁ ଜଳସେଚନ ବିଭାଗର ସାମାନ୍ୟତମ ତତ୍ପରତା ପ୍ରକାଶ ପାଇନଥିଲା। ଏହାକୁ ନେଇ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପରେ ବର୍ଷିଥିଲେ । ତେବେ ଏହି ରାସ୍ତାର ଉନ୍ନତିକରଣ ଦାୟିତ୍ୱରେ ଥିବା ବେତନଟୀ ପୂର୍ତ୍ତବିଭାଗ ଏସଡିଓ ଅରବିନ୍ଦ ମହାନ୍ତି ଜରୁରୀକାଳୀନ ଭିତ୍ତିରେ ବାଲିବସ୍ତା ଓ ବୁଲଡର୍ (ପଥର) ପକାଇ ଆଡ଼ିବନ୍ଧର ଫାଟ ନିୟନ୍ତ୍ରଣ କାର୍ଯ୍ୟ ଜାରି ରଖିଥିବା ଦେଖିବାକୁ ମିଳିଛି। ଏହି ସେତୁ ୩୫ ବର୍ଷର ପୁରୁଣା ହୋଇପଡ଼ିଥିବା ବେଳେ ଅତି ପ୍ରବଳ ବର୍ଷା ଯୋଗୁଁ ବନ୍ୟାଜଳ ସେତୁ ଉପର ଦେଇ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଥିବା କାରଣରୁ ଏଠାରେ ଏକ ନୂତନ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ବିଧାୟକ ଙ୍କ ପ୍ରସ୍ତାବକୁ ରାଜ୍ୟ ସରକାର ସିକୃତି ଦେଇସାରିଥିବା ଏବଂ ଖୁବ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

## ଅଟୋ ଧକ୍କାରେ ଛାତ୍ରୀ ଗୁରୁତର

ବାଲିପାଟଣା, (ସବ୍ୟୁ) : ଅଜଣା ଅଟୋ ଧକାରେ ଜଣେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଗୁରୁତର ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ରେ ସରାଟ ଗ୍ରାମର ପ୍ରୀତି ପ୍ରିୟଦର୍ଶନୀ ପରି ରାଜସ ଚଣାହଟ୍ଟା ରାସ୍ତାରେ ବାଲିପାଟଣା ଛକ ଅଭିମୁଖେ ସ୍କୁଟି ଚଲାଇ ଯାଉଥିଲେ। ସରାଟ ଶାସନ ନିକଟ ଘାଇ ଭଙ୍ଗା ନିକଟରେ ବିପରୀତ ଦିଗରୁ ଆସୁଥିବା ଅଟୋ ସ୍କୁଟିକୁ ଧକ୍କା ଦେଇଥିଲା।ସ୍କୁଟି ଆରୋହୀ ରାସ୍ତାରେ ଛିଟିକି ପଡ଼ିଥିଲେ। ତାଙ୍କ ଡାହାଣ ହାତରେ ଗଭୀର ଆଘାତ ହେବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପ୍ରୀତି ପ୍ରିୟଦର୍ଶନୀ ସ୍ଥାନୀୟ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ବିଭାଗ ଛାତ୍ରୀ ବୋଲି ଜଣାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନବାସୀ...

ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳାମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ି ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମ ଦାୟିତ୍ୱ ବିଷୟରେ କେନ୍ଦୁଝର ଜିଲ୍ଲାର ନାମ ନେଇଛନ୍ତି । କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନ କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଂଘର୍ଷ, ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱଦେଇ ଅନ୍ୟ ମାନଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦେଇ ଆସୁଛନ୍ତି ।

### ଆର୍ଥିକ...

କରି ନିଜ ଦେଢ଼ ବର୍ଷର ଝିଅ ପାଇଁ ଅମୁଲ କିଣିବା ସହ ପରିବାର ପାଇଁ କିଛି ସଉଦା ଆଣିଥିବା କହିଛନ୍ତି ନୀଳ ରଣା । ତେବେ ଗାଁ ର ଜନୈକ ମଧ୍ୟସ୍ଥି ରବି ମଛଖଣ୍ଡଙ୍କ ସହାୟତାରେ ପାଇକମାଳ ଅଞ୍ଚଳର ଜନୈକ ପରିବାରକୁ ବିକ୍ରି କରିଥିବା କହିଛନ୍ତି । ନିଜ ଗର୍ଭରେ ୯ ମାସ ରଖି ଶିଶୁ କନ୍ୟାକୁ ଜନ୍ମ ଦେଇଥିବା ମା କନକ ରଣା ବି ନିଜ ପରିବାରର ଆର୍ଥିକ ଅନାଟନ ଯୋଗୁଁ ବାଧ୍ୟ ହୋଇ ବିକ୍ରି କରିଥିବା ନେଇ କୋହଭରା ସ୍ୱରରେ ସ୍ୱୀକାର କରିଛନ୍ତି । ଏହା ନିଶ୍ଚିତ ଭାବେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ପ୍ରତି ଉପହାସ କରିଛି ।

ଘଟଣା ବିଷୟରେ ଖବର ପାଇ ଟିଟିଲାଗଡ଼ ଥାନା ଅଧିକାରୀ ସଦଳବଳ ଗାଁ ରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମଧ୍ୟସ୍ଥି ରବି ମଛଖଣ୍ଡ ଏବଂ ନିଲ ରଣାଙ୍କୁ ନେଇ ପାଇକମାଳ ଅଭିମୁଖେ ଯାଇ ଶିଶୁ କନ୍ୟାକୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ କରିଛି । ଘଟଣାକୁ ନେଇ ଟିଟିଲାଗଡ଼ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତ୍ରୀ ଟୁକୁନି ସାହୁ ରାଜ୍ୟ ସରକାରଙ୍କ ଅପାରଗତା ତଥା ସ୍ଥାନୀୟ ବିଧାୟକଙ୍କୁ କଡା ସମାଲୋଚନା କରିଛନ୍ତି । ତେବେ ଏହି ଘଟଣାକୁ ନେଇ ଟିଟିଲାଗଡ଼ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ଗାଁରେ ଏବେ ଚାପା ଉତ୍ତେଜନା ଦେଖା ଦେଇଛି ।

### ଜେଲ୍...

ପୀଡ଼ିତାଙ୍କୁ ଅମରେଶ ଓ ଗିରଫ ହୋଇଥିବା ତାଙ୍କ ୫ ସହଯୋଗୀ ନାନାଦି ପ୍ରକାର ଧମକ ଚମକ ଦେଇଥିଲେ । ଯାହାଫଳରେ ୫ ସହଯୋଗୀଙ୍କୁ ପୋଲିସ ଶୁକ୍ରବାର ଗିରଫ କରି ଶନିବାର କୋର୍ଟ ଚାଲାଣ କରିବା ପରେ ଅମରେଶଙ୍କୁ ରାତିରେ ବାଲେଶ୍ୱରରୁ ଗିରଫ କରାଯାଇଥିଲା ।

ଅମରେଶ ଗିରଫ ହେବାପରେ ତାଙ୍କ ପତ୍ନୀ ଏହା ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ଜେଲ୍ ଯିବାବେଳେ ଅମରେଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମୋତେ ଅର୍ଚ୍ଚନା ନାଗ ଫସାଇ ଦେଇଛନ୍ତି । ଅର୍ଚ୍ଚନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କୁକର୍ମରେ ସେ ଜଡ଼ିତ ଥିବା ପୀଡ଼ିତା ରାଜ୍ୟବାସୀଙ୍କୁ ଜଣାଇ ଦେଇଛନ୍ତି । ମୁଁ ଘଟଣା ସମ୍ପର୍କରେ ଜାଣିନାହିଁ କିମ୍ବା ପୀଡ଼ିତାଙ୍କୁ ଚିହ୍ନି ନାହିଁ ବୋଲି ଅର୍ଚ୍ଚନା ଗଣମାଧ୍ୟମକୁ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଅମରେଶଙ୍କ ବିରୋଧରେ ପୋକ୍ସୋ ଓ ପ୍ରତାରଣା କରିବା ଧାରା ଲାଗୁ ହୋଇଥିବା ପୋଲିସ କହିଛି । ଅମରେଶଙ୍କ ସମର୍ଥକମାନେ ଥାନା ଓ ଜେଲ ପାଖରେ ହୋହାଲା କରିଥିଲେ ।

### ମନସା ...

ଘଟଣାର ସତ୍ୟାସତ୍ୟ ଜଣାଇଛନ୍ତି । ପ୍ରାରମ୍ଭରେ କୁହାଯାଇଥିଲା ଯେ,ମନସା ଦେବୀ ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁ ଦଳାଚକଟା ହୋଇଥିଲା । ଏହା ସହିତ, ଏହା ମଧ୍ୟ କୁହାଯାଇଥିଲା, ମନ୍ଦିରରେ ଗୁଜବ ପ୍ରଚାର ହେବା ପରେ ଦଳାଚକଟା ହୋଇଥିଲା । ଲୋକଙ୍କ ମଧ୍ୟରେ ଏକ ଗୁଜବ ବ୍ୟାପିଗଲା ଯେ,ବିଦ୍ୟୁତ୍ ତାରରେ କରେଣ୍ଟ ଅଛି, ଯାହାକୁ ଧରି ଲୋକମାନେ ଉପରକୁ ଚଢୁଛନ୍ତି । ଫଳରେ ଲୋକମାନେ ଏଣେତେଣେ ଦୌଡ଼ିବାକୁ ଲାଗିଲେ ।

## ୧୫ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଅସଦାଚରଣ ଘଟଣା : ଜେଲ ଗଲେ ଶିକ୍ଷକ

ରାଜନଗର ,(ସବ୍ୟୁ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର୧୫ ଜଣ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିବା ଘଟଣାରେ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଉପରେ କେସ ନମ୍ବର ୯୧ /୨୦୨୫ , ଦଫା ୧୨୬ ( ୨ ) , ୧୧୫ ( ୨ ) , ୭୪ , ୭୯ , ୧୨ ପୋସ୍କୋ ଆକ୍ଟରେ ମାମଲା ରୁଜୁ ହୋଇଛି ଆଜି ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ବିମଳ କୁମାର ମଲ୍ଲିକ , ରାଜନଗର ଥାନାର ଏସଆଇ ଚନ୍ଦ୍ରିକା ମହାପାତ୍ର ପୀ ଛାତ୍ରୀଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଛନ୍ତି । ପୋଲିସ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ବିଜ୍ଞାନ ଶିକ୍ଷକ ବିଦ୍ୟାଳୟର ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ସହିତ ଘରକୁ ଡାକିବା , ଜଣେ ଛାତ୍ରୀ କାନ୍ଦି କାନ୍ଦି ଏନେଇ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ ।ଶନିବାର ଦିନ ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , ବିଦ୍ୟାଳୟ ପରିଚାଳନା କମିଟି , ଦୁଇଟି ପଞ୍ଚାୟତର ସରପଞ୍ଚଙ୍କ ସମୁଖରେ ଅଭିଯୋଗ କରିଥିବା ଛାତ୍ରୀଙ୍କ ଅଭିଭାବକ ଉପସ୍ଥିତରେ ଛାତ୍ରୀମାନଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚରାଯାଇଥିଲା । ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଜଣ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ଏହି ପଚରାଉଚରା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ ଆଇଆଇସି ବିମଳ କୁମାର ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ , ଅଭିଭାବକ , ପୀଡିତ ଛାତ୍ରୀମାନଙ୍କୁ ପଚରାଉଚରା କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ଉଠାଇ ଥାନାକୁ ନେଇ ଯାଇଥିଲେ ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଶିକ୍ଷାନୁଷ୍ଠାନ ଭଳି ଏକ ପବିତ୍ର ଜାଗାରେ ଏଭଳି ଘୃନ୍ୟ କାର୍ଯ୍ୟ କୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## କଂଗ୍ରେସର ସାଙ୍ଗଠନିକ ଶକ୍ତିବୃଦ୍ଧି ନେଇଁ ଅଣ୍ଟାଭିଡ଼ିଲେ ନେତା ,କର୍ମୀ

ଭୋଗରାଇ, (ସବ୍ୟୁ) :ଆଗାମୀ ପଞ୍ଚାୟତ ର୍ନିବାଚନ ପାଇଁ କଂଗ୍ରେସର ସମସ୍ତ ନେତା ଓ କର୍ମୀମାନେ କଂଗେସ ପତାକା ତଳେ ଏକ ହୋଇ ଅଣ୍ଟାଭି ବୋଲି ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ମନ୍ଦାରସାହି ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କଂଗ୍ରେସର ନେତୃସ୍ଥାନୀୟ ବ୍ୟକ୍ତିମାନେ ଏକ କର୍ମୀ ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି । ମନ୍ଦାରସାହି ସରପଞ୍ଚ ମମତା ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ ସମ୍ମିଳନୀରେ ୧ ୬ ଟି ୱାର୍ଡର ୨ ଶହରୁ ଉର୍ଦ୍ଧ କର୍ମୀ ଉପସ୍ଥିତ ହୋଇ କଂଗ୍ରେସ ସାଙ୍ଗଠନିକ ଶକ୍ତି ବୃଦ୍ଧିକୁ ନେଇଁ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା । ବିରୋଧୀ ଭାଜପାର ଜନସୱାର୍ଥ ବିରୋଧୀ ନୀତି ଓ ବିଜେଡି ଶାସନର ବିଫଳତାକୁ ଲୋକ ଲୋଚନକୁ ଆଣି କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ । ୩୩ ନଂ ଜୋନ ଜିଲ୍ଲା ପରିଷଦ ସନ୍ତୋଷ ଜେନା ଏହି କର୍ମୀ ସମ୍ମିଳନୀକୁ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ପ୍ରତ୍ୟେକ ୱାର୍ଡ଼ର ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ବରିଷ୍ଠ ନେତା ସୁଦର୍ଶନ ଜେନା, ଗୋପବନ୍ଧୁ ମହାପାତ୍ର,ବ୍ଲକ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ମନ୍ଦାରସାହି ପଞ୍ଚାୟତ ଉପସଭାପତି ଶାଶଙ୍କ ଶେଖର ଗିରି, ଅତୁଲ ମହାନ୍ତି, ଭାସ୍କର ଗିରି,ନାଏବ ସରପଞ୍ଚ ସୁଦର୍ଶନ ଗିରି ପ୍ରମୁଖ ଉପସ୍ଥିତ ପଞ୍ଚାୟତ ସ୍ତରରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ମତ ପ୍ରକାଶ କରିଥିଲେ। ଦେବବ୍ରତ ଦାସ ମହାପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ କଂଗ୍ରେସ ଟୋପି ଓ ଉତ୍ତୋରୀ ଦେଇ ନୂତନଭାବେ ପଞ୍ଚାୟତର ନୂତନ ସଭାପତି ଭାବେ ମନୋନୀତ କରାଯାଇଥିଲା ।

## ଦଶରଥପୁରରେ ବନ୍ୟା ବିଭିଷିକା:ସ୍ଥିତି ସମୀକ୍ଷା କଲେ ଜିଲ୍ଲପାଳ

ମଙ୍ଗଳପୁର,(ସବ୍ୟୁ) : ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବୈତରଣୀ ଓ ଏହାର ଶାଖା କାଣି ନଦୀରେ ବଡ଼ ବନ୍ୟା ଆସିଛି ।ବନ୍ୟା ଯୋଗୁ ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର,ଜୟନ୍ତରା, ତରପଦା,ଦୁଦୁରାଅନ୍ତା,କସପା,ଦଉପୁର,ନିଜାମପୁର,କଁୟା, କମାରଡିହି,ଖାନନଗର,ଥାଲକୁଡି,ଶୁଶୁଆ,ବିରିପଟା ଆଦି ପଞ୍ଚାୟତର ଚାଷଜମି ଓ ତଳିଆ ଅଞ୍ଚଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ତଳିଆ ଅଞ୍ଚଳରେ ଥିବା ଜନବସତି ଓ ଚାଷଜମି ବନ୍ୟା ଜଳରେ ଉବୁଟୁବୁ ହେଉଛି । ମଲ୍ଲିକାପୁର -ପଲ୍ଲାସାହି ରାସ୍ତାର ମଲ୍ଲିକାପୁର ସେତୁ ଉପରେ ୨ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି ।ମଲ୍ଲିକାପୁର ସ୍ଥିତ ଆଦର୍ଶ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବନ୍ୟା ଜଳ ଘେରି ରହିଛି । ବିଶେଷକରି କସପା ପଞ୍ଚାୟତର ପଞ୍ଚପଡା,ନୂଆଶାସନ,ବ୍ରହ୍ମଚାରୀପାଟଣା,କମାଲପୁର,ପଲ୍ଲାସାହି, ଦୁଦୁରାଅନ୍ତା ପଞ୍ଚାୟତର କୁଅଁରସାହି,ଅର୍ଦ୍ଦାଉଳିଆ,ମଲ୍ଲିକାପୁର ପଞ୍ଚାୟତର ମଲ୍ଲିକାପୁର,ମହାନ୍ତିପାଟଣା, କଁୟା ପଞ୍ଚାୟତର ଧର୍ମପୁର,ଇଚ୍ଛାପୁର,ଗହୀରାପାଳ,ଲକ୍ଷ୍ମୀପୁର,ଦୁବକଣ,ଦରଭା, ଗରବନ୍ଧ, କମାରଡିହି ପଞ୍ଚାୟତର ବଳରାମପୁର,ସହିମାଡ଼,କେଳାଙ୍ଗ, ଖାନନଗର ପଞ୍ଚାୟତର ଖାନନଗର,ଲାଲବାଗ,ନୂଆପାଟଣା, ରାମପୁର,କେଶପୁର, ଜୁନ୍ଦିପୁର ସମେତ ବହୁ ଗ୍ରାମ ବନ୍ୟା ପାଣି ଘେରରେ ରହିଛି । ସେହିପରି ଜୟନ୍ତରା ପଞ୍ଚାୟତର ମହାପାତ୍ର ସାହି, ହାଜିସାହିରେ ବନ୍ୟା ଜଳ ଲହଡି ମାରୁଛି । ମହାପାତ୍ର ସାହିର ୭୦ ପରିବାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛନ୍ତି । କଟିକଟା ପଞ୍ଚାୟତ ମଝିସାହି ଓ ତରାଇ ସାହିରରେ ୩୦ ରୁ ଅଧିକ ପରିବାରଙ୍କ ଅବସ୍ଥା ମଧ୍ୟ ସମାନ।ଉକ୍ତ ୩ଟି ସାହିର ୬ଶହରୁ ଅଧିକ ଲୋକଙ୍କୁ ଓଡ୍ରାଫ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରାଯାଇଛି । କସପା ପଞ୍ଚାୟତ ପଞ୍ଚପଡା ଓ ହାଜିସାହି ଠାରେ କାଣି ନଦୀ ବନ୍ଧର ୪ ଟି ଓ ଦଉପୁର ନିକଟ ବୈତରଣୀ ନଦୀ ବନ୍ଧରେ ୨ଟି ଘଳିଆ ସୃଷ୍ଟି ହୋଇଛି । ନଦୀ ବନ୍ଧରେ ଘଳିଆକୁ ନେଇ ନଦୀ କୂଳବର୍ତ୍ତି ବାସିନ୍ଦା ଆତଙ୍କିତ ଅବସ୍ଥାରେ ଥିବା ବେଳେ ଜଳସମ୍ପଦ ବିଭାଗର ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟାପକ ବାଲିବସ୍ତା ଦ୍ୱାରା ମରାମତି କାର୍ଯ୍ୟ ଜାରି ରହିଛି । ଯାଜପୁରର ବିଧାୟିକା ସୁଜାତା ସାହୁ ଓ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ବନ୍ୟାରେ ପ୍ରଭାବିତ ଜୟନ୍ତରା, କସପା, ମଲ୍ଲିକାପୁର, ବ୍ରହ୍ମଚାରୀପାଟଣା ଆଦି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟା ବିପନ୍ନଙ୍କୁ ଭେଟିଥିଲେ । ସ୍ଥିତି ଅନୁଧ୍ୟାନ କରିବା ସହ ବନ୍ୟା ବିପନ୍ନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରିବା ଦିଗରେ ପ୍ରାଥମିକତା ଦେବାକୁ ଜିଲ୍ଲପାଳଙ୍କୁ ଜଣାଇଥିବା କହିଥିଲେ । ବନ୍ୟା ପ୍ରଭାବିତ ଜୟନ୍ତରା, ବାଲିପାଟଣା,ନିଜାମପୁର ପଞ୍ଚାୟତ ନୂଆ ନୂଆପାଟଣା, କସପା, କଁୟାଗୋଲାରେ ଯାଜପୁରରେ ନୂତନ ଭାବେ ଦାୟୀତ୍ୱ ନେଇଥିବା ଜିଲ୍ଲପାଳ ଅମ୍ବର କୁମାର କର ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଜନ ପ୍ରତିନିଧି ଓ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ବିପନ୍ନଙ୍କୁ ତୁରନ୍ତ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବା ସହିତ ଦୁର୍ବଳ ନଦୀ ବନ୍ଧ ଓ ଘଳିଆ ପଡ଼ିଥିବା ନଦୀବନ୍ଧ ପାର୍ଶ୍ୱ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜଳସମ୍ପଦ ବିଭାଗର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ରିଲିଫ କମିଶନର ମନୀଷ ଅଗ୍ରୱାଲ,ଅତିରିକ୍ତ ଜିଲ୍ଲପାଳ ଶିବାନନ୍ଦ ସୱାଇଁ (ପ୍ରଶାସନ),ଯୁଧିଷ୍ଠିର ନାୟକ(ରାଜସ୍ୱ),ଜିଲ୍ଲା ପରିଷଦ ର୍ନିବାହୀ ଅଧିକାରୀ ଅଶୋକ ବେହୁରିଆ,ବିଡ଼ିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଂଜନ ମଲ୍ଲିକଙ୍କ ସମେତ ଜଳସମ୍ପଦ ବିଭାଗର ଅଧିକାରୀ ଗଣ ଉପସ୍ଥିତ ଥିଲେ । ସେପଟେ ବୋଡ଼କ-ସାଠିବାଙ୍କୁଡ଼ା ୨୦ନଂ ଜାତୀୟ ରାଜପଥ ଉପରେ ୪ଫୁଟର ବନ୍ୟା ପାଣି ପ୍ରଭାବିତ ହେଉଥିବାରୁ କୁମ୍ଭୀର ଏବଂ ସରୀସୃପର ଭୟଥିବାରୁ ମଙ୍ଗଳପୁର ପୋଲିସ ପକ୍ଷରୁ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଥିବାବେଳେ ଶୈବ ପୀଠ ଆରଡ଼ି ଅଭିମୁଖେ ଜଳ ଲାଗି ପାଇଁ ଯାଉଥିବା କାଉଡିଆ ମାନଙ୍କୁ ବିପଦ ପୂର୍ଣ୍ଣ ଭାବେ ପାଣିରେ ପଶି ନଯିବାକୁ ସଚେତନ କରିବା ସହ କୟାଁଗୋଲା ପୋଲ ନିକଟରେ ଜାତୀୟ ରାଜପଥକୁ ସିଲ କରାଯାଇଛି ଅପରପକ୍ଷେ ଗମ୍ଭୀର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ବନ୍ୟା ବିପନ୍ନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ସହିତ ଗୃହପାଳିତ ପ୍ରାଣୀଙ୍କ ପାଇଁ ପଶୁ ଖାଦ୍ୟ ଯୋଗାଇ ଦେବାକୁ ବନ୍ୟା ବିପନ୍ନ ଦାବି କରିଛନ୍ତି ।

**Rita Rani Sahoo**
**Address not known**
Your flat is canceled as no documents available with us. We contacted your brother, Sh Dhiren Patnaik, regarding registration of sale agreement of his flats, who replyed us that the flats shall be registered when Registration shall be opened by the Hon'ble Orissa High Court by withdrawing the stay on registration. By that time the pending Certificate Case No.23/2025 (under section-6) and Issue No.30 dated 21.03.2025 are issued an order and cease the power of registration by any Director of Mahodadhi Devlopers Pvt Ltd, Bhubaneswar. We are appearing before Hon'ble Court of Sub Collector-cum-Certificate Officer to give 150 days time period to keep our stand. Under the above circumstances, we are forced to refund your deposit money against your flat no.513, fifth floor in Tulasi Vihar, Phase-II. We are unable to issue any letter as we have no address or any agreement. Hence we communicated through two odia daily for your information and kind necessary action.
Managing Director,
Mahodadhi Devlopers Pvt Ltd
Bhubaneswar

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**
ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## "ମନ କୀ ବାତ୍"ରେ ଓଡ଼ିଶା ଉପରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ନେଇ ଧର୍ମେନ୍ଦ୍ରଙ୍କ ଟ୍ୱିଟ୍

# କେନ୍ଦୁଝରରେ ସଂକୀର୍ତ୍ତନ ମଣ୍ଡଳୀର ପରିବେଶ ସଚେତନତାକୁ ପ୍ରଶଂସା କରି ଓଡ଼ିଶାର ଗାରିମା ବଢ଼ାଇଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ଜୁଲାଇ ୨୭ - 'ମନ୍ କୀ ବାତ୍ କାର୍ଯ୍ୟକ୍ରମ'ର ୧୨୪ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୟୂରଭଞ୍ଜରେ ଜନଜାତି ମହିଳାଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର ଏବଂ କେନ୍ଦୁଝର ଜିଲ୍ଲାରେ 'ରାଧା କୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ'ର ସଦସ୍ୟମାନଙ୍କ ଦ୍ୱାରା ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ସାମାଜିକ ସଚେତନତା ସୃଷ୍ଟି କରିବା ଉପରେ ଆଲୋଚନା କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ମନ୍ କୀ ବାତ୍ ଦେଶର ସାମୂହିକ ସଫଳତା ଏବଂ ଆମ ନାଗରିକଙ୍କ ପ୍ରେରଣାଦାୟୀ ସଫଳତାକୁ ଲୋକଲୋଚନକୁ ଆଣିବାର ଏକ ବୃହତ ମଞ୍ଚ ଭାବରେ ବିକଶିତ ହୋଇଛି । ପ୍ରଧାନମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ଜନଜାତି ମହିଳାମାନଙ୍କ ଦ୍ୱାରା ବୁଣାଯାଉଥିବା ସଫଳତାର କାହାଣୀ ବିଷୟରେ କହିଥିଲେ । ଏହା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ସମଗ୍ର ଓଡ଼ିଶା ଏବଂ ଜନଜାତି ସମୁଦାୟର ନାରୀଶକ୍ତିଙ୍କ କାର୍ଯ୍ୟକୁ ଲୋକଲୋଚନକୁ ଆସିପାରିଛି । ଏହି ମହିଳାମାନେ କେବଳ ଶାଢ଼ୀ ତିଆରି କରୁନାହାନ୍ତି ବରଂ



ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସହ ଆତ୍ମନିର୍ଭର ହେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ତଥା ଜାତୀୟ ମଞ୍ଚରେ ସ୍ୱୀକୃତି ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣର ନୂତନ ଅଧ୍ୟାୟ ଲେଖିବାକୁ ପ୍ରେରଣା ଦେବ । କେନ୍ଦୁଝର ଜିଲ୍ଲାରେ 'ରାଧା କୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ'ର ସଦସ୍ୟମାନଙ୍କ ଦ୍ୱାରା ଅଭିନବ ଉପାୟରେ ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ସାମାଜିକ ସଚେତନତା ସୃଷ୍ଟି କରିବା ଉପରେ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଭଜନ-କୀର୍ତ୍ତନ-ଲୋକଗୀତ ଦ୍ୱାରା ବନାଗ୍ନି ସମ୍ପର୍କରେ ସଚେତନତାକୁ ପ୍ରୋତ୍ସାହିତ କରିବା ଏକ ଅନନ୍ୟ ଏବଂ ପ୍ରେରଣାଦାୟୀ ପ୍ରୟାସ । ଏହି ସଂକୀର୍ତ୍ତନ ମଣ୍ଡଳୀ ପ୍ରମିଳା ପ୍ରଧାନଙ୍କ ପ୍ରେରଣାରେ ଗାଁ ଗାଁ ବୁଲି ଗୀତ ସାହାଯ୍ୟରେ ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି । ପ୍ରମିଳାଙ୍କ ପରି ଲୋକମାନେ ହିଁ ପ୍ରକୃତରେ ସମାଜ ପାଇଁ ଏକ ପ୍ରେରଣା । ଏହାବ୍ୟତୀତ ଭାରତର ବୌଦ୍ଧିକ ଐତିହ୍ୟ, କାଳଜୟୀ ଜ୍ଞାନ ଏବଂ ଜ୍ଞାନ ପରମ୍ପରା ବିଶ୍ୱକୁ ସମୃଦ୍ଧ କରିଛି ଏବଂ ମାନବତାର ଭବିଷ୍ୟତକୁ ଆଲୋକିତ କରିବାର ସମ୍ଭାବନା ରଖିଛି । ଆମ ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ଜ୍ଞାନ ଭାରତମ୍ ମିଶନ ଭାରତର ବୌଦ୍ଧିକ ଐତିହ୍ୟକୁ ସୁରକ୍ଷା ଦେବା ସହିତ ଏହାର ବ୍ୟାପକ ସୁଗମତା ଏବଂ ଶୈକ୍ଷିକ ସମନ୍ୱୟକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଜ୍ଞାନ ଭାରତମ୍ ମିଶନ ବିଷୟରେ କହିଥିଲେ । ଏହି ମିଶନ ଭାରତର ସମୃଦ୍ଧ ଐତିହ୍ୟକୁ ଉପଯୋଗ କରି ଦେଶକୁ ଏକ ବିଶ୍ୱ ଜ୍ଞାନ ସୁପର ପାୱାର କରିବାରେ ସହାୟକ ହେବ ବୋଲି ସେ ଉଲ୍ଲେଖ କରିଥିଲେ ।

## ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ରଘୁରାମ ଆର ଆୟାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଅଲେଚନା କରିଛନ୍ତି । ଏହି ଆଲୋଚନା ସମୟରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହନ୍ତି, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯଯ ନେଇ ଆସୁଥିବା ଜନ ସାଧାରଣଙ୍କର ତୁରନ୍ତ ଅସୁବିଧା ସଂପର୍କରେ ବୁଝିବା, ସେମାନେ ଅଭିଯୋଗ କରୁଥିବା କାର୍ଯ୍ୟ ଗୁଡିକୁ ତଦାରଖ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଉତମ ବ୍ୟବହାର ପ୍ରଦର୍ଶନ କରିବା, କୌଣସି ଅଭିଯୋଗ ଗୁଡିକୁ ପକାଇ ନ ରଖିବା ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯଯକ୍ରମ ରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଓ ବରିଷ୍ଠ କିରାଣୀ ମାନେ ଉପସ୍ଥିତ ଥିଲେ।

## ଆଜି ବିଶ୍ୱ ହେପାଟାଇଟିସ୍ ଦିବସ

# ଚଳିତ ବର୍ଷର ଥିମ୍ 'ଚାଲ ଏହାକୁ ଭାଙ୍ଗିବା' : ଡା ଉମେଶ ପାତ୍ର

କଟକ, (ସ୍ୱପ୍ର) : ପ୍ରତିବର୍ଷ ବିଶ୍ୱ ହେପାଟାଇଟିସ୍ ଦିବସ ୨୮ ଜୁଲାଇରେ ପାଳିତ ହୁଏ । ୨୦୨୫ରେ ଜାତୀୟ ବିଷୟବସ୍ତୁ ହେଉଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା', ସମସ୍ତେ ସଚେତନ ହୋଇ ସକ୍ରିୟ ଭାଇରାଲ୍ ହେପାଟାଇଟିସ୍ ବିରୁଦ୍ଧରେ କାର୍ଯ୍ୟ କରିବା ଆବଶ୍ୟକ । ଯକୃତ ହେଉଛି ଚର୍ମ ପରେ ଶରୀରର ଦ୍ୱିତୀୟ ବୃହତମ ଅଙ୍ଗ । ଗ୍ଲୁକୋଜ୍, ଚର୍ବି, ପ୍ରୋଟିନ୍ ଉତ୍ପାଦନ ଏବଂ ବ୍ୟବହାର, ରକ୍ତ ଜମାଟ ବାନ୍ଧିବା, ବିଷାକ୍ତ ବର୍ଜ୍ୟବସ୍ତୁ ଦୂର କରିବା ସହ ସଂକ୍ରମଣ ପ୍ରତିରୋଧ ପରି ମୌଳିକ କାର୍ଯ୍ୟ କରିଥାଏ । ଆଘାତ ପରେ ତାହାର ଭରଣା ଏବଂ ପୁନରୋଥାନ କ୍ଷମତା ମଧ୍ୟ ରହିଛି ବୋଲି ପ୍ରଫେସର. ଡକଫର ଉମେଶ ଚନ୍ଦ୍ର ପାତ୍ର ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଦୂଷିତ ପାଣି ଦୂଷିତ ଖାଦ୍ୟ ଦ୍ୱାରା ହେପାଟାଇଟ୍ସ ବ୍ୟାପିଥାଏ । ପ୍ରଧାନ ପାଞ୍ଚଟି ହେପାଟାଇଟିସ୍ ଭାଇରସ୍ ଅଛି, ଯାହାକୁ ଏ, ବି, ସି, ଡି ଓ ଇ ପ୍ରକାର ଭାବରେ ବର୍ଣ୍ଣନା କରାଯାଇଛି । କେତେକ କ୍ଷେତ୍ରରେ ହେପାଟାଇଟିସ୍ ନିଜେ ନିଜେ ସୀମିତ ହୋଇପାରେ, କିନ୍ତୁ ଅନ୍ୟ ଗୁରୁତର କ୍ଷେତ୍ରରେ ଏହା ସ୍କାରିଂ, ସିରୋସିସ୍ କିମ୍ବା ଯକୃତ କର୍କଟ ପରି ମାରାତ୍ମକ ରୋଗ ସୃଷ୍ଟି କରିପାରେ । ବର୍ଷବର୍ଷ ଧରି ଥିବା କ୍ରନିକ୍ ମାମଲାରେ



ଫ୍ୟାଟି ଲିଭର୍ ରୋଗ ଏବଂ ହେପାଟାଇଟିସ୍ ବି ଏବଂ ସି ହେଉଛି ମୁଖ୍ୟ ଅବସ୍ଥା ଯାହା ମଦ୍ୟପାନ ଯୋଗୁଁ ହୋଇଥାଏ । ମଦ୍ୟପାନ ହେଉଛି ଯକୃତ ରୋଗ ଏବଂ ଯକୃତ ପ୍ରତିରୋପଣର ସବୁଠାରୁ ସାଧାରଣ କାରଣ । ବିଶେଷକରି ଯୁବ ପିଢ଼ି ମଧ୍ୟରେ ମଦ୍ୟପାନ ସଂସ୍କୃତି ବୃଦ୍ଧି ପାଇବା ସହିତ ଯକୃତ ରୋଗର ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି । ବିଶ୍ୱରେ ୨୦%ରୁ ଅଧିକ ଜଟିଳ ଯକୃତ ରୋଗ ମଦ୍ୟପାନ ଯୋଗୁଁ ହୋଇଥାଏ । ରକ୍ତ ପରୀକ୍ଷା (ଏଫଆଇବି-୪) ଏବଂ ସୋନୋଗ୍ରାଫି ମାଧ୍ୟମରେ ଯକୃତ କଠିନତା ମାପ ଭଳି ଅଣଛିଦ୍ର ସୃଷ୍ଟିକାରୀ ପରୀକ୍ଷାଗୁଡ଼ିକ ପ୍ରାରମ୍ଭିକ ଯକୃତ ରୋଗ ଚିହ୍ନଟ କରିପାରିବ । ପର୍ଯ୍ୟାପ୍ତ ପରିମାଣରେ ପନିପରିବା ଏବଂ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆପଣଙ୍କ ଶରୀର ପ୍ରାକୃତିକ ଭାବରେ ପରିଷ୍କାର କରିହୁଏ ବୋଲି ଡାକ୍ତର ପାତ୍ର କହିଛନ୍ତି । ଏଥିସହିତ ସମସ୍ତେ ସଚେତନ ହେବାକୁ ସେ ପରାମର୍ଶ ଦେଇଛନ୍ତି ।

## ରିଅଲମି ପକ୍ଷରୁ ଶିଳ୍ପ ପ୍ରଥମ ଏଆଇ ଏଡିଟ ଜେନି ସହିତ ୧୫ ସିରିଜର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ରିଅଲମି ୧୫ ପ୍ରୋ ୫ଜି ଏବଂ ରିଅଲମି ୧୫ ୫ଜିର ଶୁଭାରମ୍ଭ ଘୋଷଣା କରାଯାଇଛି। 'ଏଆଇ ପାର୍ଟି ଫୋନ' ଭାବେ ସ୍ଥାପିତ ଏହି ସିରିଜ କ୍ୟାମେରା ଉତ୍କର୍ଷତା, ଅତ୍ୟାଧୁନିକ ଏଆଇ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ପାଇଁ ଏକ ନୂଆ ମାନଦଣ୍ଡ ସ୍ଥିର କରୁଛି। ରିଅଲମି ୧୫ ସିରିଜରେ ଟ୍ରିପଲ ୫୦ଏମପି ଅଲଟ୍ରା-କ୍ଲିୟର କ୍ୟାମେରା ଓ ୪କେ ୬୦ଏଫପିଏସ ଭିଡିଓ ରେକର୍ଡିଙ୍ଗ ଫିଚର ରହିଛି ଯାହା ଯେକୌଣସି ମୁହୂର୍ତ୍ତରେ, ଯେକୌଣସି ଆଙ୍ଗେଲରୁ ସ୍ୱଷ୍ଟ ଓ ଜୀବନ୍ତ ସଟ୍ ପ୍ରଦାନ କରିପାରିଥାଏ। ଏହା ବିଶ୍ୱର ପ୍ରଥମ ଏଆଇ ଏଡିଟ ଜେନି ଟେକ୍ନୋଲୋଜି ସହ ଏଆଇ ଇମେଜିଂ ଏବଂ ବିଶେଷ କରି ଯୁବପିଢ଼ିଙ୍କ ପାଇଁ ନିର୍ମିତ ଏକ୍ସକ୍ଲୁସିଭ ଏଆଇ ପାର୍ଟି ମୋଡ୍‌କୁ ପୁନଃବ୍ୟାଖ୍ୟା କରୁଛି। ୧୫ ସିରିଜ ବ୍ୟତୀତ ନୂଆ ରିଅଲମି ବଡସ ଟି୨୦୦ ର ଶୁଭାରମ୍ଭ କରାଯାଇଛି ।ଉଭୟ ଡିଭାଇସ ୭୦୦୦ ଏମଏଏଚ ଟାଇଟନ ବ୍ୟାଟେରୀ ସହ ସୁସଜ୍ଜିତ ରହିଛି। ଉପଭୋକ୍ତାମାନେ ୫୦% ବ୍ୟାଟେରୀ ସହ ମଧ୍ୟ ସାରାଦିନ ନନ୍-ଷ୍ଟପ ବ୍ୟବହାରକୁ ଉପଭୋଗ କରିପାରିବେ ଏବଂ ଏଥିରେ ସୁପରଫାଷ୍ଟ ୮୦ୱାଟ ଚାର୍ଜିଙ୍ଗ ଏବଂ ଏକ ମଜବୁତ ୭୦୦୦ଏମଏମ ଭିସି କୁଲିଂ ସିଷ୍ଟମକୁ ମଧ୍ୟ ରହିଛି। ଉଭୟ ସ୍ମାର୍ଟଫୋନ ରିଅଲମିର ଫ୍ଲାଗସିପ-ଗ୍ରେଡ 'ଜିଟି ବୁଷ୍ଟ' ଏଆଇ ଗେମିଂ ଅପ୍ଟିମାଇଜେଶନ ସହ ଆସୁଛି ଯାହା ଗେମରଙ୍କ ପାଇଁ ଅପ୍ରତିଦ୍ୱନ୍ଦୀ ଅନୁଭୂତି ଦେଇଥାଏ।

## "ଦ ମାଙ୍ଗ୍ରୋଭସ୍ ରିଜେନେରେସନ୍ ପ୍ଲେଜ୍"ର ଶୁଭାରମ୍ଭ

ଭୁବନେଶ୍ୱର : (ସବ୍ୟୁ): ବିଶ୍ୱ ମାଙ୍ଗ୍ରୋଭ୍ ଦିବସ ପାଳନର ୧୦ମ ବର୍ଷ ପୂର୍ତ୍ତି। ଏହି ଅବସରରେ ସିଗ୍ନେଚର୍ ପ୍ୟାକେଜ୍‌ଡ ଡ୍ରିଙ୍କିଙ୍ଗ ୱାଟର ଏହାର ବ୍ରାଣ୍ଡ ଆମ୍ବାସଡର ଆୟୁଷ୍ମାନ ଖୁରାନାଙ୍କ ଦ୍ୱାରା ପ୍ରସ୍ତୁତ ହାଇ-ଡେସିବଲ ୩୬୦ ଅଭିଯାନକୁ ଉନ୍ମୋଚନ କରିଛି। ଅଭିଯାନର କେନ୍ଦ୍ରରେ ଏକ ଚଳଚ୍ଚିତ୍ର ଅଛି ଯାହା ଭାରତର ମାଙ୍ଗ୍ରୋଭ୍ ଇକୋସିଷ୍ଟମର ଭଙ୍ଗୁର ସୌନ୍ଦର୍ଯ୍ୟ ଏବଂ ସେଗୁଡ଼ିକୁ ପୁନରୁଦ୍ଧାର କରିବାର ଆବଶ୍ୟକତାକୁ ଆଲୋକିତ କରେ। "ଦି ମାଙ୍ଗ୍ରୋଭସ୍ ରିଜେନେରେସନ୍ ପ୍ଲେଜ୍" ଶୀର୍ଷକ ଚଳଚ୍ଚିତ୍ରଟି ଭାରତର ଉପକୂଳ ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଅକ୍ଳାନ୍ତ ଭାବରେ କାମ କରୁଥିବା ଲୋକଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ଇମର୍ସିଭ୍ ଭିଜୁଆଲ୍ ଏବଂ ଆୟୁଷ୍ମାନଙ୍କ ପ୍ରତିଧ୍ୱନିତ ସ୍ୱର ମାଧ୍ୟମରେ କୁହାଯାଉଥିବା ଏହି ଚଳଚ୍ଚିତ୍ରଟି ଜଳବାୟୁ ପରିବର୍ତ୍ତନ, ସ୍ଥିରତା ଏବଂ ତୃଣମୂଳ ସଂରକ୍ଷଣ ପାଇଁ ପ୍ରବର୍ତ୍ତାଉଥିବା ସମ୍ପ୍ରଦାୟଗୁଡ଼ିକର ଭୂମିଗତ ବାସ୍ତବତାକୁ ଜୀବନ୍ତ କରିଥାଏ। ରାଜ୍ୟର ପୂର୍ବ ଉପକୂଳରେ ଆରମ୍ଭ ହୋଇଥିବା ଏକ ତିନି ବର୍ଷିଆ, ଗୋଷ୍ଠୀଭିତ୍ତିକ ପଦକ୍ଷେପ। ଏହି ପ୍ରକଳ୍ପ ୬୨ ଏକରରୁ ଉର୍ଦ୍ଧ୍ୱ ଜମିର ପୁନରୁଦ୍ଧାର କରିବା ସହ ୩୦ ହଜାରରୁ ଉର୍ଦ୍ଧ୍ୱ ମାଙ୍ଗ୍ରୋଭ୍ ଚାରା ରୋପଣ କରିବା ସହ ୫ଟି ଉପକୂଳବର୍ତ୍ତୀ ଗ୍ରାମକୁ ଦୀର୍ଘକାଳୀନ ସଂରକ୍ଷଣ ପ୍ରୟାସରେ ସହଯୋଗ କରୁଛି। ସିଗ୍ନେଚର୍ ପ୍ୟାକେଜ୍‌ଡ ଡ୍ରିଙ୍କିଙ୍ଗ ୱାଟର ଡିଆଜିଓ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପୋର୍ଟଫୋଲିଓ - ମାର୍କେଟିଂ ମୁଖ୍ୟ ବରୁଣ କୁରିଚ୍ ମତ ଦେଇଛନ୍ତି, "ଓଡ଼ିଶାରେ ମାଙ୍ଗ୍ରୋଭ୍ ପୁନର୍ଜନ୍ମ ପ୍ରକଳ୍ପ ହେଉଛି ଆମର ଦାବିର ଏକ ଶକ୍ତିଶାଳୀ ପ୍ରକାଶ - ସମ୍ପ୍ରଦାୟ ଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି। ଆମର ପ୍ରସ୍ତାବ "ପ୍ରକୃତି ସହିତ ଗୋଟିଏ" ସହିତ, ଆମେ ମାଙ୍ଗ୍ରୋଭ୍ ଭଳି ପରିବେଶ ପ୍ରଣାଳୀ ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ।

## ଆଇଡ଼ିବିଆଇ ବ୍ୟାଙ୍କ ଭୁବନେଶ୍ୱର ଜୋନ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଆଇଡ଼ିବିଆଇ ବ୍ୟାଙ୍କ, ଭୁବନେଶ୍ୱର ଜୋନ୍ ପକ୍ଷରୁ ଯାଜପୁର ଜିଲ୍ଲା ଧର୍ମଶାଳାସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟର (ସିଏଚସି)ରେ ସିଏସ୍‌ଆର୍ କାର୍ଯ୍ୟକ୍ରମ "ହୋପ"ର ଆରମ୍ଭ କରାଯାଇଛି। ବ୍ୟାଙ୍କର ଜିଏମ୍ ତଥା ଡେପୁଟି ଜୋନାଲ ମୁଖ୍ୟ ଡ. ନିହାର ରଞ୍ଜନ ସାମଲ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ରୋଗୀ ଏବଂ ସେମାନଙ୍କର ପରିବାରର ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଧର୍ମଶାଳା କମ୍ୟୁନିଟି ହେଲ୍‌ଥ ସେଣ୍ଟରକୁ ହୁଇଲ୍ ଚେୟାର, ଷ୍ଟ୍ରେଚର, ବିପି ମେସିନ୍, ରୋଗୀ ବସିବା ପାଇଁ ଷ୍ଟୁଲ, ଓପିଡ଼ିରେ ପାଇଁ ରୋଗୀ ଅପେକ୍ଷା କରିବା ଷ୍ଟିଲ୍ ବେଞ୍ଚ, ଏକ୍‌ଜୁକ୍ୟୁଟିଭ୍ ରିଭଲଭିଙ୍ଗ ଚେୟାର ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସିଏଚସିର ଦାୟିତ୍ୱରେ ଥିବା ଡଃ. ସୁଧୀର କୁମାର ସାହୁ, ସ୍ଥାନୀୟ କମ୍ୟୁନିଟି ନେତୃବୃନ୍ଦ ତଥା ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳୁନଥିବା ଅଞ୍ଚଳରେ ରୋଗୀମାନଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ବ୍ୟବସ୍ଥା ଉପଲବ୍ଧ କରାଇବା ହେଉଛି "ହୋପ"ର ମୂଳ ଉଦ୍ଦେଶ୍ୟ। ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ବ୍ୟାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା, ଶିକ୍ଷା ଓ ଭିତ୍ତିଭୂମିର ବିକାଶ କରିବା ପାଇଁ ଏହାର ଉଦ୍ୟମ ଜାରି ରଖିଛି।




## କମ୍ପାନୀ ବସ ଧକାରେ ଜଣେ ମୃତ : ରାସ୍ତା ଅବରୋଧ

ଦାନଗଦି, (ସବ୍ୟୁ): କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ଚୋର୍ଦା ରାଜ୍ୟ ରାଜପଥର ଜିନ୍ଦଲ କାରଖାନା ସମୁଖରେ ରବିବାର ସାଢ଼େ ଗୋଟାରେ ଏକ କମ୍ପାନୀ ବସ ଧକ୍କାରେ ଜିନ୍ଦଲ କାରଖାନାରେ କାର୍ଯ୍ୟରତ ଶ୍ରମିକ ଦ୍ୱୟ ମଧ୍ୟରୁ ଅଭିମନ୍ୟୁ ମହାନ୍ତ(୪୨) ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଲକ୍ଷ୍ମୀଧର ମହାକୁଡ଼(୩୫) ଗୁରୁତର ଆହତ ହୋଇଥିଲେ । ସୁକିନ୍ଦା ପୂର୍ବତନ ବିଧାୟକ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଗୁରୁତର ଆହତ ବ୍ୟକ୍ତିଙ୍କୁ ଡାକ୍ତର ଖାନା ପଠାଇବା ସହିତ ମୃତ ପରିବାରକୁ ଉଚିତ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ ।ଦୀର୍ଘ ୫ଘଣ୍ଟା ଅବରୋଧ ପରେ ଜିନ୍ଦଲ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ପକ୍ଷରୁ ଦାନଗଦି ତହସିଲଦାର ରଂଜିତ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, ଓ ମୃତକଙ୍କ ପରିବାର ମଧ୍ୟରେ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା ।ରାତି ୯ ଟା ଯାଏ ଆଲୋଚନା ସମାଧାନ ନ ହେବାରୁ ରାସ୍ତା ଅବରୋଧ ଖବର ଲେଖା ଯାଏ ରାସ୍ତା ଅବରୋଧ ଜାରିରହିଛି

# ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ "ଜାତୀୟ ସିଇଓ କନକ୍ଲେଭ୍"

ଭୁବନେଶ୍ୱର, (ସବ୍ୟୁ): ଦି ଇଣ୍ଟରଭ୍ୟୁ ଟାଇମସ୍ ପକ୍ଷରୁ ଜାତୀୟ ସିଇଓ କନକ୍ଲେଭ୍" ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ଘାଟକ ଭାବେ ଅକଲ୍ୟାଣ୍ଡ ରେ ଭାରତର କନ୍ସୋଲ୍ ଜେନେରାଲ୍ ଡଃ ମଦନ ମୋହନ ସେଠି ଯୋଗଦେଇ କହିଥିଲେ ଇଣ୍ଟରଭ୍ୟୁ ଟାଇମ୍ସ ଜାତୀୟ ସିଇଓ କନକ୍ଲେଭ୍ ଭଳି ଆନ୍ତର୍ଜାତୀୟ ସ୍ତରରେ ଆଗକୁ ବଢୁ। ସିଇଓ କନକ୍ଲେଭ ଭଳି ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୀତି ସହ ଅନ୍ୟ କନକ୍ଲେଭ୍ ହେବାର ଆବଶ୍ୟକତା ରହିଛି। ସିଇଓ କନକ୍ଲେଭ ଇଣ୍ଟରଭ୍ୟୁ ଟାଇମ୍ସର ଏକ ପଦକ୍ଷେପ। ଏହା ଦ୍ୱାରା ନୂତନ ସିଇଓ ସୃଷ୍ଟି ହେବା ସହ ରାଜ୍ୟ ତଥା ଦେଶର ବିକାଶରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ସେ ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା କହିଥିଲେ ଇଣ୍ଟରଭ୍ୟୁ ଟାଇମ୍ସ ଶ୍ରେଷ୍ଠ ପତ୍ରିକା। ବିଭିନ୍ନ ବର୍ଗର ଇଣ୍ଟରଭ୍ୟୁ ଏଥିରେ ସ୍ଥାନ ପାଉଛି। ସିଇଓ କନକ୍ଲେଭ ଇଣ୍ଟରଭ୍ୟୁ ଟାଇମ୍ସର ଅଭିନବ ପଦକ୍ଷେପ। ସିଇଓ ମାନେ ନୂଆ ଓଡିଶା ଓ ନୂତନ ଭାରତର



ବିନ୍ଧାଣୀ ହେବେ। ୨୦୩୬ ସୁଦ୍ଧା ଓଡିଶା ଏକ ସମୃଦ୍ଧ ଓଡିଶା ହେବା ସହ ୨୦୪୭ ସୁଦ୍ଧା ଭାରତ ନିଜର ବ୍ଲୁ ଇକୋନାମୀ ରେ ପହଞ୍ଚିବ।

ସ୍ୱତନ୍ତ୍ର ଅତିଥି ପଦ୍ମଶ୍ରୀ ଡଃ ଅଶୋକ କୁମାର ମହାପାତ୍ର ଓ ମାନସ ରଞ୍ଜନ ପଣ୍ଡା (ପରିଚାଳନା ନିର୍ଦ୍ଦେଶକ ,ଓକାକ୍) ଯୋଗଦେଇ ଇଣ୍ଟରଭ୍ୟୁ ଟାଇମ୍ସର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ଡିଜି ଡିଆରଡିଓ ଇ ଓ ସିଏସ୍ ଡଃ ବି କେ ଦାସ୍ ,ସମ୍ମାନିତ ଅତିଥି ଭାବେ ଆରସିଏମ ର ଚେୟାରମ୍ୟାନ୍ ଡଃ ପ୍ରବିର ପାଲ୍ ଯୋଗଦେଇଥିଲେ। ଏହି ଅବସରରେ ଇଣ୍ଟରଭ୍ୟୁ ଟାଇମ୍ସର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଦି ଇଣ୍ଟରଭ୍ୟୁ ଟାଇମ୍ସର ସଂପାଦକ ଡଃ ଦିବ୍ୟଜିତ ସାହୁ କହିଥିଲେ ଯେ ୧୪ ବର୍ଷରୁ ଅଧିକ ସମୟ ଧରି, ଦି ଇଣ୍ଟରଭ୍ୟୁ ଟାଇମ୍ସ ନିଜକୁ ସକାରାତ୍ମକ କାହାଣୀ ଉପରେ ଭାରତର ଏକମାତ୍ର ଉତ୍ସର୍ଗୀକୃତ ସାକ୍ଷାତକାର-ଆଧାରିତ ପତ୍ରିକା ଭାବରେ ପ୍ରତିଷ୍ଠିତ କରିଆସିଛି । ସିଇଓ ମାନଙ୍କ ସଫଳତାକୁ ପାଳନ କରିବା ଏବଂ ପ୍ରଭାବଶାଳୀ କାହାଣୀ ମାଧ୍ୟମରେ ଅନୁପ୍ରାଣିତ କରିବା, ଏହାର ମୂଳ ଲକ୍ଷ୍ୟ । ଓଡ଼ିଶାର ଶ୍ରେଷ୍ଠ ୨୦ ସର୍ବାଧିକ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ପୁରସ୍କାର, ଷ୍ଟେଟ ଲିଡରସିପ୍ ଆୱାର୍ଡ, ରାଜ୍ୟର ସର୍ବାଧିକ ବ୍ୟାପାର କ୍ଷେତ୍ରରେ ପ୍ରେରଣାଦାୟକ ୨୦ ଜଣ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରିବା ସହ ଓଡ଼ିଶା ଷ୍ଟାର୍ଟଅପ୍ ରାଉଣ୍ଡଟେବୁଲ ଭଳି କାର୍ଯ୍ୟକ୍ରମ ଆୟୋଜନ କରିଆସିଛି । ଦି ଇଣ୍ଟରଭ୍ୟୁ ଟାଇମ୍ସର ପ୍ରତିଷ୍ଠାତା ଡକ୍ଟର ଦିବ୍ୟଜିତ ସାହୁ ଯିଏକି ଏହି ପ୍ଲାଟଫର୍ମ ସୃଷ୍ଟି କରିଛନ୍ତି ଯେଉଁଥିରେ ବିଭିନ୍ନ ବର୍ଗର ପ୍ରେରଣା ଦାୟୀ ବ୍ୟକ୍ତିଙ୍କ କାହାଣୀ ପ୍ରକାଶ ପାଇଥାଏ ।

## ମହିନ୍ଦ୍ରା ଏଣ୍ଡ୍ ମହିନ୍ଦ୍ରା ପକ୍ଷରୁ

# ଏସ୍‌ୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍‌ର ଶୁଭାରମ୍ଭ




ଭୁବନେଶ୍ୱର, (ସବ୍ୟୁ): ଭାରତର ପ୍ରମୁଖ ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିମିଟେଡ୍ ଉତ୍କଳ ଅଟୋମୋବାଇଲ୍ସ, ମଞ୍ଚେଶ୍ୱର ଠାରେ ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ଲଞ୍ଚ୍ କରିଛି, ଯାହାର ଆରମ୍ଭ ମୂଲ୍ୟ ୮.୯୪ ଲକ୍ଷ ଟଙ୍କା। ଏକ୍ସୟୁଭି ୩ଏକ୍ସଓ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ୧ ଲକ୍ଷରୁ ଅଧିକ ବିକ୍ରି ହାସଲ କରି ଏକ ବଡ଼ ସଫଳତା ପାଇଛି, ଯାହା ମହିନ୍ଦ୍ରାର ସବୁଠାରୁ ଦ୍ରୁତ ବିକ୍ରି ହେଉଥିବା ଏସ୍‌ୟୁଭି ଅଟେ। ଗ୍ରାହକଙ୍କ ଆଶା ପୂରଣ କରିବ ରେଭେକ୍ସ ସିରିଜ୍‌ର ଆକର୍ଷଣୀୟ ଫିଚସ,ର୍ ନୂଆ ଡିଜାଇନ୍ ଏବଂ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ଯାହାକି ଏକ୍ସୟୁଭି ୩ଏକ୍ସଓକୁ ଆହୁରି ଆକର୍ଷଣୀୟ କରିଛି। ଅନନ୍ୟ ବ୍ୟକ୍ତିତ୍ୱ ପ୍ରତିଫଳିତ କରୁଥିବା ଗାଡି ଖୋଜୁଥିବା ବ୍ୟକ୍ତିମାନଙ୍କୁ ଲକ୍ଷ୍ୟ କରି, ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ଲଞ୍ଚ୍ କରିଛି।

## ମହିଳା ଦୁଷ୍କର୍ମକୁ ନେଇ ବିଜେଡି ଓ କଂଗ୍ରେସ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି : ବିରଞ୍ଚି

ଭୁବନେଶ୍ୱର, (ସବ୍ୟୁ): ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ଚିତ୍କାର କରୁଥିବା ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ଭିତରେ ମହିଳା ଦୁଷ୍କର୍ମକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମହିଳା ଦୁଷ୍କର୍ମ ଘଟଣାରେ ଜେଲରେ ଥିବାବେଳେ ଆଜି ବିଜେଡିର ବିଏମସି କର୍ପୋରେଟର ଅମରେଶ ଜେନା ମଧ୍ୟ ମହିଳା ଦୁଷ୍କର୍ମ ଘଟଣାରେ ଗିରଫ ହୋଇଛନ୍ତି। ଉଭୟ ଦଳର ଅସଲ ଚେହେରା ପଦାରେ ପଡିଛି । ଉଭୟ କଂଗ୍ରେସ ଓ ବିଜେଡି ସରକାର ଅମଳରେ ଘଟିଯାଇଥିବା ମହିଳା ହିଂସା, ବ୍ୟଭିଚାର, ନିର୍ଯ୍ୟାତନାକୁ ଆଜି ପର୍ଯ୍ୟନ୍ତ ଓଡିଶାବାସୀ ଭୁଲିନାହାନ୍ତି। ଉଭୟ ଦଳର ଅପକର୍ମ କାରଣରୁ ଓଡିଶା ଏବଂ ଓଡିଶାବାସୀ ବହୁ ଥର ଦେଶ ତଥା ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହୋଇଛନ୍ତି। ଓଡିଶାର ସାଧାରଣ ଜନତା ଗୋଟିଏ ମୁଦ୍ରାର ପାଶ୍ୱର୍ ଉଭୟ ବିଜେଡି ଓ କଂଗ୍ରେସ ଦଳର ମହିଳା ବିରୋଧୀ ଆଭିମୁଖ୍ୟକୁ ଭଲ ଭାବେ ଅତୀତରେ ଦେଖିଛନ୍ତି ଏବଂ ଆଜି ବି ଦେଖୁଛନ୍ତି। ଓଡିଶାବାସୀ ଉଭୟ ଦଳକୁ କେବେହେଲେ କ୍ଷମା କରିବେ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ମହିଳା ସୁରକ୍ଷା ପ୍ରସଙ୍ଗରେ ସମ୍ବେଦନଶୀଳ ବିଜେପି। ବିଜେପି ସରକାର ମହିଳାମାନଙ୍କ ପାଇଁ ସମର୍ପିତ ସରକାର। ମହିଳା ସଶକ୍ତିକରଣ ପାଇଁ ବିଜେପି ସରକାର ବଦ୍ଧପରିକର। ମହିଳା ହିଂସା କିମ୍ବା ଦୁଷ୍କର୍ମରେ ସଂପୃକ୍ତ କୌଣସି ଅଭିଯୁକ୍ତଙ୍କୁ ବିଜେପି ସରକାରରେ ଛଡାଯିବ ନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ଫିଜିକ୍ସୱାଲା ପକ୍ଷରୁ ପିଡବ୍ଲ୍ୟୁଏନଏସଏଟି ୨୦୨୫ ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ଫିଜିକ୍ସୱାଲା (ପିଡବ୍ଲ୍ୟୁ) ପକ୍ଷରୁ ଏହାର ବୃତି ପରୀକ୍ଷା ପିଡବ୍ଲ୍ୟୁଏନଏସଏଟି (ଫିଜିକ୍ସୱାଲା ନ୍ୟାଶନାଲ ସ୍କଲାରସିପ କମ୍ ଆଡ୍‌ମିଶନ ଟେଷ୍ଟ) ୨୦୨୫ର ୪ର୍ଥ ସଂସ୍କରଣର ଘୋଷଣା କରାଯାଇଛି। ଏହି ପଦକ୍ଷେପ ସବୁ ଧରଣର ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା ଓ ମାର୍ଗଦର୍ଶନକୁ ପହଂଚଯୋଗ୍ୟ କରି ନିଟ-ୟୁଜି ଓ ଆଇଆଇଟି-ଜେଇଇ ଆଶାୟୀମାନଙ୍କୁ ସହଯୋଗ କରିବାକୁ ପ୍ରୟାସ କରିଛି।




ପିଡବ୍ଲ୍ୟୁଏନଏସଏଟି ୨୦୨୫ ଉଭୟ ଅନଲାଇନ ଓ ଅଫଲାଇନ ମୋଡରେ ପରିଚାଳିତ ହେବ ଯାହା ବିଭିନ୍ନ ଅଂଚଳରେ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷାକୁ ଅଧିକ ପହଂଚଯୋଗ୍ୟ କରିବାକୁ ଚେଷ୍ଟା କରୁଛି। ଅନ୍‌ଲାଇନ ମୋଡ ଚୟନ କରୁଥିବା ଛାତ୍ରଛାତ୍ରୀମାନେ ଆସନ୍ତା ଅକ୍ଟୋବର ୧ରୁ ଅକ୍ଟୋବର ୧୫ ତାରିଖ ୨୦୨୫ ମଧ୍ୟରେ ପରୀକ୍ଷା ଦେଇପାରିବେ। ସେହିପରି ଅଫ୍‌ଲାଇନ ମୋଡ ଚୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ପିଡବ୍ଲ୍ୟୁ ବିଦ୍ୟାପୀଠ ଓ ପାଠଶାଳା ସେଂଟରଗୁଡିକରେ ଅକ୍ଟୋବର ୫ରୁ ଅକ୍ଟୋବର ୧୨ ତାରିଖ ୨୦୨୫ ମଧ୍ୟରେ ପରୀକ୍ଷା ପରିଚାଳନା କରାଯିବ। ପରୀକ୍ଷା ପାଇଁ ପଞ୍ଜୀକରଣ ଫି' ମାଗଣା ରହିଛି ଏବଂ ଏହା ୫ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲା ରହିଛି। ଏଥିସହିତ ଉଭୟ ପିସିଏମ ଓ ପିସିବି ଷ୍ଟ୍ରିମରେ ଦ୍ୱାଦଶ ଶ୍ରେଣୀ ସମ୍ପୂର୍ଣ୍ଣ କରିସାରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏହି ପରୀକ୍ଷା ଦେଇପାରିବେ। ପରୀକ୍ଷାର ଫଳାଫଳ ଆସନ୍ତା ଅକ୍ଟୋବର ୨୫ ତାରିଖ ୨୦୨୫ରେ ଘୋଷଣା କରାଯିବ।

# ଲଜିଷ୍ଟିକ୍ସ ପ୍ରଣାଳୀ ସୁଦୃଢ଼ ହେଲେ ସୀମା ମଜଭୂତ ହେବ: ରାଜନାଥ

ଅହମ୍ମଦାବାଦ୍: ଗୁଜରାଟ ଭଦୋଦରାରେ ଆଜି ଗତି ଶକ୍ତି ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ରୂପେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଏଥିରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ରାଜନାଥ ସିଂହ କହିଥିଲେ, ଭାରତର ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ହେଉଛି । ଏହା ଦେଶର ଆର୍ଥିକ ବିକାଶ ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରୁଛି ।

ପ୍ରତିରକ୍ଷା ମନ୍ତ୍ରୀ ଲଜିଷ୍ଟିକ୍ସ କ୍ଷେତ୍ରକୁ ଏକବିଂଶ ଶତାବ୍ଦୀର ଭାରତରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର କ୍ଷେତ୍ର ଭାବେ ଅଭିହିତ କରିଥିଲେ । ସେ କହିଥିଲେ, ଏହି କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅପାର ସୁଯୋଗ ରହିଛି । ଏହା ଏକ ବିକଶିତ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ ସେ ବିକଶିତ ଭାରତ ନିର୍ମାଣର ଦାୟିତ୍ୱ ନେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ । ଲଜିଷ୍ଟିକ୍ସର ଗୁରୁତ୍ୱ ବିଷୟରେ ଆଲୋକପାତ କରି ସେ କହିଥିଲେ, ଦେଶରେ ଲଜିଷ୍ଟିକ୍ସ ସେବା ପ୍ରଣାଳୀ ସୁଦୃଢ଼ ହେଲେ, ଆମର ସୀମା ମଜବୁତ ହୋଇପାରିବ । ଦେଶର ଗୋଟିଏ ଭାଗରେ ନିର୍ମିତ ପ୍ରତିରକ୍ଷା ଉତ୍ପାଦ କିମ୍ବା ସୈନିକଙ୍କ ପାଇଁ ଖାଦ୍ୟ ସାମଗ୍ରୀ ସୀମାରେ ଠିକ୍ ସମୟରେ ପହଞ୍ଚାଇପାରିଲେ ଆମର ସୀମାରକ୍ଷୀମାନଙ୍କର ମନୋବଳ ଆହୁରି ଦୃଢ଼ ହୋଇଥାଏ । ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରି ଶ୍ରୀ ରାଜନାଥ ସିଂ କହିଥିଲେ, ବହୁମୁଖି ପରିବହନ କେନ୍ଦ୍ର ନିର୍ମାଣ କରିବା ଏବଂ ମିଶନ୍ ମୋଡରେ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଭଳି ପଦକ୍ଷେପ ଫଳରେ ଲଜିଷ୍ଟିକ୍ସ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି । ଏହାଦ୍ୱାରା ଡାଟା ଆଧାରିତ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହନ ମିଳିପାରୁଛି । ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ରେଳମନ୍ତ୍ରୀ ତଥା ଗତି ଶକ୍ତି ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ୧୧ ବର୍ଷ ମଧ୍ୟରେ ଭାରତୀୟ ରେଳରେ ହୋଇଥିବା ଯୁଗାନ୍ତକାରୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ । ଗତ ଏକ ବର୍ଷ ମଧ୍ୟରେ ରେଳ ନେଟୱର୍କ ୫,୩୦୦ କିଲୋମିଟର ବିସ୍ତାର କରାଯାଇଛି ଏବଂ ସୁଡ଼ଙ୍ଗ ନିର୍ମାଣ ମୋଟ ୩୬୮ କିଲୋମିଟରରେ ପହଞ୍ଚିଛି ବୋଲି ସେ ସୂଚନା ଦେଇଥିଲେ । ସେ କହିଥିଲେ, ଇତିହାସରେ ଅଢ଼େଇ ଶତାବ୍ଦୀକୁ ବାଦ୍ ଦେଲେ ଭାରତ ସର୍ବଦା ବିଶ୍ୱର ଶ୍ରେଷ୍ଠ ଅର୍ଥବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ହୋଇଆସିଛି । ଗତି ଶକ୍ତି ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ମାଧ୍ୟମରେ ପ୍ରତ୍ୟେକ କ୍ଷେତ୍ରରେ କେନ୍ଦ୍ରିତ ମାନବ ସମ୍ବଳ ସୃଷ୍ଟି କରି ଭାରତକୁ ପୁଣି ଥରେ ଏକ ଶ୍ରେଷ୍ଠ ଅର୍ଥବ୍ୟବସ୍ଥା କରିବା ଉପରେ ଜୋର ଦିଆଯାଉଛି । ଗତି ଶକ୍ତି ବିଶ୍ୱବିଦ୍ୟାଳୟ ପ୍ରାୟ ୪୦ଟି ଭିନ୍ନ ଭିନ୍ନ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ସହିତ ଏମଓୟୁ ସ୍ୱାକ୍ଷର କରିଛି । ଭବିଷ୍ୟତରେ ସାମୁଦ୍ରିକ ଇଞ୍ଜିନିୟରିଂ ଉପରେ କେନ୍ଦ୍ରିତ ଗବେଷଣା ପତ୍ର ପ୍ରସ୍ତୁତ କରିବା ଏବଂ ସାମୁଦ୍ରିକ ଶିଳ୍ପ ସହିତ ଏମଓୟୁ ସ୍ୱାକ୍ଷର କରିବାକୁ ସେ ପରାମର୍ଶ ଦେଇଥିଲେ । ଶ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଭାରତର ବିକାଶ ଯାତ୍ରାରେ ଯୋଗଦାନ ଦେବାକୁ ପରାମର୍ଶ ଦେଇଥିଲେ । ସେ ଏହି କ୍ଷେତ୍ରରେ ଅଭିନବ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ରମନ୍ତ୍ରୀ ଗତି ଶକ୍ତି ବିଶ୍ୱବିଦ୍ୟାଳୟକୁ 'ବିକାଶର ଇଞ୍ଜିନ'ଦ ଭାବରେ ବର୍ଣ୍ଣନା କରିଥିଲେ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣକୁ ସମର୍ଥନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ ।




ସମାବର୍ତ୍ତନ ଉତ୍ସବରେ ବିଭିନ୍ନ ବିଷୟରେ ମୋଟ ୧୯୪ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ପାଠ୍ୟକ୍ରମରୁ ଜଣେ ଛାତ୍ରଙ୍କୁ ଶିକ୍ଷାଗତ ଉତ୍କର୍ଷତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେହିପରି ଉତ୍କୃଷ୍ଟ ପ୍ରକଳ୍ପ ଏବଂ ଶ୍ରେଷ୍ଠ ବିଦ୍ୟାର୍ଥୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା କ୍ରମେ ପ୍ରତିଷ୍ଠାନ କରାଯାଇଥିବା ଗତି ଶକ୍ତି ବିଶ୍ୱବିଦ୍ୟାଳୟ ହେଉଛି ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ଯାହା ପରିବହନ ସମ୍ବନ୍ଧୀୟ ଶିକ୍ଷା, ବହୁ-ବିଷୟକ ଗବେଷଣା ଏବଂ ତାଲିମ ଉପରେ କେନ୍ଦ୍ରିତ । ଏହା ପିଏମ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନର ବ୍ୟାପକ ଉଦ୍ଦେଶ୍ୟ ସହିତ ଗଭୀର ଭାବେ ଯୋଡ଼ି ହୋଇଛି । ଭାରତର ମୌଳିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ବିପ୍ଳବ ଆଣିବା ଏହାର ଉଦ୍ଦେଶ୍ୟ ।

## ଧନଖଡ଼ କାହିଁକି ଇସ୍ତଫା ଦେଲେ ମୋଦୀ ଜାଣିଥିବେ: ଖଡ଼ଗେ

ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଦେଶରେ ରାଜନୀତି ଜୋର ଧରିଛି । ଏହି ସମୟରେ, କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ଏହା ତାଙ୍କ (ଧନଖଡ଼) ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଏକ ମାମଲା । ସେ କହିଥିଲେ ଯେ ପୂର୍ବତନ ରାଷ୍ଟ୍ରପତି ସର୍ବଦା ସରକାରଙ୍କ ସପକ୍ଷରେ ଥିଲେ । କଂଗ୍ରେସ ସଭାପତି ଖଡ଼ଗେ ପଚାରିଥିଲେ ଯେ ଚାଷୀଙ୍କ ସପକ୍ଷରେ କହିଥିବାରୁ ଧନଖଡ଼ଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା କି? ସେ ଅଭିଯୋଗ କରିଛନ୍ତି ଯେ ରାଜ୍ୟସଭା ଅଧ୍ୟକ୍ଷ ଥିବା ସମୟରେ, ଧନଖଡ଼ ନିରନ୍ତର ସରକାରଙ୍କ ପକ୍ଷ ନେଇଥିଲେ ଏବଂ ବିରୋଧୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାର ସୁଯୋଗ ଦେଇ ନଥିଲେ ।

ଉପରାଷ୍ଟ୍ରପତି ପଦରୁ ଧନଖଡ଼ଙ୍କ ଇସ୍ତଫା ସମ୍ପର୍କରେ ସେ କହିଛନ୍ତି, "ଆମ ପାଖରେ ଏ ବିଷୟରେ କୌଣସି ସୂଚନା ନାହିଁ । ଏହା ଧନଖଡ଼ ଏବଂ ମୋଦୀଙ୍କ ମଧ୍ୟରେ ମାମଲା । ସେ କହିବା ଉଚିତ ଯେ କ'ଣ ଘଟିଛି? ଯେତେବେଳେ ଆମେ ନୋଟିସ ଦେଇ ଗରିବ, ମହିଳା, ଦଳିତ ଏବଂ ବଞ୍ଚିତଙ୍କ ଉପରେ ଅତ୍ୟାଚାର ଏବଂ ହିନ୍ଦୁ-ମୁସଲିମ ସଂଘର୍ଷ ଭଳି ଘଟଣା ସହିତ ଜଡିତ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲୁ, ସେ ଆମକୁ ସୁଯୋଗ ଦେଇ ନଥିଲେ ।" ଉଲ୍ଲେଖ ଥାଉ କି ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜଗଦୀପ ଧନଖଡ଼ ଜୁଲାଇ ୨୧ ତାରିଖ ସନ୍ଧ୍ୟାରେ ହଠାତ୍ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ, ଯାହା ରାଜନୈତିକ ମହଲରେ କଳ୍ପନାଜଳ୍ପନା ସୃଷ୍ଟି କରିଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଧନଖଡ଼ କହିଥିଲେ ଯେ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ପାଇଁ ସେ ତୁରନ୍ତ ପଦ ଛାଡି ଦେଉଛନ୍ତି ।

କଂଗ୍ରେସର କର୍ଣ୍ଣାଟକ ୟୁନିଟର ସଭାପତି ପରିବର୍ତ୍ତନ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଖଡ଼ଗେ କହିଥିଲେ, "ଏସବୁ କଥା ଏବେ କୁହାଯାଇପାରିବ ନାହିଁ... ପରେ କହିବି ।"

## ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ିଲା ଘରୋଇ ମେଡିକାଲ କଲେଜ ଫି

ଲକ୍ଷ୍ନୌ: ଉତ୍ତରପ୍ରଦେଶ (ୟୁପି)ରେ ଘରୋଇ ମେଡିକାଲ କଲେଜମାନେ ଫି ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ଦେଢ଼ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଛି । ତେବେ ଏଥିରେ ଏପରି କିଛି କଲେଜ ମଧ୍ୟ ଅଛନ୍ତି ଯେଉଁମାନଙ୍କ ଫି ଗତ ବର୍ଷ ଭଳି ରହିଛି । ୟୁପିରେ ମୋଟ ୩୧ଟି ଘରୋଇ ମେଡିକାଲ କଲେଜ ଅଛନ୍ତି । ଚିକିତ୍ସା ଶିକ୍ଷା ବିଭାଗ ପକ୍ଷରୁ ନନ-ମିନୋରିଟି ମେଡିକାଲ କଲେଜ ଫି ନିର୍ଦ୍ଧାରିତ କରିଦିଆଯାଇଛି । ଶୁଳ୍କ ବୃଦ୍ଧି ପଛରେ କଲେଜମାନଙ୍କ ସଂଶାଧନ ବଢ଼ାଇବାର ତର୍କ ଦିଆଯାଇଛି ।



ଫଳରେ ଏବେ ଘରୋଇ ମେଡିକାଲ କଲେଜମାନଙ୍କର ପାଠ୍ୟକ୍ରମ ଫି ୧୨ରୁ ୧୯ ଲକ୍ଷ ଟଙ୍କାକୁ ପହଞ୍ଚିଛି । ଏହି ସବୁ କଲେଜମାନଙ୍କରେ ପୂର୍ବରୁ ନନ ଏସି ହଷ୍ଟେଲ ଫି ୧.୬୫ଲକ୍ଷ ଟଙ୍କା ଥିଲା । ଏବେ ଏହି ଫି ବଢ଼ାଇ ବାର୍ଷିକ ୧.୭୩ଲକ୍ଷ ଟଙ୍କା କରାଯାଇଛି । ସେହିପରି ଏସି ହଷ୍ଟେଲ ଫି ୧.୯୨ ଲକ୍ଷରୁ ବଢ଼ାଇ ୨.୦୨ଲକ୍ଷ ଟଙ୍କା କରାଯାଇଛି । ସିକ୍ୟୁରିଟି ରାଶି ପୂର୍ବ ଭଳି ୩ଲକ୍ଷ ଟଙ୍କା ସ୍ଥିର ଥିବା ବେଳେ ଲିଗାଲ ଫି ୯୪,୧୬୦ ଟଙ୍କା ରହିଛି ।

ତେବେ ଚିକିତ୍ସା ଶିକ୍ଷା ବିଭାଗ ପକ୍ଷରୁ ଶୈକ୍ଷଣିକ ଶୁଳ୍କ କୌଣସି ପରିସ୍ଥିତିରେ ମଧ୍ୟ ଏକକାଳୀନ ଗ୍ରହଣ କରାଯିବ ନାହିଁ ବୋଲି କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ମେଡିକାଲ କଲେଜରେ ଏହି ଶୁଳ୍କ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀ ଜମା କରିବେ । ୟୁପିରେ ସରକାରୀ ମେଡିକାଲ କଲେଜମାନଙ୍କ ଫି ୧ ଲକ୍ଷ ଟଙ୍କାରୁ ମଧ୍ୟ କମ ରହିଛି । କେଜିଏମୟୁରେ ବାର୍ଷିକ ୫୪ ହଜାର ଫି ଧାର୍ଯ୍ୟ ହୋଇଥିବା ବେଳେ ଅନ୍ୟ ସରକାରୀ କଲେଜରେ ୩୦ରୁ ୫୦ ହଜାର ଟଙ୍କା ମଧ୍ୟରେ ରହିଛି । ସେହିପରି ହଷ୍ଟେଲ ଫି ମଧ୍ୟ ୪୦ରୁ ୫୦ ହଜାର ଟଙ୍କା ମଧ୍ୟରେ ରହିଛି ।

## ଗାଜାକୁ ଆକାଶ ମାର୍ଗରୁ ଖାଦ୍ୟ ଦେବ ଇସ୍ରାଏଲ

ନୂଆଦିଲ୍ଲୀ: ଗାଜା ଷ୍ଟ୍ରିପରେ କ୍ଷୁଧାରେ ପୀଡିତ ଲୋକଙ୍କ ପାଇଁ ଏବେ ଆକାଶ ମାର୍ଗରୁ ସାହାଯ୍ୟ ଆସିବ । ଶନିବାର ବିଳମ୍ବିତ ରାତିରେ ଇସ୍ରାଏଲୀ ସେନା ଘୋଷଣା କରିଛି ଯେ ସେମାନେ ଗାଜାରେ ଖାଦ୍ୟ ଯୋଗାଣ ପାଇଁ 'ଏୟାରଡ୍ରପ୍ସ' ଅର୍ଥାତ୍ ବାୟୁ ମାର୍ଗରୁ ସହାୟତା ଆରମ୍ଭ କରିବେ ।

ଏହା ସହିତ ଜାତିସଂଘର ମାନବିକ ରିଲିଫ୍ ପାଇଁ ନୂତନ କରିଡର ଖୋଲାଯିବ । ଗାଜାରେ ଅନାହାର ଘଟଣା ବୃଦ୍ଧି ପାଉଛି ଏବଂ ଏହାକୁ ନେଇ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଓ ଇସ୍ରାଏଲର ନିକଟତମ ସହଯୋଗୀମାନେ ମଧ୍ୟ ମାନବିକ ସଙ୍କଟକୁ ଚିନ୍ତା ପ୍ରକାଶ କରୁଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ସମାଲୋଚନାର ଶିକାର ପରେ ଇସ୍ରାଏଲ ନରମ ମନୋଭାବ ପୋଷଣ କରିଛି । ଅପରପକ୍ଷରେ ମିଳିତ ଜାତିସଂଘର ଶିଶୁ ପାଣ୍ଠି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଗାଜାର ପରିସ୍ଥିତିକୁ ନେଇ ବାରମ୍ବାର ସତର୍କବାଣୀ ଜାରି କରିଛନ୍ତି ।

ରିପୋର୍ଟ ଅନୁସାରେ, ଗାଜାର ବାସ୍ତବତା ଭୟଙ୍କର ହୋଇଗଲାଣି । ଖାଦ୍ୟ ଅଭାବରୁ କୁପୋଷଣ ବ୍ୟାପିଛି । ପିଲାମାନଙ୍କର ହାଡ଼ ଦେଖାଦେବା ଆରମ୍ଭ ହୋଇଛି । ଡାକ୍ତରମାନେ ନିଜେ ଭୋକିଲା ରହି ରୋଗୀଙ୍କ ଚିକିତ୍ସା କରୁଛନ୍ତି ଏବଂ ଲୋକମାନେ ଗୁଳିଚାଳନା ମଧ୍ୟରେ କେବଳ ଗୋଟିଏ ବସ୍ତା ଅଟା ପାଇବା ପାଇଁ ଦୌଡୁଛନ୍ତି । ଶନିବାର ଦିନ ଗୋଟିଏ ଦିନରେ ୫୩ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଥିଲା ।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅନେକ ଲୋକ ଟ୍ୟାଙ୍କକୁ ରିଲିଫ୍ ଟ୍ରକ୍ ଭାବି ନେଇଥିଲେ ଏବଂ ସେଗୁଡ଼ିକ ପାଖକୁ ଆସିବା ମାତ୍ରେ ଗୁଳିଚାଳନା ଆରମ୍ଭ ହୋଇଯାଇଥିଲା । ଗାଜା ସିଟିର ଏକ



କୋଠା ଉପରେ ଆକ୍ରମଣରେ ଚାରି ଜଣ ପ୍ରାଣ ହରାଇଥିବା ବେଳେ ଖାନ ୟୁନିସରେ ଏକ ଟେଣ୍ଟରେ ଚାରି ଜଣ ନିର୍ଦ୍ଦୋଷ ଶିଶୁଙ୍କ ସମେତ ଆଠ ଜଣ ପ୍ରାଣ ହରାଇଛନ୍ତି । ଚୋଳପୁରମ ମନ୍ଦିର ବୁଲିଲେ ମୋଦିଚେନ୍ନାଇ: ତାମିଲନାଡୁର ଗଙ୍ଗେଇକୋଣ୍ଡା ଚୋଳପୁରମ ମନ୍ଦିରରେ ରବିବାର ଦିନ ଏକ ଐତିହାସିକ ଘଟଣା ଦେଖିବାକୁ ମିଳିଛି । ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତୀକାତ୍ମକ ଚୋଳ ସମ୍ରାଟ ରାଜେନ୍ଦ୍ର ଚୋଳ-ପ୍ରଥମଙ୍କ ଜନ୍ମବାର୍ଷିକୀରେ ଆୟୋଜିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ସେ ମନ୍ଦିରରେ ପ୍ରାର୍ଥନା କରିବା ସହ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସଆଇ) ଦ୍ୱାରା ପ୍ରତିଷ୍ଠିତ ଚୋଳ ଶୈବ ସ୍ଥାପତ୍ୟ ଉପରେ ଆୟୋଜିତ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ବିଶେଷ ସ୍ମାରକୀ ମୁଦ୍ରା ମଧ୍ୟ ଉନ୍ମୋଚନ କରିଥିଲେ । ଯାହା ଏହି କାର୍ଯ୍ୟକ୍ରମକୁ ଐତିହାସିକ କରିଥିଲା ।

ଦକ୍ଷିଣ ପୂର୍ବ ଏସିଆରେ ରାଜେନ୍ଦ୍ର ଚୋଳଙ୍କ ସମୁଦ୍ର ବିଜୟର ୧୦୦୦ ବର୍ଷ ପୂରଣ ଏବଂ ଗଙ୍ଗେଇକୋଣ୍ଡା ଚୋଳପୁରମ ମନ୍ଦିର ନିର୍ମାଣ ପ୍ରାରମ୍ଭକୁ ସ୍ମରଣ କରିବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥିଲା । ଏହି ମନ୍ଦିର ଚୋଳ ରାଜବଂଶର ସ୍ଥାପତ୍ୟର ଏକ ଅନନ୍ୟ ଉଦାହରଣ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳରେ ଅନ୍ତର୍ଭୁକ୍ତ ମଧ୍ୟ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ପାରମ୍ପରିକ ଭେଷ୍ଟି ଏବଂ ଅଙ୍ଗବସ୍ତ୍ର ପିନ୍ଧି ମନ୍ଦିର ପରିକ୍ରମା କରିଥିଲେ । ଏହି ସମୟରେ ମନ୍ଦିର ପରିସରରେ ଶୈବ ସ୍ତୁତିର ଶବ୍ଦ ଗୁଞ୍ଜରିତ ହେଉଥିଲା । ସମାରୋହ ସମୟରେ ପ୍ରଧାନମନ୍ତ୍ରୀ ମୋଦି ରାଜା ରାଜେନ୍ଦ୍ର ଚୋଳଙ୍କ ସ୍ମୃତିରେ ଏକ ସ୍ୱତନ୍ତ୍ର ମୁଦ୍ରା ଜାରି କରିଥିଲେ । ଅପରପକ୍ଷରେ କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ମନ୍ଦିରର ଏକ ପ୍ରତିକୃତି ଏବଂ ଏକ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

## ୬ ବର୍ଷ ପରେ 'ମାତୋଶ୍ରୀଦ'ରେ ରାଜ ଠାକରେ

ମୁମ୍ବାଇ: ୬ ବର୍ଷ ପରେ ଆଜି ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ ମାତୋଶ୍ରୀ ଯାଇଥିଲେ । 'ମାତୋଶ୍ରୀଦ ହେଉଛି ଠାକରେ (ବାଲାସାହେବ ଠାକରେ) ପରିବାରର ଘର । ସେଠାରେ ଏବେ ବାଲାସାହେବ ଠାକରେଙ୍କ ପୁଅ ତଥା ଶିବ ସେନା (ୟୁବିଟି) ନେତା ଉଦ୍ଧବ ଠାକରେ ତାଙ୍କ ପରିବାର ସହିତ ରହୁଛନ୍ତି ।

ଆଜି ହେଉଛି ଉଦ୍ଧବ ଠାକରେଙ୍କ ଜନ୍ମଦିନ । ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପାଇଁ ରାଜ ଥାକରେ ସେଠାକୁ ଯାଇଥିଲେ । 'ମାତୋଶ୍ରୀଦରେ ଦୁଇ ସଂପର୍କୀୟ ଭାଇ (ଉଦ୍ଧବ ଓ ରାଜ ଥାକରେ) ବାଲାସାହେବ ଠାକରେଙ୍କ ଫଟୋ ପାଖରେ ଛିଡ଼ା ହୋଇ ଫଟୋ ଉଠାଇଥିଲେ । ତାଦସହିତ ବାଲାସାହେବ ଠାକରେଙ୍କ ଚୌକିକୁ ପ୍ରଣାମ କରିଥିଲେ ରାଜ ଠାକରେ । ଏହା ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଦୁଇ ଭାଇଙ୍କୁ ଗୋଟିଏ ଷ୍ଟେଜରେ ଦେଖିବାକୁ ମିଳିଥିବା ବେଳେ ଆଜି ରାଜ ଠାକରେ 'ମାତୋଶ୍ରୀଦ ଆସି ଭାଇ ଉଦ୍ଧବ ଠାକରେଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପରେ ସେମାନଙ୍କ ମଧ୍ୟରେ ସଂପର୍କ ଧୀରେ ଧୀରେ ଭଲ ହେଉଥିବାର ସଙ୍କେତ ମିଳୁଛି ବୋଲି ରାଜନୀତିକ ସମୀକ୍ଷକମାନେ କହିଛନ୍ତି ।

୨୦୧୨ରେ ବାଲାସାହେବ ଠାକରେଙ୍କ ଶେଷ ସମୟଗୁଡ଼ିକରେ କିଛି ଥର 'ମାତୋଶ୍ରୀଦ ଯାଇଥିଲେ ରାଜ ଠାକରେ । ତାଦପରେ ୨୦୧୯ରେ ଥରୁଟିଏ ରାଜ ଠାକରେ ସେଠାକୁ ଯାଇଥିଲେ । ସେଥର ପୁଅ ଅମିତ ଠାକରେଙ୍କ ବିବାହ ନିମନ୍ତେ



ଭାଇ ଉଦ୍ଧବ ଠାକରେ ଓ ତାଙ୍କ ପରିବାରକୁ ନିମନ୍ତ୍ରଣ କରିବାକୁ ଅଳ୍ପ ସମୟ ପାଇଁ 'ମାତୋଶ୍ରୀଦ ଯାଇଥିଲେ ରାଜ ଠାକରେ । ତାଦପରଠାରୁ ଆଉ 'ମାତୋଶ୍ରୀଦରେ ପାଦ ପକାଇ ନଥିଲେ ରାଜ ଠାକରେ । ଚଳିତ ମାସ ପ୍ରାରମ୍ଭରେ ମୁମ୍ବାଇରେ ଆୟୋଜିତ ଏକ ରାଲିରେ ଦୁଇ ଭାଇଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା । ୨୦ ବର୍ଷ ପରେ ପ୍ରଥମ ଥର ପାଇଁ ଉଦ୍ଧବ ଓ ରାଜ ଠାକରେଙ୍କ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା । 'ମରାଠୀଦ ପରିଚୟ ପ୍ରସଙ୍ଗରେ ସେମାନେ ଏକାଠି ହୋଇଥିଲେ । 'ହିନ୍ଦୀଦ ଜୋରଜବରଦସ୍ତ ଲଦି ଦିଆଯାଉଥିବା ଅଭିଯୋଗ ଆଣି ସେମାନେ ଏକାଠି ହୋଇଥିଲେ । ମୁମ୍ବାଇର ୱର୍ଲିରେ ଅନୁଷ୍ଠିତ ହୋଇଥିବା ଏହି ରାଲିରେ ଉଦ୍ଧବ କହିଥିଲେ, ଆମେ ଏଠାରେ ଏକାଠି ହୋଇଛୁ ଏକାଠି ରହିବା ପାଇଁ । ଆମେ ମରାଠୀକୁ ସୁରକ୍ଷା ଦେବାକୁ ଏକାଠି ହୋଇଛୁ । ଆମେ ଏକାଠି ହେବାର ଏହା ଏକ ଟ୍ରେଲର ବା ଆରମ୍ଭ ମାତ୍ର । ଏହା ସହିତ ଆଗାମୀ ମୁମ୍ବାଇ ମହାନଗର ନିଗମ ନିର୍ବାଚନରେ ସେମାନେ ଏକାଠି ଲଢ଼ିବେ ବୋଲି ଉଦ୍ଧବ ଘୋଷଣା କରିଥିଲେ । ସେମାନେ ଦୁଇ ଭାଇ ଉଭୟ ମୁମ୍ବାଇ ଓ ମହାରାଷ୍ଟ୍ରକୁ ନିୟନ୍ତ୍ରଣ କରିବେ ବୋଲି ସେ କହିଥିଲେ । ୨୦୦୬ରେ ରାଜ ଠାକରେ ଶିବ ସେନାରୁ ବାହାରିଯାଇ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ଗଠନ କରିଥିଲେ । ସେହିଦିନଠାରୁ ଉଦ୍ଧବ ଠାକରେଙ୍କଠାରୁ ସେ ଉଭୟ ରାଜନୀତିକ ଓ ବ୍ୟକ୍ତିଗତ ଦୂରତା ବଜାୟ ରଖିଥିଲେ ।

## ଆତଙ୍କବାଦୀ ଓ ଭାରତର ଶତ୍ରୁଙ୍କ ପାଇଁ କିଛି ସ୍ଥାନ ସୁରକ୍ଷିତ ନୁହେଁ : ମୋଦୀ

ଚେନ୍ନାଇ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି ଯେ, 'ଅପରେସନ ସିନ୍ଦୂରଦ ଦୁନିଆକୁ ଦେଖାଇଛି ଯେ, ଯଦି ଭାରତର ସାର୍ବଭୌମତ୍ୱ ଉପରେ ଆକ୍ରମଣ ହୁଏ, ତ କେଉଁ ପ୍ରକାରର ଜବାବ ଦେବ ଏବଂ ସୀମା ପାର ସାମରିକ କାର୍ଯ୍ୟାନୁଷ୍ଠାନ ପୂରା ଦେଶରେ ଏକ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ମୋଦି ଏଠାରେ ଚୋଳ ସମ୍ରାଟ ରାଜେନ୍ଦ୍ର ଚୋଳଙ୍କ ସମ୍ମାନରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି ଯେ, ଅପରେସନ ସିନ୍ଦୂର ଏହା ମଧ୍ୟ ସାବ୍ୟସ୍ତ କରିଛି ଯେ ଭାରତକୁ ଟାର୍ଗେଟ୍ କରୁଥିବା ଶତ୍ରୁ ଓ ଆତଙ୍କବାଦୀଙ୍କ ପାଇଁ କୌଣସି ସ୍ଥାନ ସୁରକ୍ଷିତ ନାହିଁ । ଏହି କାର୍ଯ୍ୟକ୍ରମ ମହାନ ଚୋଳ ସମ୍ରାଟ ରାଜେନ୍ଦ୍ର ଚୋଳ ପ୍ରଥମଙ୍କର ଜନ୍ମ ବାର୍ଷିକୀରେ ପାଳନ କରାଯାଏ , ଯାହାକୁ "ଆଦି ତିରୁବତୀରାଇ ଦ (ତାମିଲ ମାସ ଆଦିରେ ରାଜାଙ୍କର ଜନ୍ମ ନକ୍ଷତ୍ର ତିରୁବତିରଇ ଅଛି) ଉତ୍ସବ ଭାବେ ପାଳନ କରାଯାଏ ।

ପ୍ରଧାନମନ୍ତ୍ରୀ ଅପେରସନ ସିନ୍ଦୂର ର ସମ୍ବନ୍ଧରେ କହିଛନ୍ତି , ବିଶ୍ୱ ଦେଖିଛି ଯେ, ଯଦି କେହି ଭାରତର ସୁରକ୍ଷା ଓ ସାର୍ବଭୌମତ୍ୱ ଉପରେ ହମଲା କରିଥାଏ , ତ ସେ କେମିତି ଜବାବ ଦେଇଥାଏ । ସେ କହିଛନ୍ତି , ଅପରେସନ ସିନ୍ଦୂର ସାବ୍ୟସ୍ତ କରି ଦେଇଛି ଯେ , ଭାରତର ଶତ୍ରୁଙ୍କ ପାଇଁ , ଆତଙ୍କବାଦୀଙ୍କ ପାଇଁ, କୌଣସି ନିରାପଦ ଆଶ୍ରୟ ସ୍ଥଳୀ ନାହିଁ । ଯେତେବେଳେ ମୁଁ ହେଲିପ୍ୟାଡ୍ରୁ ଏଠାକୁ ଆସିଲି , ତ ତିନି ଚାରି କିଲୋମିଟରର ଦୂରତା ହଠାତ୍ ଏକ ରୋଡ୍ ଶୋଦରେ ବଦଳିଗଲା ଏବଂ ସମସ୍ତେ ଅପରେସନ ସିନ୍ଦୂରର ପ୍ରଶଂସା କରୁଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତ, ଅପରେସନ ସିନ୍ଦୂର ପୂରା ଦେଶରେ ଏକ ନୂଆ ଜାଗରଣ, ଏକ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିଛି । ଦୁନିଆକୁ ଭାରତର ଶକ୍ତିର ଅନୁଭବ ହେବା ଉଚିତ୍ । ମୋଦି କହିଛନ୍ତି, ସମ୍ରାଟ ରାଜରାଜ ଚୋଳ ଓ ତାଙ୍କ ପୁତ୍ର ରାଜେନ୍ଦ୍ର ଚୋଳର୍ଦ୍ଧପ୍ରଥମଙ୍କ ନାଁ ଭାରତର ପରିଚୟ ଓ ଗୌରବର ପର୍ଯ୍ୟାୟ । ସେ ଘୋଷଣା କରିଛନ୍ତି ଯେ, ତାମିଲନାଡୁ ରେ ତାଙ୍କର ଭବ୍ୟ ପ୍ରତିମୂର୍ତ୍ତୀ ସ୍ଥାପିତ କରାଯିବ ଏବଂ ଏହି ପ୍ରତିମୂର୍ତ୍ତୀ ଆମର ଐତିହାସିକ ଜାଗରଣର ଆଧୁନିକ ସ୍ତମ୍ଭ ହେବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ର ଉପରେ ଟିପ୍ପଣୀ କରି ଅନେକ ଲୋକ ବ୍ରିଟେନ୍ର ମାଗ୍ନା କାର୍ଟାକୁ ଉଲ୍ଲେଖ କରନ୍ତି, ଯେତେବେଳେ ଚୋଳ ଯୁଗର 'କୁଡୁଭୋଲାଇ ବ୍ୟବସ୍ଥାଦ ଏହାଠାରୁ ମଧ୍ୟ ପୁରୁଣା । ସେ କହିଛନ୍ତି ଯେ, ଚୋଳ ଯୁଗରେ ଗ୍ରହଣ କରାଯାଇ ଥିବା ଏହି ବ୍ୟବସ୍ଥା ୧,୦୦୦ବର୍ଷରୁ ଅଧିକ ପୁରୁଣା । ମାଗ୍ନା କାର୍ଟା ଏକ ଐତିହାସିକ ଦଲିଲ, ଯାହା ୧୨୧୫ ମହିସାହେର ଇଂଲଣ୍ଡର ରାଜା ଜନ୍ଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା । ଏହି ଦଲିଲ୍ ରାଜାଙ୍କ ଶକ୍ତିକୁ ନିୟନ୍ତ୍ରଣ କରିବା ଓ ନାଗରିକଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ତିଆରି କରାଯାଇ ଥିଲା ।

## ୧୨ ହଜାରରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ

ନୂଆଦିଲ୍ଲୀ: ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ) ଆର୍ଥିକ ବର୍ଷ ୨୦୨୬ରେ ଏହାର କର୍ମଚାରୀ ସଂଖ୍ୟା ୨ ପ୍ରତିଶତକୁ ହ୍ରାସ କରିବ । ଫଳରେ ୧୨ ହଜାରରୁ ଅଧିକ କର୍ମଚାରୀ ସେମାନଙ୍କର ଚାକିରି ହରାଇବେ । ଏହି ଛଟେଇ ମୁଖ୍ୟତଃ ମଧ୍ୟମ ଏବଂ ବରିଷ୍ଠ ପରିଚାଳନାକୁ ପ୍ରଭାବିତ କରିବ ।

ଏନେଇ କମ୍ପାନୀ କହିଛି ଯେ ଏହା ନୂତନ ବଜାରରେ ପ୍ରବେଶ କରିବା, ନୂତନ ପ୍ରଯୁକ୍ତିବିଦ୍ୟାର ବିନିଯୋଗ କରିବା ଏବଂ ଅଔ କାର୍ଯ୍ୟକାରୀ କରିବା ପାଇଁ କର୍ମଚାରୀମାନଙ୍କୁ ପୁନଃପ୍ରଶିକ୍ଷିତ ଏବଂ ପୁନଃନିଯୁକ୍ତି କରୁଛି । କିନ୍ତୁ ଏହି ପ୍ରକ୍ରିୟା ଅଧୀନରେ ପ୍ରାୟ ୧୨,୨୦୦ କର୍ମଚାରୀଙ୍କ ଛଟେଇ ହେବ । ତେବେ ଏହି ପରିବର୍ତ୍ତନ ଅତ୍ୟନ୍ତ ସତର୍କତାର ସହିତ କରାଯାଉଛି । ଯାହା ଫଳରେ ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ସେବା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।

ଟିସିଏସର ସିଇଓ କେ. କୃତିବାସନ ଏକ ସାକ୍ଷାତକାରରେ କହିଛନ୍ତି ଯେ ଆମେ ନୂତନ ପ୍ରଯୁକ୍ତିବିଦ୍ୟା, ବିଶେଷକରି ଅଔ ଏବଂ ପରିଚାଳନା ମଡେଲର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଉଛୁ । କାମ କରିବାର ଉପାୟ ବଦଳୁଛି । ଆମକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବାକୁ ପଡିବ । ଆମେ ଅଔ କୁ ବ୍ୟାପକ ଭାବରେ ବ୍ୟବହାର କରୁଛୁ ।



ସେ ଆହୁରି ମଧ୍ୟ କହିଛନ୍ତି ଯେ କର୍ମଚାରୀଙ୍କ ବିକାଶ ଏବଂ କ୍ୟାରିଅର ସୁଯୋଗରେ ଗୁରୁତ୍ୱପୂର୍ଣ୍ଣ ନିବେଶ ସତ୍ତ୍ୱେ କିଛି ପଦବୀ ପାଇଁ ପୁନଃନିଯୁକ୍ତିର ଆବଶ୍ୟକତା ନାହିଁ ବୋଲି ଜଣାପଡିଛି ।

## ବଦଳିଗଲା ଆୟୁଷ୍ମାନ କାର୍ଡର ନିୟମ

ନୂଆଦିଲ୍ଲୀ ୨୭।୭: ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ଆୟୁଷ୍ମାନ କାର୍ଡକୁ ନେଇ ବଡ଼ ଖବର ଆସୁଛି । ମିଳୁଥିବା ସୂଚନା ଅନୁସାରେ ଆୟୁଷ୍ମାନ କାର୍ଡ ମାଧ୍ୟମରେ ଏବେ କିଛି ରୋଗର ଚିକିତ୍ସା ଘରୋଇ ହସ୍ପିଟାଲମାନଙ୍କରେ ମାଗଣାରେ ହୋଇ ପାରିବ ନାହିଁ । ଏଥିଲାଗି ଆପଣଙ୍କୁ ପ୍ରାଇଭେଟ ହସ୍ପିଟାଲଙ୍କୁ ଦେୟ ପୈଠ କରିବାକୁ ପଡିବ । ଉଲ୍ଲେଖଯୋଗ୍ୟ ଯେ ଆୟୁଷ୍ମାନ କାର୍ଡରେ ଲୋକଙ୍କୁ ସରକାରୀ ହସ୍ପିଟାଲ ସମେତ ଘରୋଇ ହସ୍ପିଟାଲରେ ମଧ୍ୟ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ।

ଏହି ଯୋଜନାରେ ସରକାରଙ୍କ ପକ୍ଷରୁ କାର୍ଡଧାରୀଙ୍କୁ ସରକାରୀ ହେଉ ବା ଘରୋଇ ହସ୍ପିଟାଲରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଓ ଯାଞ୍ଚ ବ୍ୟବସ୍ଥା ନିଶୁଳ୍କ କରାଯାଇଛି । ହେଲେ ଏବେ ଏହି କାର୍ଡରେ ଚିକିତ୍ସା ନିୟମ ବଦଳି ଯାଇଛି । ଯେଉଁଥିରେ ଏହି ଯୋଜନା ଅନ୍ତର୍ଗତ କିଛି ରୋଗର ଚିକିତ୍ସା କେବଳ ଓ କେବଳ ସରକାରୀ ହସ୍ପିଟାଲରେ ମାଗଣାରେ ହୋଇ ପାରିବ । ଯଦି ଏହି ସବୁ ରୋଗର ଚିକିତ୍ସା ପ୍ରାଇଭେଟ ହସ୍ପିଟାଲରେ କରାଯାଏ ତେବେ ଏଥି ପାଇଁ ରୋଗୀଙ୍କୁ ଦେୟ ପୈଠ କରିବାକୁ ପଡିବ । ଏ କ୍ଷେତ୍ରରେ କାର୍ଡ ଗ୍ରହଣୀୟ ହେବ ନାହିଁ ।




ସ୍ୱାସ୍ଥ୍ୟ ବିଭାଗରୁ ମିଳୁଥିବା ସୂଚନା ଅନୁସାରେ ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ପ୍ରାଇଭେଟ ହସ୍ପିଟାଲମାନଙ୍କରେ ୩ଟି ରୋଗର ଚିକିତ୍ସା ଓ ଅପରେସନ ଉଭୟ ବନ୍ଦ କରାଯାଇଛି । ଏଥିରେ ମସ୍ତିଷ୍କ, ପ୍ରସୂତୀଙ୍କ ଡେଲିଭରୀ ଏବଂ ଓଭାରୀ ୟୁଟ୍ରସ ଅପରେସନ ଏବେ ଆୟୁଷ୍ମାନ କାର୍ଡରେ ପ୍ରାଇଭେଟ ହସ୍ପିଟାଲରେ ହୋଇ ପାରିବନି । ଏପରି ଚିକିତ୍ସା ସୁବିଧା କେବଳ ସରକାରୀ ହସ୍ପିଟାଲରେ ମାଗଣାରେ ଉପଲବ୍ଧ ହେବ । ଏଣୁ ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ଆୟୁଷ୍ମାନ କାର୍ଡଧାରୀଙ୍କୁ ଏହି ସବୁ ରୋଗର ଚିକିତ୍ସା ସରକାରୀ ହସ୍ପିଟାଲରେ କରିବାକୁ ପଡିବ ।

ଆୟୁଷ୍ମାନ ଯୋଜନା ଦେଶରେ ଗରୀବଙ୍କ ନିମନ୍ତେ ବେଶ୍ ଲାଭଜନକ ସାବ୍ୟସ୍ତ ହେଉଛି । ଏହି କାର୍ଡ ଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ସରକାରୀ ହେଉ କି ଘରୋଇ ହସ୍ପିଟାଲରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଓ ପରୀକ୍ଷା ମାଗଣାରେ କରାଇ ପାରୁଛନ୍ତି । ଏଥିରେ ରୋଗ ଓ ଅସ୍ତ୍ରୋପଚାର ମଧ୍ୟ ଲୋକେ ପ୍ରାଇଭେଟ ହସ୍ପିଟାଲରେ କରାଇ ପାରୁଛନ୍ତି ।

# କୁଲଦୀପଙ୍କୁ ଖେଳାଇବାକୁ ଚାହୁଁଥିଲେ ଗିଲ୍



ମାଞ୍ଚେଷ୍ଟର, ୨୭।୭(ଏଜେନ୍ସି) : ମାଞ୍ଚେଷ୍ଟର ଟେଷ୍ଟ ଚାଲିଥିବା ସମୟରେ ପୂର୍ବତନ ଖେଳାଳି ସୁନିଲ ଗାଭାସ୍କରଙ୍କ ମନ୍ତବ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଗାଭାସ୍କର କହିଛନ୍ତି ଅଧିନାୟକ ଗିଲ ଚୂଡାନ୍ତ ଏକାଦଶରେ କୁଲଦୀପ ଯାଦବଙ୍କୁ ଖେଳାଇବାକୁ ଚାହୁଁଥିଲେ। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର କିନ୍ତୁ ସାର୍ଦୁଲ ଠାକୁରଙ୍କୁ ଖେଳାଇବାକୁ ଜିଦ୍ ଧରିଥିଲେ। ମ୍ୟାଚ ପୂର୍ବରୁ ଦଳ ଚୟନର ଅଧିକାର ଅଧିନାୟକଙ୍କ ପାଖରେ ରହିବା ଉଚିତ୍ କୁଲଦୀପଙ୍କ ପରି ସ୍ପିନର ଏହି ମ୍ୟାଚରେ ଖେଳିବା ଜରୁରୀ ଥିଲା ବୋଲି ଗାଭାସ୍କର କହିଛନ୍ତି। ୭୦ ଦଶକ ବେଳେ ଦଳର କୋଚ୍ ନଥିଲେ। ସେତେବେଳେ ମ୍ୟାନେଜର କିମ୍ବା ସହାୟକ ମ୍ୟାନେଜରର ଦାୟିତ୍ୱ ପ୍ରଦାନ କରାଯାଉଥିଲା। ମ୍ୟାଚ ପୂର୍ବଦିନ ସେ ତାଙ୍କ ପରାମର୍ଶ ଦେଉଥିଲେ। ଏବେ କୋଚ୍ ନିଯୁକ୍ତି ହେବା ପରେ ସେ ପରୋକ୍ଷରେ ଅଧିନାୟକ ଦାୟିତ୍ୱ ତୁଲାଇବାରେ ଲାଗିଛନ୍ତି। ଯାହାକି ଅଧିନାକୟଙ୍କ ମନୋବଳ ଭାଙ୍ଗି ଦେଉଛି। ଗାଭାସ୍କରଙ୍କ ଏହି ବୟାନ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

# ମାଞ୍ଚେଷ୍ଟର ଟେଷ୍ଟ

# ମ୍ୟାଚ ଡ୍ର, ସମ୍ମାନ ରହିଗଲା



ମାଞ୍ଚେଷ୍ଟର, ୨୭।୭ (ଏଜେନ୍ସି) : ମାଞ୍ଚେଷ୍ଟର ଟେଷ୍ଟ ଡ୍ରରେ ଶେଷ ହୋଇଛି । ମ୍ୟାଚର ଶେଷ ଦିନରେ ଟିମ୍ ଇଣ୍ଡିଆର ଶୁଭମନ୍ ଗିଲ, ରବିନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦରଙ୍କ ଚମତ୍କାର ଇନିଂସ ଯୋଗୁଁ ଭାରତର ସମ୍ମାନ ରହିଯାଇଛି। ୩ ଜଣ ବ୍ୟାଟର ଜବରଦସ୍ତ ଶତକ ହାସଲ କରି ଇଂଲଣ୍ଡର ବିଜୟ ଆଶାକୁ ପାଣିଚିଆ କରିଦେଇଛନ୍ତି। ଖାସ୍ କରି ରବିନ୍ଦ୍ର ଜାଡେଜା ଓ ୱାଂଶିଟନ୍ ସୁନ୍ଦର ଦିନ ସାରା ବ୍ୟାଟିଂ କରି ପରାଜୟକୁ ଏଡାଇ ଦେଇଛନ୍ତି। ଏହି ମ୍ୟାଚ ଭାରତ ପାଇଁ ଐତିହାସିକ ଥିଲା। ଇଂଲଣ୍ଡ ପ୍ରଥମ ଇନିଂସରେ ୬୬୯ ରନ୍ କରି ୩୧୧ ରନ୍‌ର ଲିଡ ନେଇଥିଲା। ଯାହାର ଜବାବରେ ଭରତୀୟ ଦଳ ପ୍ରଥମ ଓଭରରେ ଦୁଇଟି ବିପର୍ଯ୍ୟୟ ସତ୍ତ୍ୱେ ମ୍ୟାଚ ଡ୍ର ରଖିବାକୁ ସଫଳ ହୋଇଥିଲା। ପ୍ରଥମେ ଲୋକେଶ ରାହୁଲ ଓ ଗିଲଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୧୮୮ ରନ୍‌ର ପାର୍ଟନରସିପ୍ ଦଳ ପାଇଁ ଟର୍ଣ୍ଣି ପଏଣ୍ଟ ରହିଥିଲା। ଏହାପରେ ରବିନ୍ଦ୍ର ଜାଡେଜା ଓ ୱାଂଶିଟନ୍ ସୁନ୍ଦରଙ୍କ ମଧ୍ୟରେ ୨୦୩ ରନ୍‌ର ପାର୍ଟନରସିପ୍ ହୋଇଥିଲା। ଉଭୟଙ୍କ ଶତକ ସହ ମ୍ୟାଚ ଡ୍ର ଘୋଷଣା ହୋଇଥିଲା। ଦୁଇଟି ଇନିଂସରେ ୬ ୱିକେଟ୍ ଓ ୧୪୧ ରନ୍ କରିଥିବା ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଭାରତ ପ୍ରଥମ ପାଳିରେ ୩୫୮ ଓ ଦ୍ୱିତୀୟ ପାଳିରେ ୪୨୫/୪ ରନ କରିଥିଲା।

ଚତୁର୍ଥ ଦିନର ଅସମାପ୍ତ ଇନିଂସ ୧୭୪/୨ରୁ ଶେଷ ଦିନ ଖେଳ ଆରମ୍ଭ କରିଥିଲା ଭାରତ। ମ୍ୟାଚ ବଞ୍ଚାଇବା ପାଇଁ ହେଲେ ଟିମ୍ ଇଣ୍ଡିଆର ସବୁଠୁ ଭଲ ପ୍ରଦର୍ଶନ ଦେଖାଇବାକୁ ହେବ। ଏପରିକି ଦିନ ତମାମ ପଡିଆରେ ଇଂଲଣ୍ଡ ବୋଲରଙ୍କୁ ଜବାବ୍ ଦେବାକୁ ହେବ। ତେବେ ଯାଇ ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇପାରିବ ଭାରତ। ଏଭଳି ଏକାଧିକ ଅଙ୍କ କଷା ସହ ଭାରତୀୟ ବ୍ୟାଟର ପଡିଆକୁ ଓହ୍ଲାଇଥିଲେ। ୮୭ ରନ୍ କରିଥିବା ଲୋକେଶ ରାହୁଲଙ୍କ ସହ ଅଧିନାୟକ ଶୁଭମନ୍ ଗିଲ୍ ( ୭୮ ) ଖେଳକୁ ଆଗେଇ ନେଇଥିଲେ। ଏହି ଯୋଡି ଦୀର୍ଘ ସମୟ ପଡିଆରେ ତିଷ୍ଠି ରହିଲେ ସମୀକରଣ ପରିବର୍ତ୍ତନ ହେବ ବୋଲି ଲାଗୁଥିଲା। କିନ୍ତୁ ଲୋକେଶ ରାହୁଲ ନିଜ ସଞ୍ଜମତା ହରାଇ ବ୍ୟକ୍ତିଗତ ୯୦ ରନ୍ ସ୍କୋରରେ ବେନ୍ ଷ୍ଟୋକ୍ସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାପରେ ଗିଲ୍ ଶତକ ହାସଲ କରିଥିଲେ। ସେ ୨୩୮ ବଲର ସମ୍ମୁଖୀନ ହୋଇ ୧୨ ଟି ଚୌକା ସହାୟତାରେ ୧୦୩ ରନ୍ କରିଥିଲେ। ଚଳିତ ଶୃଙ୍ଖଳାରେ ଏହା ଗିଲଙ୍କ ଚତୁର୍ଥ ଶତକ। ଏତଦ୍‌ବ୍ୟତୀତ ସେ ଭାରତର ତୃତୀୟ ବ୍ୟାଟର ଭାବେ ଗୋଟିଏ ଶୃଙ୍ଖଳାରେ ୭ ଶହରୁ ଅଧିକ ରନ୍ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ତାଙ୍କ ପୂର୍ବରୁ ଭାରତର ସୁନିଲ ଗାଭାସ୍କର ଓ ଯଶସ୍ୱୀ ଜୟସ୍ୱାଲଙ୍କ ନାଁରେ ୭ ଶହରୁ ଅଧିକ ରନ୍ କରିବାର ରେକର୍ଡ ରହିଛି। ଜୋଫ୍ରା ଆର୍ଚରଙ୍କ ଏକ ବଲରେ ୱିକେଟ୍ ରକ୍ଷକ ସ୍ମିଥଙ୍କୁ କ୍ୟାଚ ଦେଇଥିଲେ ଗିଲ୍। ଗିଲଙ୍କ ୱିକେଟ୍ ଝଡିବାରୁ ଭାରତର ବିଜୟ ଆଶା ପଛକୁ ଘୁଞ୍ଚିଥିଲା। ଏଭଳି ଏକ ଘଡିସନ୍ଧି ମୂହୁର୍ତ୍ତରେ ୱାଶିଂଟନ ସୁନ୍ଦର ଓ ରବିନ୍ଦ୍ର ଜାଡେଜା ନିଜର ପରାକ୍ରମ ଦେଖାଇଥିଲେ। ଜାଡେଜା ଓ ୱାଂଶିଟନ ସୁନ୍ଦର ଆଗପଛ ହୋଇ ଅର୍ଦ୍ଧଶତକ ହାସଲ କରିଥିଲେ। ୱାଂଶିଟନ୍ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଓଭରରେ ଲଗାତର ଚୌକା ଓ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ରବିନ୍ଦ୍ର ଜାଡେଜା ମଧ୍ୟ ପରେ ପରେ ଅର୍ଦ୍ଧଶତକ ପୂରଣ କରିବାରୁ ଭାରତ ଲିଡ ନେଇଥିଲା। ଜାଡେଜା ୧୮୫ ବଲରୁ ୧୦୭ ଓ ୱାଶିଂଟନ ସୁନ୍ଦର ୨୦୬ ବଲରୁ ୧୦୧ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ।

ପଞ୍ଚମ ୱିକେଟ୍ ପାଇଁ ୱାଶିଂଟନ୍ ଓ ଜାଡେଜାଙ୍କ ମଧ୍ୟରେ ୨୦୩ ରନ୍‌ର ପାର୍ଟନରସିପ୍ ହୋଇଥିଲ। ଜାଡେଜା ଇଂଲଣ୍ଡ ମାଟିରେ ୧୦୦୦ ଟେଷ୍ଟ ରନ୍ ପୂରଣ କରିଛନ୍ତି। ଶେଷ ଖବର ସୁଦ୍ଧା ଭାରତ ୧୨୧ ଓଭରରେ ୪ ୱିକେଟ୍ ହରାଇ ୩୩୬ ରନ୍ କରିଥିଲା। ବୋଲିଂରେ ଇଂଲଣ୍ଡର କ୍ରିଷ ୱକ୍ସଙ୍କୁ ଦୁଇଟି, ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିବା ବେଳେ ଇଂଲଣ୍ଡ ୬୬୯ ରନ୍ କରି ୩୧୧ ରନ୍‌ର ଲିଡ ନେଇଥିଲା।

# ଅଲ ଓଡିଶା ଓପନ୍ ସ୍ନୁକର

## ମୁଖ୍ୟ ଡ୍ରରେ ୧୬ ପ୍ରତିଯୋଗୀ




ଭୁବନେଶ୍ୱର, ୨୭।୭ (ସବ୍ୟୁ) : ଅଲ ଓଡିଶା ଓପନ୍ ୧୦- ରେଡ୍ ସ୍ନୁକର ଚାମ୍ପିଅନ୍‌ସିପ୍ ଭୁବନେଶ୍ୱରର ଭିନଟେଜ୍ କ୍ଳବ୍ ପରିସରରେ ଜାରି ରହିଛି। ମ୍ୟାଚର ଦ୍ୱିତୀୟ ଦିନ ଏକାଧିକ ହଟଚମଟ ଦେଖିବାକୁ ମିଳିଥିବା ବେଳେ ୧୪ ଜଣ ପ୍ରତିଯୋଗୀ ମୁଖ୍ୟ ଡ୍ରରେ ପ୍ରବେଶ କରିଛନ୍ତି। ଏମାନେ ହେଲେ ରୁମିତ ଗୁପ୍ତା, ଜ୍ଞାନ ଦାସ, ମିଶାଲ ସ୍ୱାଇଁ, ଚେତନା ଆନନ୍ଦ, ନିଶୀ ପ୍ରକାଶ ଦାସ, ଅମିତ ସିଂ, ସତ୍ୟଦୀପ ଦାସ, ଜିତେନ ଷଡଙ୍ଗୀ, ଜାକିର ଅଲିଖାନ୍, ରାହୁଲ ହଲି, ବରୁଣ ପୂର୍ବା, ପ୍ରକାଶ ସାହୁ, ପି. ଗୋବିନ୍ଦ ରାଓ ଏବଂ ଅଲତାଭ ଅଲି। ଦ୍ୱିତୀୟ ଦିନ ମ୍ୟାଚରେ ରୁମିତ ଗୁପ୍ତା ପ୍ରଦର୍ଶନ ପ୍ରଶଂସନୀୟ ଥିଲା। ରୁମିତ ନିଜର ଶ୍ରେଷ୍ଠ ପଏଣ୍ଟିଂ ସ୍କିଲ୍ ଦେଖାଇ ମୁଖ୍ୟ ଡ୍ର ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ରୁମିତ ୨-୦ରେ ସୁଭାଙ୍ଗି ରାଓ ଏବଂ ୨-୦ରେ ପ୍ରିୟଗୋବିନ୍ଦ ମହାପାତ୍ରଙ୍କୁ ପରାଜିତ କରି କ୍ରମାଗତ ବିଜୟ ହାସଲ କରିଥିଲେ। ସେହିଭଳି ରାହୁଲ ଦୁଇଟି ଯାକ ମ୍ୟାଚ ଜିତିଥିଲେ। ଜିତେନ୍ ଷଡଙ୍ଗୀ ଦୁଇଟି ବିଜୟୀ ହୋଇଥିବା ବେଳେ ସମୀର ମିଶ୍ର, ତରୁଣ ପଟ୍ଟନାୟକ, ନିଶ୍ଚୟ ମିଶ୍ର, ବରୁଣ ପୂର୍ବା, ବିଘ୍ନେଶ ସିଂହାଲ, ଅମନ ହେମ୍ବ୍ରମ, ଚେତନା ନନ୍ଦ, ସୁଦିପ୍ତ ଦାସ, ଯଗଦିଶ ମହାନ୍ତି, ପ୍ରକାଶ ସାହୁ, ଅଭିଳାଷ ମହାନନ୍ଦ ପ୍ରମୁଖ ବିଜୟ ଲାଭ କରିଛନ୍ତି। ଦ୍ୱିତୀୟ ଦିନ ମୋଟ ୩୦ ଟି ମ୍ୟାଚ ଖେଳାଯାଇଛି।




# ମାଞ୍ଚେଷ୍ଟରରେ ଗିଲ୍‌ଙ୍କ ଉପଲବ୍ଧି

ମାଞ୍ଚେଷ୍ଟର, ୨୭।୭ (ଏଜେନ୍ସି) : ଭାରତୀୟ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଶୁଭମନ୍ ଗିଲ ମାଞ୍ଚେଷ୍ଟରରେ ବଡ ଉପଲବ୍ଧି ହାସଲ କରିଛନ୍ତି। ଚଳିତ ଇଂଲଣ୍ଡ ଗସ୍ତରେ ଗିଲ୍ ଅନେକ ଗୁଡିଏ ରେକର୍ଡ ସ୍ଥାପନ କରିଛନ୍ତି। ବିଦେଶ ମାଟିରେ ଗୋଟିଏ ଶୃଙ୍ଖଳାରେ ୭ ଶହରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ସୁନିଲ ଗାଭାସ୍କରଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ଏହି ସଫଳତା ହାସଲ କରିଛନ୍ତି। ୧୯୭୧ ୱେଷ୍ଟଇଣ୍ଡିଜ୍ ଓ ୧୯୭୯ ଇଂଲଣ୍ଡ ଗସ୍ତରେ ଗାଭାସ୍କର ଏହି କୀର୍ତ୍ତିମାନ ସ୍ଥାପନ କରିଥିଲେ। ସେହିପରି ୯୩ ବର୍ଷ ପରେ ଇଂଲଣ୍ଡରେ ଗୋଟିଏ ଶୃଙ୍ଖଳାରେ ୭ ଶହରୁ ଉର୍ଦ୍ଧ୍ୱ ରନ୍ କରି ଗିଲ ରେକର୍ଡ କରିଛନ୍ତି। ୨୦୦୬ରେ ପାକିସ୍ତାନର ମହମ୍ମଦ ୟୁସୁଫ ୬୩୧ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ଲୋକେଶ ରାହୁଲ ଓ ଗିଲ ଇଂଲଣ୍ଡରେ ସର୍ବାଧିକ ବଲ ଖେଳିବାରେ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଦୁହେଁ ୪୨୧ ବଲରେ ୧୮୮ ରନ୍ କରିଥିଲେ। ପୂର୍ବରୁ ସଞ୍ଜୟ ବାଙ୍ଗର ଓ ରାହୁଲ ଦ୍ରାବିଡ ୪୦୫ ବଲ ଖେଳିଥିଲେ। ଆଣ୍ଡରସନ୍- ତେନ୍ଦୁଲକର ଟ୍ରଫିରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଚତୁର୍ଥ ଟେଷ୍ଟରେ ସୁବିଧା ଜନକ ସ୍ଥିତିରେ ରହିଥିବାରୁ ଘରୋଇ ଦଳ ଏହାକୁ ଜିତି ଶୃଙ୍ଖଳା ବିଜୟ ଲକ୍ଷ୍ୟରେ ରହିଛି।

# ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ

## ଦୀପରଞ୍ଜନଙ୍କୁ ବ୍ରୋଞ୍ଜ



ଭୁବେନେଶ୍ୱର, ୨୭।୭(ସବ୍ୟୁ) : ମର୍ଯ୍ୟାଦାଜନକ ବ୍ରିଟିଶ୍ ଓ ଇରିଶ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ ଲେବୁଲ୍ ୧ ପ୍ରତିଯୋଗିତାରେ ଓଡିଆ ପୁଅ ଦୀପରଞ୍ଜନ ବିଶୋଇ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । କାର୍ଡିଫ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ଡବ୍ଲସ୍ ଏସ୍ଏଲ୍ ୩-ଏସଏଲ୍ ୪ ବର୍ଗରେ ଦୀପରଞ୍ଜନ ଓ ଝାରଖଣ୍ଡର ମନୋଜ ସରକାରଙ୍କ ଯୋଡି ୨୧-୨୩, ୧୮-୨୧ ଗେମ୍‌ରେ ଭାରତର ନବୀନ ଶିବ କୁମାର ଓ ଜଗଦୀଶ ଦିଲ୍ଲୀଙ୍କ ନିକଟରେ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ପଦକ ସଫଳତା ପାଇଁ ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡିଶା ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡା : କିଟ୍‌କୁ ସର୍ବାଧିକ ପଦକ



ଭୁବନେଶ୍ୱର, ୨୭।୭ (ସବ୍ୟୁ) : ଜର୍ମାନୀର ରିନେ ରୁହରରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଭାରତ ପଦକ ଅଭିଯାନ ଜାରି ରହିଛି। ତେବେ କିଟ୍‌ର ଛାତ୍ରଛାତ୍ରୀ ସର୍ବାଧିକ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି।ପ୍ରତିଯୋଗିତାର ଶେଷ ଦିନ ଆଉ ୫ ଟି ପଦକ ଭାରତ ଖାତାକୁ ଆସିଛି। ୩ ଟି ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ଜିତିଛନ୍ତି ଭାରତୀୟ ପ୍ରତିଯୋଗୀ। ଏ ସମସ୍ତ ପଦକ ମଧ୍ୟରୁ କିଟ୍‌ର ଛାତ୍ରଛାତ୍ରୀ ମୋଟ ୧୨ ଟି ପଦକ ଜିତିଛନ୍ତି। ତେଣୁ ଭାରତ ଏହି ପ୍ରତିଯୋଗୀତାରେ ପଦକ ଦୃଷ୍ଟିରୁ ୨୦ ତମ ସ୍ଥାନରେ ରହିଛି। ଭାରତର ୩୦୦ କ୍ରୀଡାବିତ୍ ଓ ୧୦୦ ଅଫିସିୟାଲ, ୧୪ଟି ଭିନ୍ନ ଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ଭାରତୀୟ ବିଶ୍ୱ ବିଦ୍ୟାଳୟ କ୍ରୀଡା ସଂଘ(ଏଆଇୟୁ) ପକ୍ଷରୁ ଦେଶ ମୋଟ ୫ ଟି କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏହି ୫ ଟି କେନ୍ଦ୍ର ଜରିଆରେ ଖେଳାଳି ଚୟନ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଏହି କେନ୍ଦ୍ର ମଧ୍ୟରେ କିଟ୍ ଅନ୍ୟତମ। କିଟ୍ କ୍ୟାମ୍ପସରେ ୬ ଟି କ୍ରୀଡା ଯଥା ଆଥଲେଟିକ୍ସ, ଆର୍ଚେରୀ, ବ୍ୟାଡମିଣ୍ଟନ, ଟେନିସ, ଟେବୁଲ ଟେନିସ ଓ ଭଲିବଲ କ୍ରୀଡାର ପ୍ରଶିକ୍ଷଣ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ୨୦୧୯ରେ ନାପୋଲିରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡାରେ କିଟ୍‌ର ଛାତ୍ରୀ ଦୁତୀ ଚାନ୍ଦ ସ୍ୱର୍ଣ୍ଣପଦକ ଜିତିଥିଲେ। ପ୍ରଥମ ଥର ପାଇଁ ଏହି କ୍ରୀଡାର ବ୍ୟାଡମିଣ୍ଟନ ବର୍ଗରେ ଭାରତ ବ୍ରୋଞ୍ଜ ପଦକ ଜିତିଛି। ଟେନିସରେ ମଧ୍ୟ ପ୍ରଥମ ପଦକ ସଫଳତା ମିଳିଛି। ଆର୍ଚେରୀରେ ଦୁଇଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ମିଳିଥିବା ବେଳେ ଆଥଲେଟିକ୍ସରେ ୩ଟି ରୌପ୍ୟ ଓ ୩ ଟି ବ୍ରୋଞ୍ଜ୍ ପଦକ ମିଳିଛି।

# ରାଜ୍ୟ ସ୍କୁଲ ଓପନ୍ ଚେସ୍ : ଆଦ୍ୟ ଅଦ୍‌ଭିତ ବିଜେତା

ଭୁବନେଶ୍ୱର, ୨୭।୭ (ସବ୍ୟୁ) : ଦ୍ୱିତୀୟ ରାଜ୍ୟ ଓପନ୍ ସ୍କୁଲ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଆଦ୍ୟ ଅଦ୍‌ଭିତ ଦାସ ୫ ପଏଣ୍ଟ ସହ ଚାମ୍ପିଅନ୍ ହୋଇଛନ୍ତି। ସାଇ ସ୍ୱାଗତ ପରିଜା ଦ୍ୱିତୀୟ, ମୟଙ୍କ ବରାଳ ତୃତୀୟ, ରିୟାନ୍ସ ମହାନ୍ତି ଚତୁର୍ଥ ଏବଂ ଦିବ୍ୟଦୃଷ୍ଟି ଶତପଥି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସବଜୁନିୟର ବର୍ଗରେ କଟକ ଡିଏଭି ଏସସିବି ମେଡିକାଲ୍ ପବ୍ଲିକ୍ ସ୍କୁଲର ସାଇ ଶକ୍ତି ପଣ୍ଡା ଚାମ୍ପିଅନ୍ ହୋଇଛନ୍ତି। ସତ୍ୟମ ସ୍ୱରୂପ ସାହୁ ଦ୍ୱିତୀୟ, ପ୍ରାନ୍ସୁ ଦାସ ତୃତୀୟ, ହିମାଂଶୁ ଶେଖର ସାହୁ ଚତୁର୍ଥ ଓ ଉଦୟକାନ୍ତ ନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ସହ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ବିଜେଏମ୍ ସ୍କୁଲ ୨ର ମୁଖ୍ୟ କ୍ରୀଡା ଶିକ୍ଷକ ଅଜୟ ସରକାର, କ୍ରୀଡା ଶିକ୍ଷକ ବସନ୍ତ ପ୍ରଧାନ ଓ ନୀଳିମା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ।

# ଆଞ୍ଚଳିକ ତାଏକୋଣ୍ଡୋ ଚାମ୍ପିଅନସିପ

## ଚମକିଲେ କେନ୍ଦୁଝର ବାଳକ

କେନ୍ଦୁଝର, (ସବ୍ୟୁ): ୨୦୨୫ ବର୍ଷ ପାଇଁ ସିବିଏସଇର ଆଞ୍ଚଳିକ ତାଏକୋଣ୍ଡୋ ଚାମ୍ପିଅନସିପ ଚଳିତ ମାସ ୨୪ ରୁ ୨୬ ତାରିଖ ଯାଏ ମେଘାଳୟର ଶିଲଂ ଠାରେ ବିଡିଡ୍‌ଜ୍ଞ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା, ଆସାମ, ଛତିଶଗଡ, ମେଘାଳୟ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବିଭିନ୍ନ ବିଭାଗରେ ପ୍ରାୟ ୬୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରେ କେନ୍ଦୁଝରର ତାଏକୋଣ୍ଡୋ ଖେଳାଳି ଅଦମ୍ୟ ଅରିଜିତ ରାୟ ୧୪ ବର୍ଷରୁ କମ ଓ ୪୧ କେଜି ରୁ ଅଧିକ ବିଭାଗରେ ପ୍ରଶିକ୍ଷକ ରାଜେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଂଶ ଗ୍ରହଣ କରିଥିଲେ । ମୋଟ ୨୪ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ୫ ରାଉଣ୍ଡରେ ମେଘାଳୟ, ଛତିଶଗଡ, ଆସାମ ଓ ଓଡ଼ିଶା ଖେଳାଳୀଙ୍କ ସହ ଖେଳି ଅଦମ୍ୟ ରୌପ୍ୟ ପଦକ ହାସଲ କରିଥିଲେ।ମାନସ ଡୋରା ଓ ମିତାଲି ମହାପାତ୍ର ଙ୍କ ଏକମାତ୍ର ପୁତ୍ର ଅଦମ୍ୟ କେନ୍ଦୁଝର ରବୀନ୍ଦ୍ର ବିଦ୍ୟା ନିକେତନର ଅଷ୍ଟମ ଶ୍ରେଣୀର ଛାତ୍ର । ତାଙ୍କର ଏହି ସଫଳତାରେ ପ୍ରଶିକ୍ଷକ ମୌଳିନ୍ଦୁ କୁମାର ମହାନ୍ତ ଓ ମନିଶ ପ୍ରସାଦ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶା ତାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ମଧ ଅଦମ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ସାହାଣୀ କପ୍ : ବୌଦ୍ଧ, କେନ୍ଦୁଝରରେ ଦୁଇଟି ଫାଇନାଲ

ଭୁବନେଶ୍ୱର, ୨୭।୭(ସବ୍ୟୁ) : ୬୪ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି। କଟକ ଓ ସମ୍ବଲପୁର ମଧ୍ୟରେ ଦୁଇଟି ଜୋନ୍‌ରେ ଦୁଇଟି ଫାଇନାଲ୍ ମ୍ୟାଚ ଖେଳାଯିବ। ଅଗଷ୍ଟ ୧ରେ ପ୍ରଥମ ଫାଇନାଲ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଏବଂ ଅଗଷ୍ଟ ୩ରେ ଦ୍ୱିତୀୟ ଫାଇନାଲ କେନ୍ଦୁଝର ଷ୍ଟାଡିୟମ୍‌ରେ ଖେଳାଯିବ। ରବିବାର ଅନୁଷ୍ଠିତ ସେମିଫାଇନାଲରେ ସମ୍ବଲପୁର ୫-୪ ଟାଇ ବ୍ରେକ୍‌ର ଗୋଲରେ କୋରାପୁଟକୁ ଧରାସାୟୀ କରି ଫାଇନାଲରେ ପ୍ରବେଶ କରିଛି। ବ୍ରହ୍ମପୁରରେ ଅନୁଷ୍ଠିତ ସେମିଫାଇନାଲ ଲଢେଇରେ ସମ୍ବଲପୁର ଓ କୋରାପୁଟ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଟାଇ ବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ସମ୍ବଲପୁର ୫ ଟି ଓ କୋରାପୁଟ ୪ ଟି ଗୋଲ ସ୍କୋର କରିଥିଲେ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଜାତୀୟ କେନ୍ଦ୍ରୀୟ ବିଦ୍ୟାଳୟ ସ୍ତରୀୟ

# ବନ୍ଧୁକ ଚାଳନାରେ କେଭି ୩ ଛାତ୍ର ସତ୍ୟମଙ୍କୁ ବ୍ରୋଞ୍ଜ



ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ମହାସଚିବ ଅଶୋକ ପାଇକରାୟ ଭୁବନେଶ୍ୱର ରେଳ ଷ୍ଟେସନରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ସତ୍ୟମ ଆଗକୁ ଆହୁରି ଅଧିକ ପ୍ରସ୍ତୁତି କରି ରାଜ୍ୟ ପାଇଁ ସ୍ୱର୍ଣ ପଦକ ଆଣିବେ ବୋଲି ପ୍ରକାଶ କରିଛନ୍ତି।

ଭୁବନେଶ୍ୱର : ସାମ୍ବାଦିକ ସୁଶାନ୍ତ ବିଷୋୟୀ ଓ ସ୍ୱାତୀଙ୍କ ପୁତ୍ର ଓ ଅଧିକାରୀ ବିଷୋୟୀଙ୍କ ପୌତ୍ର ତଥା ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ୩ର ସପ୍ତମ ଶ୍ରେଣୀ ଛାତ୍ର ସତ୍ୟମ ବିଷୋୟୀ ପଞ୍ଜାବ ଫୁଗୱାଡ଼ାରେ ଅନୁଷ୍ଠିତ ୫୪ ତମ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନ୍ୟାସନାଲ ସ୍ପୋର୍ଟ୍ ମିଟ୍ ୨୦୨୫ରେ ବନ୍ଧୁକ ଚାଳନାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦ ମିଟର୍ ପିପ୍ ସାଇଟ୍ ଏୟାର ରାଇଫଲ୍ ଇଭେଣ୍ଟ୍ରେ ମାଷ୍ଟର ସତ୍ୟମ ୧୪ ବର୍ଷରୁ କମ୍ ବିଭାଗରେ ମୋଟ ୩୭୯ ପଏଣ୍ଟ ହାସଲ କରି କାଂସ୍ୟ ପଦକ ଅର୍ଜନ କରିଛନ୍ତି। ତାଙ୍କୁ ପଦକ ସହିତ ପାଞ୍ଚ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ପଞ୍ଜାବ ଫୁଗବାଡା ଲଭଲି ପ୍ରଫେସନଝଲ ୟୁନିଭରସିଟିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ତାଙ୍କର ଏହି ସଫଳତା ସାରା ଓଡ଼ିଶାକୁ ଗୌରବାନ୍ୱିତ କରିଛି। ଏଥି ସହ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱର ରିଜିଅନ, ଓଡ଼ିଶାକୁ ପ୍ରଥମ ଥର ଲାଗି ବନ୍ଧୁକ ଚାଳନାରେ କାଂସ୍ୟ ପଦକ ମିଳିଛି । କେନ୍ଦ୍ରୀୟ ବିଦ୍ୟାଳୟ-୩ରେ ଖୁସିର ଲହରୀ ଖେଳି ଯାଇଛି । ଆଜି ରାଜଧାନୀ ଏକ୍ସପ୍ରେସରେ ଫେରିଲା ବେଳେ ବିଭିନ୍ନ ସଂଗଠନ ତରଫରୁ ତାଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଦୂରଦର୍ଶୀ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ଓଡିଶା ଅଭିଭାବକ

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି